ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ବାଲେଶ୍ୱର ■ ଗୁରୁବାର ୧୫ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 15 OCTOBER 2020

Vol.No. 30 ■ No. 262 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj





2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts

From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,

# କୋଭିଡ ମୁକାବିଲା ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

## ପାର୍ବଣ ଓ ଶୀତ ଋତୁକୁ ଦୃଷ୍ଟିରେ ରଖି ଅଧିକ ସତର୍କତା ଅବଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



ଭୁବନେଶ୍ୱର,୧୪ା୧୦ (ନି.ପ୍ର): କୋଭିଡ ପରିଚାଳନାରେ ଓଡିଶା କ୍ରମାଗତଭାବେ ଭଲ ପ୍ରଦର୍ଶନ କରିଆସୁଛି । ସମସ୍ତ ସୂଚକାଙ୍କ ଜାତୀୟ ହାର ଠାରୁ ଭଲ ରହିଛି । ଅଧିକାଂଶ ଜିଲ୍ଲାରେ ନୂଆ ସଂକ୍ରମଣ କମୁଛି । କଟକ, ଖୋର୍ଦ୍ଧା ଓ ପୁରୀ ପରି ଅଧିକ ସଂକ୍ରମଣ ଥିବା ଜିଲ୍ଲାଗୁଡିକରେ ମଧ ପରିସ୍ଥିତିର ଉନ୍ନତି ଆସିଛି । ଆଗକୁ ପୂଜା ଋତୁ ଆସୁଥିବାରୁ ଏବଂ ତା ପରେ ପରେ ଶୀତ ଋତୁର ପ୍ରଭାବ ଆସୁଥିବାରୁ ପ୍ରଶାସନକୁ ସଂପୂର୍ଣ୍ଣ ଭାବେ ସତର୍କ ରହି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଏବଂ କୋଭିଡ ନିୟମାବଳୀକୁ ଦୃଢ ଭାବରେ କାର୍ଯ୍ୟକାରୀ କରିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବୁଧବାର ଦିନ ଭିଡିଓ କନ୍‌ଫରେନସିଂ ଜରିଆରେ କୋଭିଡ ପରିଚାଳନାର ସମୀକ୍ଷା କରି ବରିଷ୍ଠ ଅଧିକାରୀ ମାନଙ୍କୁ ଏହି ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେରଳ କୋଭିଡ ପରିଚାଳନାରେ ଅତି ଭଲ ପ୍ରଦର୍ଶନ କରିଆସୁଥିଲା । କିନ୍ତୁ ଓନାମ ଉତ୍ସବ ପରେ ସଂକ୍ରମଣ ବହୁ ପରିମାଣରେ ବଢିଯାଇଛି । ଇଉରୋପୀୟ ଦେଶ ଗୁଡିକରେ ମଧ ସଂକ୍ରମଣର ସେକେଣ୍ଡ ୱେଭ୍ ଦେଖାଦେଇଛି । ତେଣୁ ସାମାନ୍ୟ ଢିଲା ପଣ ଆସିଲେ, ପରିସ୍ଥିତି ଗମ୍ଭୀର ହେବାର ଆଶଙ୍କା ରହିଛି । ସେଥିପାଇଁ ପ୍ରଶାସନ ଏ କ୍ଷେତ୍ରରେ ସଂପୂର୍ଣ୍ଣ ସତର୍କ ରହି ଲୋକଙ୍କୁ ସଚେତନ କରିବା ଏବଂ ସବୁ ନିୟମର ଦୃଢ ଅନୁପାଳନ ଉପରେ ଧ୍ୟାନ କେନ୍ଦ୍ରୀତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହି ଅବସରରେ ରାଜ୍ୟରେ ଅର୍ଥନୈତିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଓଡିଶା ବର୍ତମାନ ପୁଞ୍ଜି ବିନିଯୋଗର ଏକ ଆକର୍ଷଣୀୟ କ୍ଷେତ୍ର ହୋଇପାରିଛି । ତେଣୁ ବୃହତ ଶିଳ୍ପ ହେଉ, କିମ୍ବା ମଧମ ବା ଏମଏସଏମଇ କ୍ଷେତ୍ର ହେଉ – ସମସ୍ତ ଶିଳ୍ପ ପ୍ରକଳ୍ପ ଗୁଡିକୁ ସବୁସ୍ତରରେ ସହଯୋଗ ଯୋଗାଇ ଦେଇ ଠିକ୍ ସମୟରେ ପ୍ରକଳ୍ପ ଯେପରି କାର୍ଯ୍ୟକାରୀ ହେବ ଏବଂ ପୁଞ୍ଜି ବିନିଯୋଗର ଲାଭ ଯେପରି ଲୋକମାନେ ପାଇପାରିବେ, ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ନରେଗା, ମିଶନ ଶକ୍ତି ଓ ଜୀବିକା ମିଶନ ଆଦି ଜୀବିକା କାର୍ଯ୍ୟକ୍ରମ ଗୁଡିକୁ ମଧ ଉପଯୁକ୍ତ ପ୍ରାଧାନ୍ୟ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିଳ୍ପ, ଖଣି, ନିର୍ମାଣ, ସେବା, ପରିବହନ ଆଦି ସବୁ କ୍ଷେତ୍ରରେ ଅର୍ଥନୈତିକ କାର୍ଯ୍ୟକ୍ରମକୁ ଆଗ୍ରାଧିକାର ଦେବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏ କ୍ଷେତ୍ରରେ କୌଣସି ବାଧାକୁ ବରଦାସ୍ତ କରାଯିବ ନାହିଁ । ଯେକୌଣସି ଅର୍ଥନୈତିକ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି କରାଗଲେ ▶▶ପୃଷ୍ଠା ୭

## ଆଉ ୨ ଦିନ ବର୍ଷା



ଭୁବନେଶ୍ୱର,୧୪ା୧୦ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ବର୍ତମାନ ଦୁର୍ବଳ ହୋଇ ତେଲେଙ୍ଗାନା ଉପରେରହିଛି । ଏହା ପଶ୍ଚିମ-ଉତରପଶ୍ଚିମ ଦିଗକୁ ଗତି କରୁଛି ଏବଂ ଆସନ୍ତା ୧୨ ଘଂଟା ମଧରେ ଏହା କ୍ରମାଗତ ଭାବେ ଦୁର୍ବଳ ହୋଇ ୱେଲମାର୍କଡ୍ ଲୋ ପ୍ରେସର ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ଅତ୍ୟନ୍ତ ସକ୍ରିୟ ହୋଇ ଉଠିଛି । ଫଳରେ ଆସନ୍ତା ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବହୁ ଜିଲ୍ଲାରେ ମଧମରୁ ପ୍ରବଳ ବର୍ଷା ଓ ବଜ୍ରପାତର ସମ୍ଭାବନା ରହିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧରେ ଢେଙ୍କାନାଳ, ଅନୁଗୁଳ, ଖୋର୍ଦ୍ଧା, ନୟାଗଡ଼ , କଟକ , ଜଗତସିଂହପୁର , କେନ୍ଦ୍ରାପଡା , ଭଦ୍ରକ ଓ ଯାଜପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାବେଳେ ଅନୁଗୁଳ , ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ଦେବଗଡ଼ ଜିଲ୍ଲାରେ ବଜ୍ରପାତ ହେବାର ସମ୍ଭାବନା ରହିଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୧୬ ଅକ୍ଟୋବର ▶▶ପୃଷ୍ଠା ୭

## ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ନବରଙ୍ଗପୁର ଆରଏମସିର ବରିଷ୍ଠ କିରାଣୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର,୧୪ା୧୦ (ନି.ପ୍ର): ନବରଙ୍ଗପୁରର ଆର୍ଏମ୍‌ସିର ବରିଷ୍ଠ କିରାଣୀ ଅଶୋକ ନନ୍ଦଙ୍କ ଘରେ ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ବୁଧବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି । ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ତାଙ୍କର ତିନିଟି ଜାଗାରେ ଭିଜିଲାନ୍ସ ଚଢ଼ାଉ କରିଛି । ଚଢ଼ାଉ ସମାପ୍ତ ପରେ ହିଁ ସର୍ବମୋଟ ଆକଳନ କରାଯିବ ବୋଲି ସୂଚନା ଦେଇଛନ୍ତି ଜଣେ ଭିଜିଲାନ୍ସ ଅଧିକାରୀ କହିଛନ୍ତି ।

## କରୋନାରୁ ସୁସ୍ଥ ହେଲେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ

ଭୁବନେଶ୍ୱର,୧୪ା୧୦ (ନି.ପ୍ର): କରୋନା ଆକ୍ରାନ୍ତ ହେବା ପରେ ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିବା ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗର ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୁସ୍ଥ ହୋଇଛନ୍ତି । ସେ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ ଏହି ଅବସରରେ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଓ ଅନ୍ୟ ହସପିଟାଲ କର୍ମୀମାନଙ୍କୁ ଧନ୍ୟବାଦ ଦେବା ସହ କହିଛନ୍ତି ଯେ ଡାକ୍ତର ତାଙ୍କୁ ଆଉ କିଛି ଦିନ ବିଶ୍ରାମ କରିବାକୁ ପରାମର୍ଶ ଦେଇଛନ୍ତି ।

## ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୧,୪୫,୦୧୫ ନମୁନାର ପରୀକ୍ଷଣ

ନୂଆଦିଲ୍ଲୀ,୧୪ା୧୦ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ କୋବିଡ ପାଇଁ ୧୧,୪୫,୦୧୫ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା ୯,୦୦,୯୦,୧୨୨ ନମୂନାର ପରୀକ୍ଷଣ କରା ଯାଇଥିବା ଆଇଏମସିଆର ପକ୍ଷରୁ ସୂଚନା ଦିଆ ଯାଇଛି ।

## ଓଡିଶାରେ ବନ୍ୟା ଆଶଙ୍କା ନାହିଁ : ଏସଆରସି



ଭୁବନେଶ୍ୱର,୧୪ା୧୦ (ନି.ପ୍ର): ନିକଟରେ ହୋଇଥିବା ଲଘୁଚାପ ଗଭୀର ଅବପାତର ରୂପ ନେଇ ଗତକାଲି ଆନ୍ଧ୍ରପ୍ରଦେଶର କାକିନାଡା ଠାରେ ଲ୍ୟାଣ୍ଡ ଫଲ୍ କରିଥିଲା । ଏହାର ପ୍ରଭାବରେ ଦକ୍ଷିଣ .ଓଡିଶା ବିଶେଷ କରି ଗଜପତି ଓ ଗଂଜାମ ଜିଲ୍ଲାରେ କିଛି ମାତ୍ରାରେ କ୍ଷୟ କ୍ଷତି ହୋଇଛି । ତେବେ ବଡ ଧରଣ କୌଣସି ବିପଦ ନାହିଁ ବୋଲି ସୂଚନା ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିସନର ପ୍ରଦୀପ କୁମାର ଜେନା । ଗଭୀର ଅବପାତ, ଅବପାତରେ ପରିଣତ ହୋଇଛି । ଏହାର ପ୍ରଭାବ ଓଡ଼ିଶା ଉପରେ ଆଉ ନାହିଁ । ଆସିକା ଓ ହିଞ୍ଜିଳିରେ ଡ୍ରେନେଜ୍ କାମ ହୋଇଥିବାରୁ ଜଳମଗ୍ନ ଅବସ୍ଥା ସୃଷ୍ଟି ହୋଇନାହିଁ ବୋଲି ସେ କହିଛନ୍ତି । ସେ କହିଛନ୍ତି ଅବପାତ ପ୍ରଭାବରେ ଗଞ୍ଜାମର ୩ଟି ବ୍ଲକରେ ୨ ଦିନରେ ୩୦୦ ମିମିରୁ ଅଧିକ ବର୍ଷା ରେକର୍ଡ ହୋଇଛି । କବି ସୂର୍ଯ୍ୟନଗରରେ ୩୨୮ ମିମି,ଆସ୍କାରେ ୩୦୭.୬ ମିମି ଏବଂ ପୁରୁଷୋତମପୁରରେ ୩୦୬ ମିମି ବର୍ଷା ରେକର୍ଡ ହୋଇଥିଲା । ଗଜପତି ଜିଲ୍ଲାର ୭ ଟି ବ୍ଲକ୍ ରେ ୧୫୦ ମିମିରୁ ଅଧିକ ବର୍ଷା ହୋଇଛି । ଗଂଜାମ ଜିଲ୍ଲାର ଆଉ ୧୬ଟି ବ୍ଲକ୍ ରେ ୧୦୦ ମିମିରୁ ଅଧିକ ବର୍ଷା ହୋଇଛି । ଆଗାମୀ ୧୨ ଘଂଟାରେ ଲଘୁଚାପ ଦୁର୍ବଳ ହେବ । ଦକ୍ଷିଣ ଉପକୂଳ ଓଡ଼ିଶାର ୫ଟି ଜିଲ୍ଲାରେ ବର୍ଷା ସମ୍ଭାବନା ରହିଥିବା ବେଳେ ଅନ୍ୟ ଜିଲ୍ଲାମାନଙ୍କରେ ପାଗ ଶୁଖିଲା ରହିବ । ୭ଦିନ ଯାଏ ବଡ଼ ଧରଣର ବର୍ଷାର ସମ୍ଭାବନା ନାହିଁ ବୋଲି ସୂଚନା ମିଳିଛି । ତେବେ ଋଷିକୂଲ୍ୟା ନଦୀରେ ଜଳସ୍ତର ବଢ଼ିବାର ସମ୍ଭାବନା ରହିଥିଲେ ମଧ ବନ୍ୟା ଆଶଙ୍କା ବି ନାହିଁ । ବଂଶଧାରାର ଜଳପତନ ବୃଦ୍ଧି ପାଇଥିଲେ ହେଁ ତାହା ବର୍ତମାନ ଖସୁଛି । ବର୍ଷା କମି ଆସିଛି । ଯେଉଁ ପରିସ୍ଥିତି ସୃଷ୍ଟି ହୋଇଥିଲା ତାହା ନିୟନ୍ତ୍ରଣରେ ଅଛି ବୋଲି ଏସ୍ଆରସି ସୂଚନା ପ୍ରଦାନ କରିଛନ୍ତି ।

## ୨୬କୁ ଘୁଂଚିଲା ଦିଲ୍ଲୀପଙ୍କ ଦଣ୍ଡବିଧାନ



ନୂଆଦିଲ୍ଲୀ,୧୪ା୧୦ (ନି.ପ୍ର): ବ୍ଲକ ଆବଂଟନ ଦୁର୍ନୀତି ମାମଲାରେ ଅଭିଯୁକ୍ତ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ମାମଲାର ଦଣ୍ଡ ବିଧାନ ଏବେ ଆଗାମୀ ୨୬ରେ ହେବ । ଆଜି କୋର୍ଟ ଏହି ମାମଲାରେ ଦଣ୍ଡ ବିଧାନ ଘୋଷଣା କରିବାର ଥିଲେ ସୁଦ୍ଧା ଦିଲ୍ଲୀର ସ୍ୱତନ୍ତ୍ର ସିବିଆଇ କୋର୍ଟ ଏହାର ଶୁଣାଣୀକୁ ଆଗାମୀ ୨୬ ତାରିଖ ପର୍ଯ୍ୟନ୍ତ ଘୁଂଚାଇ ଦେଉଛନ୍ତି । ମିଳିଥିବା ସୂଚନା ଅନୁସାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ଏବେ ଏହି ମାମଲାରେ ଅକ୍ଟୋବର ୨୬ ରେ ଦଣ୍ଡ ବିଧାନ କରିବେ । ଅକ୍ଟୋବର ୨୬ ରେ ସମସ୍ତ ଦୋଷୀଙ୍କୁ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦେବା ସହ କରୋନା ପାଇଁ ସମସ୍ତ ସତର୍କତା ଅବଲମ୍ବନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଉଲ୍ଲେଖନୀୟ ଯେ ୧୯୯୯ ମସିହାରେ ଝାଡ଼ଖଣ୍ଡର ଏକ କୋଲବ୍ଲକର ଆବଣ୍ଟନରେ ଅନିୟମିତତା ହୋଇଥିବା ଅକ୍ଟୋବର ୬ ରେ ସ୍ୱତନ୍ତ୍ର ବିଚାରପତି ଭରତ ପରାଶର ତାଙ୍କ ରାୟରେ ଦର୍ଶାଇଥିଲେ । ସେତେବେଳେ କେନ୍ଦ୍ରରେ ଶାସନ କରୁଥିବା ଏନଡିଏ ସରକାରରେ କୋଇଲା ରାଷ୍ଟ୍ରମନ୍ତ୍ରୀ ଥିଲେ ଦିଲୀପ ରାୟ । ଏହି ଦୁର୍ନୀତି ମାମଲାରେ ତାଙ୍କର ସଂପୃକ୍ତି ସଂପର୍କରେ ସିବିଆଇ ତଦନ୍ତ କରୁଥିଲା ଓ ଏହି ତଦନ୍ତ ଆଧାରରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ।

## ବରମୁଣ୍ଡା ଓଭରବ୍ରିଜ୍‌ରେ ମର୍ମନ୍ତୁଦ ଦୁର୍ଘଟଣା : ଚାପି ହୋଇ ଡ୍ରାଇଭର ମୃତ

ଭୁବନେଶ୍ୱର,୧୪ା୧୦ (ନି.ପ୍ର): ଭୁବନେଶ୍ୱର ବରମୁଣ୍ଡା ଓଭରବ୍ରିଜ୍ ଉପରେ ଏକ ମର୍ମନ୍ତୁଦ ଦୁର୍ଘଟଣା ରେ ଜଣଙ୍କର ମୃତ୍ୟୁ ଘଟିଛି । ଏକ ଟ୍ରେଲରକୁ ପଛପଟୁ କୋଇଲା ବୋଝେଇ ଟ୍ରକଧକ୍କା ଦେବା ଫଳରେ ଟ୍ରକ୍ କ୍ୟାବିନ ଭିତରେ ଚାପି ହୋଇ ଡ୍ରାଇଭରର ମୃତ୍ୟୁ ହୋଇଛି । ପ୍ରଥମେ ଗୁରୁତର ଡ୍ରାଇଭରଙ୍କୁ ଉଦ୍ଧାର ପାଇଁ ଅଗ୍ନିଶମ କର୍ମଚାରୀ ଦୀର୍ଘ ଘଂଟା ଧରି ଉଦ୍ୟମ କରିଥିଲେ । ପରେ ହସ୍ପିଟାଲ ନିଆଯିବା ପରେ ଡାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ । ସୂଚନା ଅନୁସାରେ ବିଶାଖାପାଟଣାରୁ ଗୋଟିଏ କମ୍ପାନୀର ୧୧ଟି ଗାଡି କେନ୍ଦୁଝର ଅଭିମୁଖେ ଯାଉଥିଲା । କିନ୍ତୁ ବରମୁଣ୍ଡା ଓଭରବ୍ରିଜ୍ ଉପରେ ଗୋଟିଏ କଲମ୍ ଲୁହା ଟ୍ରେଲର ଖରାପ ହୋଇଯିବାରୁ ସେଠାରେ ଅଟକି ରହିଥିଲା । ପଛରୁ ଆସୁଥିବା ଏକ କୋଇଲା ବୋଝେଇ ଟ୍ରକ୍ ଟ୍ରେଲରକୁ ପଛରୁ ପିଟିଥିଲା । ଦୁର୍ଘଟଣା ଏତେ ଜୋରଦାର ଥିଲା ଯେ ଟ୍ରକ୍ ର ସମ୍ମୁଖଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ସହ କ୍ୟାବିନ୍ ଭିତରେ ଡ୍ରାଇଭର ଚାପି ହୋଇ ରହିଯାଇଯାଇଥିଲେ । ଡ୍ରାଇଭରଙ୍କୁ ଉଦ୍ଧାର କରିବାକୁ ଅଗ୍ନିଶମ କର୍ମଚାରୀ ଦୀର୍ଘ ସମୟ ଉଦ୍ୟମ କରିଥିଲେ । କ୍ରେନ୍ ସାହାଯ୍ୟରେ ଟ୍ରକ୍ ଟିକୁ ହଟାଇବାକୁ ଚେଷ୍ଟା କରିଥିଲେ । ପରେ ଟ୍ରକର ଝରକା କଟାଯାଇ ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ ।

## ରାଜ୍ୟରେ ଗତ ୨୪ ଘଂଟାରେ ୪୨,୧୬୭ କରୋନା ନମୁନା ପରୀକ୍ଷଣ

ଭୁବନେଶ୍ୱର,୧୪ା୧୦ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ମୋଟ୍ ୪୨ ହଜାର ୧୬୭ କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏଥିମଧ୍ୟରୁ ଆଂଟିଜେନ୍‌ରେ ୩୫,୬୬୨ ଆରଟିପିସିଆରରେ ୬,୪୫୧ ଓ ଟ୍ରୁନଟ୍‌ରେ ୫୪ ଟି କରୋନା ନମୁନା ପରୀକ୍ଷା କରାଯାଇଛି ।

## କଟକ ନାବାଳିକା ଦୁଷ୍କର୍ମ ଘଟଣାରେ ରାଜ୍ୟସରକାରଙ୍କୁ ବିଜେପିର ଟାର୍ଗେଟ୍

♦ ମହିଳାଙ୍କୁ ସୁରକ୍ଷା ନଦେଇପାରିଲେ ଗାଦି ଛାଡିବାକୁ ଦାବି

♦ ଅପରାଧୀକୁ ଗିରଫ କରି ଫାଶୀ ଦେବାର ବ୍ୟବସ୍ଥା କରନ୍ତୁ ରାଜ୍ୟସରକାର



ଭୁବନେଶ୍ୱର,୧୪ା୧୦ (ନି.ପ୍ର): ଜଗତସିଂହପୁର ଜିଲ୍ଲା ତିର୍ତୋଲ ଅଂଚଳର ଏକ ନବାଳିକାକୁ କଟକର ଚାଉଳିଆଗଂଜ ଥାନା ଅନ୍ତର୍ଗତ ଗତିରାଉତପାଟଣାଠାରେ କିଛି ଦୃବୃର୍ତ୍ତ ୨୨ ଦିନ ଧରି ଦୁଷ୍କର୍ମ କରିବା ଘଟଣା ରାଜ୍ୟସରକାର ଓ ପୋଲିସ ପ୍ରଶାସନର ମୁଖା ଖୋଲିଦେଇଛି । ମହିଳାଙ୍କ ସୁରକ୍ଷା ଦିଗରେ କୌଣସି କଠୋର ଆଇନ ରାଜ୍ୟରେ ଲାଗୁ ହୋଇନଥିବା ଯୋଗୁଁ ଏଭଳି ଅଭାବନୀୟ ଘଟଣା ଦିନକୁ ଦିନ ସାମ୍ନାକୁ ଆସୁଛି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ. ସାମନ୍ତସିଂହାର କହିଛନ୍ତି ଯେ, ଗତ ଦୁଇ ବର୍ଷ ମଧ୍ୟରେ ବିଜେପି ପକ୍ଷରୁ ୧୫୦ରୁ ଉର୍ଦ୍ଧ୍ୱ ଦୁଷ୍କର୍ମ ଘଟଣା ସଂପର୍କରେ ରାଜ୍ୟସରକାରଙ୍କୁ ଅବଗତ କରାଇବା ପରେ ବି ମୁଖ୍ୟମନ୍ତ୍ରୀ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ରାଜ୍ୟରେ ମହିଳାମାନଙ୍କ ଉପରେ ଦୁର୍ବ୍ୟବହାର, ଦୁଷ୍କର୍ମ ବୃଦ୍ଧି ପାଉଥିଲେ ମଧ ରାଜ୍ୟସରକାର ସଂପୂର୍ଣ୍ଣଭାବେ ନୀରବ ରହିଛନ୍ତି । ତିର୍ତୋଲରେ ଉପନିର୍ବାଚନରେ ରାଜ୍ୟସରକାର, ପୋଲିସ ଓ ପ୍ରଶସାନ ନିର୍ବାଚନ କିପରି ଶାସକ ଦଳ ଜିତିବ ସେନେଇ କାର୍ଯ୍ୟ କରୁଛନ୍ତି । ଶାସକ ଦଳ ନାରୀ ଓ ନାବାଳିକାଙ୍କୁ ସୁରକ୍ଷା ଦେଇପାରୁ ନଥିବାରୁ ତାଙ୍କୁ ଶାସନ ଦାୟୀତ୍ୱରେ ରହିବାର କୌଣସି ଅଧିକାର ନାହିଁ । ମହିଳା ସମ୍ମାନର କଥା କହୁଥିବା ମୁଖ୍ୟମନ୍ତ୍ରୀ ରାଜ୍ୟର ମହିଳାମାନଙ୍କୁ କେବେ ବି ନ୍ୟାୟ ଦେଇପାରିବେ ନାହିଁ । ଯେଉଁମାନେ ମହିଳାଙ୍କୁ ସୁରକ୍ଷା ଦେଇପାରିବେ ସେ ରାଜନୈତିକ ଦଳ ନିଜ ଗାଦି ଛାଡନ୍ତୁ ବୋଲି ଡ. ସାମନ୍ତସିଂହାର କହିଛନ୍ତି ।

ଆମ୍ବୁଲାନ୍ସ ନମିଳିବା ଯୋଗୁଁ ଟ୍ରଲିରେ ଏକ ମହିଳା ରୋଗୀଙ୍କୁ ୯୦ କିମି ପର୍ଯ୍ୟନ୍ତ ନେଇ ଶେଷରେ ମେଡିକାଲରେ ତାଙ୍କର ମୃତ୍ୟୁ ହେବା ଘଟଣାରେ ମୁଖ୍ୟମନ୍ତ୍ରୀ ମୁହଁ ଖୋଲିଲେ ନାହିଁ । ଦିନ ଦ୍ୱିପ୍ରହରରେ ମା ଭଉଣୀଙ୍କ ଇଜ୍ଜତ ଲୁଟ୍ ହେବ ଏବଂ ସରକାର ପୋଲିସ ଚୁପ୍ ରହିବେ, ଏଭଳି ସରକାର ଶାସନରେ ରହିବାର କୌଣସି ନୈତିକ ଅଧିକାର ନାହିଁ । ତୁରନ୍ତ ରାଜ୍ୟସରକାର ▶▶ପୃଷ୍ଠା ୭

## ବାଲେଶ୍ୱର ସଦର ଉପ-ନିର୍ବାଚନ

## ବିଜେପି ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କ ନାମାଙ୍କନ ପତ୍ର ଦାଖଲ



ବାଲେଶ୍ୱର,୧୪ା୧୦ (ନି.ପ୍ର): ସଦର ଉପ-ନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ପୂର୍ବତନ ବିଧାୟକ ସ୍ୱର୍ଗତ ମଦନ ମୋହନ ଦତ୍ତଙ୍କ ସୁପୁତ୍ର ମାନସ କୁମାର ଦତ୍ତ ଆଜି ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସକାଳେ ବିଭିନ୍ନ ଦେବାଦେବୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ସେ ବିଜେପି ସଦର କାର୍ଯ୍ୟାଳୟକୁ ଆସି ସ୍ୱର୍ଗତ ପିତାଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ଆଶୀର୍ବାଦ ଭିକ୍ଷା କରିଥିଲେ । ସେଠାରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ମାଆ ପ୍ରେମଲତା ଦେବୀ ଦେବୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ବର୍ଷୀୟାନ ବିଜେପି ନେତାଙ୍କୁ ଭୂମିଷ୍ଠ ପ୍ରଣାମ କରିଥିଲେ । ପୁଅର ଶୁଭ ମନାସୀ ମଆ ତାଙ୍କୁ ଦହି ଖୁଆଇ ଦେଇଥିଲେ । ଉଭୟ ମାଆ ପୁଅଙ୍କ ଲୁହ ଛଳଛଳ ଅଖି ଓ ବାଷ୍ପରୁଦ୍ଧ କଣ୍ଠ ▶▶ପୃଷ୍ଠା ୭

# ମହିଳା ପୋଲିସ ହାବିଲଦାରଙ୍କୁ ଆକ୍ରମଣ ଘଟଣାର ନିନ୍ଦା ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ

ବାରିପଦା,୧୪।୧୦ (ନି.ପ୍ର): ତିନି ଦିନ ପୂର୍ବେ ବିଶୋଇ ହାଟରେ ହାଣ୍ଡିଆ ଓ ଚୋରା ଦେଶୀ ମଦ ବିକ୍ରୀ କରୁଥିବା ୨ ଜଣ ମହିଳା ବିଶୋଇ ଥାନାର ମହିଳା ପୋଲିସ ହାବିଲଦାର ମଞ୍ଜୁଲତା ଓ ଅନ୍ୟ ଜଣେ ମହିଳା ପୁଲିସ କର୍ମଚାରୀଙ୍କୁ ମାଡମାରି ଥିଲେ । ଯାହାକି ସାମାଜିକ ଗଣମାଧ୍ୟମ ସହ ଜିଲ୍ଲାରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଥିଲା । ତେବେ ପୋଲିସ ଏହି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର୍ ଥିଲେ । ଏହି ଘଟଣାକୁ ମୟୂରଭଞ୍ଜ ଜିଲ୍ଲା ପୋଲିସ ହାବିଲଦାର ଓ କନେଷ୍ଟବଳ ସଂଘ ତରଫରୁ ଦୃଢ଼ ନିନ୍ଦା କାରାଯିବା ସହ ଦୋଷୀମାନଙ୍କ ପ୍ରତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଛନ୍ତି । ମଞ୍ଜୁଲତାଙ୍କର ଟ୍ରାକ୍ ରେକର୍ଡ ବେଶ୍ ଉତ୍ସାହ ଜନକ ଥିବାବେଳେ ଅତୀତରେ ଶିଶୁ ଚୋରୀ ମାମଲା, ଡାହାଣି ସାନ୍ଦହରେ ଫାୟାରିଂ ମାମଲା କିମ୍ବା ରାତ୍ରିକାଳୀନ ପେଟ୍ରୋଲିଂ ସବୁ କିଛି ସେ ସାହସିକତାର ଓ ନିଷ୍ଠାର ସହିତ ସମ୍ପାଦନ କରିଆସିଛନ୍ତି । ଏଣୁ ଏହି ଘଟଣାରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆ ନ ଗଲେ ଜିଲ୍ଲାରେ କାର୍ଯ୍ୟରତ ପ୍ରାୟ ୧୨୦୦ ହାବିଲଦାର ଓ କନେଷ୍ଟବଳ ମାନସିକ ଭାବରେ ନିରୁତ୍ସାହିତ ହୋଇପଡିବେ ବୋଲି ସଂଘର ପୂର୍ବତନ ସଭାପତି ପ୍ରମୋଦ କୁମାର ଦାସ କହିଛନ୍ତି । ସଂଘ ତରଫରୁ ଶ୍ରୀ ଦାସ ଏକ ପ୍ରତିନିଧି ଦଳ ସହିତ ଯାଇ ଆହତ ମଞ୍ଜୁଲତାଙ୍କୁ ଭେଟି ତାଙ୍କ ସହିତ ଆଲୋଚନା କରିଥିବାର ଜଣାପଡ଼ିଛି ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୮୫ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୧୪।୧୦ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୮୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୬୭୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୯୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# ଟ୍ରଲିରେ ସତ୍ୟବାଦୀରୁ ଏସସିବି ରୋଗୀ ନେବା ଘଟଣା : ନିରପେକ୍ଷ ତଦନ୍ତ ପାଇଁ କଂଗ୍ରେସର ଦାବି

ଭୁବନେଶ୍ୱର,୧୪।୧୦ (ନି.ପ୍ର): ସତ୍ୟବାଦୀରୁ ଗୁରୁତର ଅସୁସ୍ଥ ପତ୍ନୀଙ୍କୁ ଟ୍ରଲିରେ କଟକ ଏସସିବି ଆଣିବା ଘଟଣାରେ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ । ଏଥିପାଇଁ ମୁଖ୍ୟମନ୍ତ୍ରୀ ଉତରଦାୟୀ ବୋଲି ସେ କହିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଦାସବିଦ୍ୟାଧରପୁର ଗ୍ରାମ ପଂଚାୟତର କବୀର ଭୋଇଙ୍କ ପତ୍ନୀ ସୁକାନ୍ତି ଭୋଇ ଗୁରୁତର ଅସୁସ୍ଥ ଥିବା ସତ୍ୱେ ନିଜେ ଟ୍ରଲି ଚଳାଇ ବୋହି ନେବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅପାରଗତାକୁ ପଦାରେ ପକାଇଦେଇଛି । ମୃତ ସୁକାନ୍ତିର ପରିବାରବର୍ଗଙ୍କୁ ସରକାର ୨୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବା ସହିତ ଏ ସମସ୍ତ ଘଟଣାକୁ ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିଜ ଆଡୁ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ଏହି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ପ୍ରସଙ୍ଗକୁ ନେଇ କଂଗ୍ରେସ ସାରା ରାଜ୍ୟରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ପୁରୀ ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନଙ୍କର ଭୂମିକାକୁ ନେଇ ପ୍ରଶ୍ନ କରିବା ସହିତ ପୁରୀ ଡାକ୍ତରଖାନାକୁ ମେଡିକାଲ କଲେଜ କରିବା ପାଇଁ ସରକାର ଭିତିଭୂମି ପ୍ରସ୍ତୁତି କରୁଥିବା ସ୍ଥଳେ ସୁକାନ୍ତିର ରୋଗ ଚିହ୍ନଟ ନକରିପାରି ବୃହତର ଚିକିତ୍ସା ସୁବିଧା ପାଇଁ କଟକ କିମ୍ବା ଭୁବନେଶ୍ୱରକୁ ପଠାଇବା ପରିବର୍ତ୍ତେ କ'ଣ ପାଇଁ ଘରକୁ ପଠାଇ ଦେଇଥିଲେ ଏବଂ ମୃତ ସୁକାନ୍ତୀର ଘର ଠାରୁ ୩ କିଲୋମିଟର ଦୂରରେ ଅଳଗୁମ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ଭୂମିକା ଅତ୍ୟନ୍ତ ସନ୍ଦେହଯୁକ୍ତ । ଏହାକୁ ନେଇ ଆଗାମୀ ଦିନରେ କଂଗ୍ରେସ କବୀର ପରିବାରକୁ ନ୍ୟାୟ ଦେବା ପାଇଁ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବ ।

# ନିଳକନ୍ଦର ଲେଖକ ମଣ୍ଡଳୀ ବୈଠକ



ଭଦ୍ରକ,୧୪।୧୦(ହି.ସ) : ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଭଦ୍ରକ ଦ୍ୱାରା ପ୍ରକାଶିତ ହେଉଥିବା ବାର୍ଷିକ ମୁଖପତ୍ର ନିଳକନ୍ଦରର ଲେଖକ ମଣ୍ଡଳୀ ବୈଠକ ଭଦ୍ରକର ବାଲଗୋପାଳ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଚାର ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥୀ ନନ୍ଦଶର୍ମା ଏଥିରେ ଅଧ୍ୟକ୍ଷତା କରିଥିଲେ । ଚଳିତ ବର୍ଷ ସମିତିର ମୁଖପତ୍ର 'ନିଳକନ୍ଦର' ପ୍ରକାଶ କରାଯିବା ନିମନ୍ତେ ସ୍ଥିର ହେବା ସହିତ ପତ୍ରିକାର କଳେବର ନେଇ ଆଲୋଚନା କରାଯାଇଥିଲା । ଏହି ପତ୍ରିକାରେ କେବଳ ଜଗନ୍ନାଥ ଧର୍ମ, ଚିନ୍ତା ଚେତନା ଓ ଅନୁଭୂତି ଆଧାରିତ ଲେଖା ପ୍ରକାଶ କରାଯିବାକୁ ବୈଠକରେ ନିଷ୍ପତି ନିଆ ଯାଇଛି । ସେଥି ପାଇଁ ଲେଖା ସଂଗ୍ରହ ଓ ସହଯୋଗ ପାଇଁ ସେବକ ମଣ୍ଡଳୀ ମତ ଉପସ୍ଥାପନ କରିଥିଲେ । ଚଳିତ ମାସ ଶେଷ ସୁଦ୍ଧା ଲେଖା ସଂଗ୍ରହ କାର୍ଯ୍ୟ ଶେଷ କରାଯିବ । ସମସ୍ତ ଲେଖକ ମଣ୍ଡଳୀ ଲେଖା ଗୁଡିକୁ ମେଲ ଯୋଗେ ପଠାଇବାକୁ ଅନୁରୋଧ କରାଯାଇଥିଲା । ନଚେତ ମୁଖ୍ୟ ପରିଚାଳକଙ୍କୁ ବ୍ୟକ୍ତିଗତ ଭାବେ ଭେଟି ଲେଖା ଦେବାକୁ ଅନୁରୋଧ କରାଯାଇଛି । ବୈଠକରେ ପଣ୍ଡିତ ବିଷ୍ଣୁ ମୋହନ ପଣ୍ଡା, ନାରାୟଣ ପ୍ରଧାନ, ବାବୁଲାଲ ଦାସ, ନମିତା ପରିଡା, ପ୍ରତାପ ପଣ୍ଡା, ସୁରେନ୍ଦ୍ର ରାଉତ, ଲକ୍ଷ୍ମୀଧର ଖଟୁଆ, ଆବାହକ ଶରତ କୁମାର ସାହୁ ଓ ପ୍ରଶାନ୍ତ କୁମାର ଦେ ପ୍ରମୁଖ ଯୋଗ ଦେଇଥିଲେ ।

## ଦିବ୍ୟାଙ୍ଗ ଙ୍କୁ ଉପକରଣ ବଂଟନ

ମାଲକାନଗିରି,୧୪।୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ପରିସରରେ ଚିତ୍ରକୋଣ୍ଡା ବିଡ଼ିଓ ଲରିମନ ଖରସେଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରାଧାମଣି ଦଳାଇ, ଏବିଡିଓ ବେନୁ କିଷାନ, ଜିଲା ପ୍ରକଳ୍ପ ସହାୟକ କାହ୍ନୁ ଚରଣ ସାହୁ, ଚିତ୍ରକୋଣ୍ଡା ବରିଷ୍ଠ କିରାଣୀ ତିରୁପତି ପ୍ରସାଦ ବେଗୁରାଇ, ବ୍ଲକ କୋଷାଧକ୍ଷ କୁନା ନାୟକ, ଜିଲା ସାମାଜିକ ସୁରକ୍ଷା ବିଭାଗ ର କନିଷ୍ଠ ଯନ୍ତ୍ରୀ ଆନନ୍ଦିତା ରାୟ ଓ ଜ୍ଞାନ ରଞ୍ଜନ ରାଉଳ ଙ୍କ ଉପସ୍ଥିତିରେ ଭାରତ ସରକାର ଏ ଡିଆଇପି ଯୋଜନାରେ ଯାନ୍ତ୍ରିକ ସହାୟତା ଉପକରଣ ବଂଟନ ପାଇଁ ପୂର୍ବରୁ ଚିହ୍ନିତ ଯୋଗ୍ୟ ଭିର୍ନ୍ନକ୍ଷମ (ଦିବ୍ୟାଙ୍ଗ ଜନ )ମାନଙ୍କ ନିମନ୍ତେ ଶିବିର ର ଆୟୋଜନ କରାଯାଇ ଥିଲା ।ଉକ୍ତ କାର୍ଯ୍ୟ କ୍ରମ ଟି ଭାରତ ସରକାର ଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଆଲିମକୋ ସହାୟତାରେ ଜିଲା ସାମାଜିକ ସୁରକ୍ଷା ବିଭାଗର ପୂର୍ଣ୍ଣ ସହଯୋଗ ରେ ବହୁ ଦିବ୍ୟାଙ୍ଗଙ୍କୁ ମାଗଣାରେ ତିନି ଚକିଆ ଯାନ, ହୁଇଲି ଚେୟାର, ଆଶା ବାଡ଼ି ଓ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ କୁ ଚିତ୍ରକୋଣ୍ଡା ବ୍ଲକ ର ସାମାଜିକ ସୁରକ୍ଷା ଅଧିକାରୀ ଅମର ମାଡାକାମି ପରିଚାଳନା କରିଥିଲେ ।

# ଶାଗୁଆ ଖେତ ରେ ଧଳା ସୁନା ଚାଷୀ

ଜୟପାଟଣା,୧୪।୧୦ (ନି.ପ୍ର): ଇନ୍ଦ୍ରାବତୀ ରୁ ଜଳ ସେଚନ ଆରମ୍ଭ ହେବା ପରେ ଜୟପାଟଣା ଅଂଚଳ ର ଚାଷୀ କେବଳ ଧାନ ଚାଷ ରେ ମାତି ଥିବା ବେଳେ ଏହି ବ୍ଲକ ର ଜଣେ ଅଗ୍ରଣୀ ଚାଷୀ ନିଜସ୍ୱ ଉଦ୍ୟମ ରେ କପା ଚାଷ ଆରମ୍ଭ କରି ଚାଷୀ ମହଲ ରେ ଉଦାହରଣ ସୃଷ୍ଟି କରିଛନ୍ତି ।ସରକାର କମ ପାଣି ବିନିଯୋଗ ରେ ବିଭିନ୍ନ ପ୍ରକାର ଡାଲି ଜାତୀୟ ଫସଲ, ପନିପରିବା, ତୈଳ ବୀଜ, ଓ ଅନ୍ୟାନ୍ୟ ଅର୍ଥ କାରୀ ଫସଲ ଚାଷ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ।କଳାହାଣ୍ଡି ଜିଲ୍ଲା ଧାନ ଓ କପା କ୍ଷେତ୍ରରେ ରାଜ୍ୟରେ ଏକ ଅଗ୍ରଣୀ ଜିଲ୍ଲା ଭାବରେ ପରିଚୟ ଥାଇ ମଧ ଅନେକ ସ୍ଥଳରେ ବିଭାଗୀୟ ସହଯୋଗ ର ଅଭାବ ଦେଖିବାକୁ ମିଳୁଛି ।ଏ ଭଳି ପ୍ରତିକୂଳ ଅବସ୍ଥା ରେ ଜୟପାଟଣା ବ୍ଲକ ଅନ୍ତର୍ଗତ କୁ ଟା ଗାଁ ଜଣେ ଉଦ୍ୟମି ଚାଷୀ ଅଙ୍ଗଦ ମାଝୀ ନିଜ ଉଦ୍ୟମ ରେ ପାଂଚ ଏକର ଜମିରେ ପ୍ରଥମ ଥର ପାଇଁ କପା ଚାଷ ଆରମ୍ଭ କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ତିଆରି କରି ପାରିଛନ୍ତି ।ପୁଣି ଏ ସଂକ୍ରାନ୍ତରେ ଚାଷୀ ମାନଙ୍କ ମଧରେ ସଚେତନତା ସୃଷ୍ଟି କରୁଥିବା ଦେଖି ବାକୁ ମିଳୁଛି ।ଶ୍ରୀଯୁକ୍ତ ମାଝୀ ଧାନ ଓ ପନିପରିବା ଚାଷ ରେ ସ୍ୱାବଲମ୍ବୀ ଥିବା ବେଳେ ଏହି କପାଚାଷ କରି ଆଉ ଏକ ଅଧ୍ୟାୟ ଯୋଡି ଛନ୍ତି ।ଜୟପାଟଣା ବ୍ଲକ ଅଂଚଳରେ ମଙ୍ଗଳ ପୁର, ସର୍ଗି ଗୁଡା, କୁ ଟା ଗାଁ, ବଡ଼ ପୁଝରୀଗୁଡା, ବଡ଼ କରଲାକୋଟ, ହୀରାପୁର, ପାଇକ କେନ୍ଦୁ ମୁଣ୍ଡି, ଆଦି ପଂଚାୟତ ମାନଙ୍କରେ ସଚେତନତା ସୃଷ୍ଟି କରାଗଲେ ଅନେକ ଚାଷୀଙ୍କ କ୍ଷେତ୍ରରେ ଅର୍ଥ ନୈତିକ ବିକାଶ ହୋଇ ପାରିବ ବୋଲି ଆଲୋଚନା ହେଉଛି ।

# ଜନ୍ମର ଦୁଇ ବର୍ଷେ ପରେ ଅପଙ୍ଗ ହୋଇଗଲା କୁନି ଝିଅ ରାଜଲକ୍ଷ୍ମୀ

## ଚିକିତ୍ସା ପାଇଁ ସମ୍ବଳ ନାହିଁ ସହାୟତା ଆଶାରେ ପିତମାତା

କନ୍ଧମାଳ,୧୪।୧୦ (ନି.ପ୍ର): କୁନି ଝିଅର ବୟଷ ମାତ୍ର ୬ ବର୍ଷ ଖେଳ କୁଦର ଦିନରେ ସେ ପଡିରହିଛି ଘରର ଗୋଟିଏ କୋଣରେ । କାରଣ ସେ ନିଜେ ଉଠି ଚାଲିବାକୁ ଅକ୍ଷମ । ଜନ୍ମ ହେବାର ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ଠିକ ଥିଲା । ସାଧାରଣ ପିଲାଙ୍କ ଭଳି ସେ ତାର ବାପାମାଅଙ୍କୁ ଡାକୁଥିଲା ଓ ଚାଲିବା ବୁଲିବା ମଧ୍ୟ କରୁଥିଲା । ଏହି ଅଘଟଣ ଘଟିଛି ଟିକାବାଲି ବ୍ଲକ ଅଂଚଳର ବରପଦା ସାହିରେ ରହୁଥିବା ଜଣେ ଡ୍ରାଇଭର ହିମାଂଶୁ ସାହାଣୀ ସ୍ତ୍ରୀ ଚାନ୍ଦିନି ସାହାଣିଙ୍କର ୬ ବର୍ଷର ବଡ ଝିଅ ରାଜଲକ୍ଷ୍ମୀ ସାହାଣୀଙ୍କର । ରାଲକ୍ଷ୍ମୀକୁ ଏକ ବର୍ଷ ହେବାପରେ ହଠାତ ତାର ବାମ ପାଦଟି ବଙ୍କା ହୋଇଯିବା ସହିତ ସେ ଆଉ ଉଠି ପାରିଲାନାହିଁ କିମ୍ବା ଚାଲବୁଲ ମଧ୍ୟ କରିପାରୁ ନାହିଁ । ଫଳରେ ସେ ଘରର ଗୋଟିଏ କୋଣରେ ହିଁ ପଡି ରହୁଛି । ତାକୁ କେହି ଉଠାଇବାପରେ ହିଁ ସେ ଉଠୁଛି । ପୂର୍ବରୁ କଥା କହୁଥିଲା ବର୍ତମାନ ସେ କଥା ମଧ୍ୟ କହିବାରେ ଅସମର୍ଥ ହୋଇଯାଇଛି । ସେଥିପାଇଁ ଚିନ୍ତାରେ ହିମାଂଶୁ ସେ ଜଣେ ଜଣେ ଟ୍ୟାକ୍ସି ଡ୍ରାଇଭର ହେଲେ ସେ ବର୍ତମାନ କରୋନା ସଂକ୍ରମଣ ଯୋଗୁଁ କାମ ନ ମିଳିବାରୁ ଜଣେ ଶ୍ରମିକ ଭାବରେ ଟିକାବାଲି ଅଂଚଳରେ କାମ କରୁଛନ୍ତି । ତାଙ୍କର କମ ରୋଜଗାର ଥିବାରୁ ତାଙ୍କ ପରିବାର ଚଳାଇବା କଷ୍ଟ ସାଧ୍ୟ ହେଉଛି । ତାଙ୍କର ଆଉ ଗୋଟିଏ ୩ ବର୍ଷର ପୁଅ ମଧ୍ୟ ଅଛି । ରାଜଲକ୍ଷ୍ମୀର ଏଭଳି ଅବସ୍ଥା ହେବାପରେ ତାକୁ ହିମାଂଶୁ ତାକୁ ବ୍ରହ୍ମପୁରରେ ଥିବା ଏକ ଘରୋଇ ଡାକ୍ତରଖାନାରେ ତାକୁ ଚିକିତ୍ସା କରାଇଥିଲେ । ସେଠାରେ ଡାକ୍ତର ତାର ମିଣ୍ଡର ସ୍କାନିଙ୍ଗ କରିବାପରେ ତା ମୁଣ୍ଡରେ ପାଣି ଜମା ହୋଇଥିବା କହି ଔଷଧ ଖାଇବାକଲୁ ପରାମର୍ଶ ଦେଇଥିଲେ । । ଔଷଧ ସରିବା ପରେ ତାର ଅବସ୍ଥା ଠିକ ହୋଇଯିବ କହିଥିଲେ ଡାକ୍ତର । ହେଲେ ଔଷଧ ସରିବାପରେ ଝିଅର ଅବସ୍ଥା ଠିକ ନହେବାରୁ ଡାକ୍ତର ତାର ବୟଷ ୫ ବର୍ଷ ହେଲେ ସେ ଠିକ ଭାବରେ ଚାଲବୁଲ କରିବ ବୋଲି କହିଥିଲେ ହିମାଂଶୁକୁ । ହେଲେ ଆଜିକୁ ତାର ବୟଷ ୬ ବର୍ଷ ହୋଇଥିଲେ ହେଁ ତାର ଅବସ୍ଥାରେ କୌଣସି ପରିବର୍ତନ ନହେବାରୁ ଚିନ୍ତିତ ହୋଇପଡିଛନ୍ତି ରାଜଲକ୍ଷ୍ମୀର ପିତାମାତା । ସେମାନଙ୍କର ଅର୍ଥିକ ଅବସ୍ଥ ଠିକ ନଥିବାରୁ ସେମାନେ ଝିଅକୁ ନେଇ କୌଣସି ବଡ ଡାକ୍ତରଙ୍କ ପାଖକୁ ଯାଇପାରୁନାହାନ୍ତି । ଝିଅର ଚିକିତ୍ସା ପାଇଁ ଜିଲ୍ଲା ପ୍ରଶାସନ ଜରିଆରେ କୌଣସି ସହାୟତା ମିଳିଲେ ତାକୁ ଚିକିତ୍ସା କରାଇବାରେ ସକ୍ଷମ ହୁଅନ୍ତେ ବୋଲି କହିଛନ୍ତି ହିମାଂଶୁ ।

## କ୍ଷୋଭ ଫାଟି ଦୋକାନୀ ଗୁରୁତର

କେନ୍ଦ୍ରାପଡା,୧୪।୧୦ (ନି.ପ୍ର): କେନ୍ଦ୍ରାପଡା ଟାଉନ ଥାନା ଅଧିନ ପୁରୁଣା ବସଷ୍ଟାଣ୍ଡରେ କ୍ଷୋଭ ମରାମତି କାମ କରୁଥିବା ଏକ ଦୋକାନରେ କ୍ଷୋଭଟି ଫାଟିଯାଇ ଦୋକାନୀ ଗୁରୁତର ହୋଇଥିବା ଜଣା ପଡିଛି । କ୍ଷୋଭ ସଜାଡିବା ପରେ ଦୋକାନୀ ଜଣକ କ୍ଷୋଭରେ ପମ୍ପଦେଇ ଏକା କାର୍ଯ୍ୟକାରୀ କରୁଛି କି ନାହିଁ ଜାଣିବା ପାଇଁ ଉଦ୍ୟମ କରିଥିଲେ । ତେବେ ଅଚାନକ ଏହା ଫାଟିଯାଇ ଦୋକାନୀ ମିର୍ ସାହିଲ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି ।

# ବଣ୍ଡାବ ଗୁଳିକାଣ୍ଡରେ ସହୀଦ ପୁଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳୀ

ବାରିପଦା,୧୪।୧୦ (ନି.ପ୍ର): ବାରିପଦା ରିଜର୍ଭ ପୁଲିସ ଲାଇନ ପରିସରରେ ଥିବା ଶହିଦମାନଙ୍କ ସ୍ମୃତି ପୀଠରେ ବଣ୍ଡାବ ମାଓ ଆକ୍ରମଣରେ ସହିଦ ହୋଇଥିବା ଚାନ୍ଦୁଆ ଥାନାର ପୂର୍ବତନ ଏଏସ୍ଆଇ ନାରାୟଣଚନ୍ଦ୍ର ପ୍ରଧାନ, ହାବିଲଦାର ରାଜେନ୍ଦ୍ର ମହାନ୍ତ ଓ କନେଷ୍ଟବଳ ଗମ୍ପା ହେମ୍ବ୍ରମ ପ୍ରମୁଖ ତିନି ଶହୀଦମାନଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଶ୍ରଦ୍ଧା ସୁମନ ଅର୍ପଣ କରାଯିବା ସହ କରୋନା କଟକଣା ଅନୁପାଳନ ପୂର୍ବକ ଜିଲ୍ଲା ଆରକ୍ଷୀ ବାହିନୀ ପକ୍ଷରୁ ସହିଦମାନଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲେ ମଧ କୌଣସି କାରଣରୁ ପହଁଚି ପାରିନଥିଲେ । ଫଳରେ ଜିଲା ଆରକ୍ଷୀ ଅଧିକ୍ଷକ ସ୍ମିଥ ପି ପରମାର କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିବା ବେଳେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଦାମ ସାହୁ ଓ ଅଙ୍କୁର ମଲ୍ଲିକ, ବାରିପଦା ସଦର ଏସଡ଼ିପିଓ କେ. କେ. ହରିପ୍ରସାଦ, ଆରଆଇ କୁଳମଣି ଗିରି, ହାବିଲଦାର ଓ କନେଷ୍ଟବଳ ସଂଘର ସାଧାରଣ ସମ୍ପାଦକ ରଞ୍ଜନ ଗିରି, ସଭାପତି ମୃତ୍ୟୁଞ୍ଜୟ ବେହେରା ପ୍ରମୁଖଙ୍କ ସମେତ ଆରକ୍ଷୀ ବାହିନୀର କର୍ମଚାରୀଗଣ ଏବଂ ସହିଦ ନାରାୟଣ ପ୍ରଧାନଙ୍କ ପୁତ୍ର ଦେବେନ୍ଦ୍ର ପ୍ରଧାନ, ସହିଦ ହାବିଲଦାର ରାଜେନ୍ଦ୍ର ମହାନ୍ତଙ୍କ ବିଧବା ପତ୍ନୀ ରେଖା ମହାନ୍ତ ଓ ସହିଦ କନେଷ୍ଟବଳ ଗମ୍ପା ହେମ୍ବ୍ରମ ବିଧବା ପତ୍ନୀ କୋଏଲ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ । ସୂଚନା ଯୋଗ୍ୟ ଯେ, ୨୦୦୯ ଅକ୍ଟୋବର ୧୩ ଚାନ୍ଦୁଆ ଥାନା ଅନ୍ତର୍ଗତ ବଣ୍ଡାବ ଗ୍ରାମରେ ସନ୍ଧ୍ୟା ସମୟରେ ଚାଲିଥିଲା ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚର ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ । ଝାମୁମୋର ତତ୍କାଳୀନ ରାଜ୍ୟସଭାପତି ତଥା ବର୍ତମାନ ବିଜଦ ସରକାରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଶହସ୍ରାଧିକ ଫୁଟବଲ ପ୍ରେମୀଙ୍କ ଗହଣରେ ଆୟୋଜିତ ହୋଇଥିଲା ସଭା । ହଠାତ୍ ଫୁଟିଲା ବନ୍ଧୁକରୁ ଗୁଳି । ଆରମ୍ଭ ହୋଇଥିଲା ମାଓବାଦୀଙ୍କର ତାଣ୍ଡବଲୀଳା । ଛତ୍ରଭଙ୍ଗ ଦେଇଥିଲେ ଖେଳପ୍ରେମୀଙ୍କ ସହ ଖେଳାଳୀ । ଏହି ଭଳି ଘଡ଼ିସନ୍ଧି ମୁହୂର୍ତରେ ମାଓବାଦୀଙ୍କ ମୁକାବିଲା ପାଇଁ ଗୁଳି ସାମନାରେ ସାହସର ସହିତ ଛାତି ଦେଖାଇ ଚାନ୍ଦୁଆ ଥାନା ଏଏସ୍ଆଇ ନାରାୟଣଚନ୍ଦ୍ର ପ୍ରଧାନ, ହାବିଲଦାର ରାଜେନ୍ଦ୍ର ମହାନ୍ତ ଓ କନେଷ୍ଟବଳ ଗମ୍ପା ହେମ୍ବ୍ରମ ଶହୀଦ ହୋଇଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜମି ରହିଛି ଆଣ୍ଠୁଏ ଉଚ୍ଚର ବର୍ଷାପାଣି

ପୁରୀ,୧୪।୧୦ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଜମି ରହିଛି ଆଣ୍ଠୁଏ ଉଚ୍ଚର ବର୍ଷାପାଣି । ପିକେଆରଆଇଟି ଛକଠାରୁ ହରିହର ଛକ ପର୍ଯ୍ୟନ୍ତ ଐତିହ୍ୟ ରାସ୍ତା ନିର୍ମାଣ ଚାଲିଛି । ଏହି ରାସ୍ତାର ମଝିରେ ସିମେଂଟ ଓ ଲୁହାର ଡିଭାଇଡର ବସାଯାଇଛି । ଯାହାଫଳରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବର୍ଷାପାଣି ଗଡି ଗଡି ଆସି ରାସ୍ତା ଉପରେ ରହୁଛି । ବିଦ୍ୟୁତ୍ ସବଷ୍ଟେସନ ପାଖଠାରୁ ଓକିଲ ସଂଘ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଣି ଜମି ରହୁଥିବାରୁ ଆଇନଜୀବି, ସହରବାସୀ, ପର୍ଯ୍ୟଟକ, ତୀର୍ଥଯାତ୍ରୀମାନେ ସମୁଦ୍ର ଓ ମନ୍ଦିରକୁ ଯିବା ସମୟରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୁଇପାର୍ଶ୍ୱରେ ଡ୍ରେନ୍ ନଥିବାରୁ ବର୍ଷାଜଳ ନିଷ୍କାସନରେ ଘୋର ଅସୁବିଧା ସୃଷ୍ଟି ହେଉଛି । ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାଚେରୀକୁ ଲାଗି ଡ୍ରେନ ଉପରେ ଅନେକ ଦୋକାନ ରହିଥିବାରୁ ଏହା ବର୍ଷାଜଳ ନିଷ୍କାସନରେ ବାଧକ ସାଜିଛି । ରାସ୍ତାର ଦୁଇପାର୍ଶ୍ୱରେ ଫୁଟପାଥ୍ ନଥିବାରୁ ଲୋକମାନେ ପାଣିରେ ପଶି ଯାଆସ କରୁଥିବା ଦେଖିବାକୁ ମିଳିଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦେବା ସମୟରେ ଘଂଟା ଘଂଟା ଧରି ପାଣିରେ ଲୋକମାନେ ଠିଆ ହେଉଥିବା ଦେଖିବାକୁ ମିଳିଛି । ରାସ୍ତାକାମ ନିମ୍ନମାନର ଓ ଖାଲ ଢିପ ହୋଇଥିବାରୁ ପାଣି ସେହିଠାରେ ଜମି ରହୁଥିବା ଆଇନଜୀବିମାନେ ଅଭିଯୋଗ କରିଛନ୍ତି ।

# ଦୁର୍ଘଟଣାରେ ଆଇନଜିବୀ ଗୁରୁତର

କୋରେଇ,୧୪।୧୦ (ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଥାନା ସମ୍ମୁଖରେ ସୋମବାର ରାତ୍ରୀରେ ରାଜପଥ ପାର ହୋଇ ଆସୁଥିବା ଜୈନିକ ଆଇନଜିବୀଙ୍କୁ ଏକ ଟ୍ରକ ଧକ୍କା ଦେବା ଫଳରେ ସେ ଗୁରୁତର ଆହତ ହୋଇଛନ୍ତି । ବର୍ତମାନ ଭୁବନେଶ୍ୱର ସମ ହସପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ଅବଧି ସେନ୍ସ ଫେରିନଥିବା ଜଣାପଡିଛି । ପ୍ରକାଶଯେ ସୋମବାର ରାତ୍ରୀରେ ପାଣିକୋଇଲି (ମହାବୀର କଲୋନୀ)ର ଆଇନଜିବୀ ରମେଶ ଚନ୍ଦ୍ର ପାତ୍ର ତାଙ୍କ ଘର ସାମ୍ନା ରାଜପଥ ପାର ହୋଇ ଥାନା ପଟକୁ ଆସୁଥିବା ବେଳେ କଟକ ପଟୁ ଆସୁଥିବା ଏକ ତାମିଲନାଡୁ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଗରୁତର ଆହତ ହୋଇ ପଡିଥିଲେ । ପାଣିକୋଇଲି ପୁଲିସ ଘଟଣାସ୍ଥଳେ ପହଂଚି ପିସିଆର ଭ୍ୟାନରେ ତାଙ୍କୁ ତୁରନ୍ତ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ମାତ୍ର ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ସମ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି ।

## ସାଇକେଲ ଆରୋହୀଙ୍କ ଠାରୁ ମୋବାଇଲ ଛଡାଇଲେ ଦୁର୍ବୃତ, ଥାନାରେ ଅଭିଯୋଗ

କୋରେଇ,୧୪।୧୦ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପଥରପଦା ଗଳି ପୋଲ ସର୍ଭିସ ରୋଡରେ ସାଇକେଲ ଆରୋହୀ ମୋବାଇଲରେ କଥା ହେଉଥିବା ବେଳେ ଏକ ନମ୍ବର ବିହୀନ ବାଇକରେ ଜଣେ ଯୁବକ ଆସି ମୋବାଇଲ ଛଡାଇ ନେଇଥିବା ଅଭିଯୋଗ ଥାନାରେ ହୋଇଛି । ପ୍ରକାଶଯେ ପଥରପଦା ଗ୍ରାମର ଗୟାଧର ମହାକୁଡଙ୍କ ପୁଅ ଗୌରାଙ୍ଗ ସନ୍ଧ୍ୟାରେ ଏକ ସାଇକେଲରେ ଘରକୁ ମୋବାଇଲରେ କଥା ହୋଇ ଫେରୁଥିବା ବେଳେ ପଥରପଦା ଗଳି ପୋଲ ସର୍ଭିସ ରୋଡରେ ଏକ ନମ୍ବର ବିହୀନ ବାଇକରେ ଜୈନିକ ଅପରିଚିତ ଯୁବକ ଆସି ମୋବାଇଲଟିକୁ ଛଡାଇ ନେଇଗଲା । ଅନ୍ଧାରରେ ଗାଡି ବା ଆରୋହୀଙ୍କୁ ଗୌରାଙ୍ଗ ଚିହ୍ନିପାରିନଥିଲା । ଏନେଇ ଗୌରାଙ୍ଗ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ କରୁଛି ।

# ପରଲୋକରେ ବିଶିଷ୍ଟ ସମାଜସେବୀ ଡ଼ା. ସୁକୁମାର ଦାସ

ବାରିପଦା,୧୪।୧୦ (ନି.ପ୍ର): ବାରପଦା ସହରରେ ବିଶିଷ୍ଟ ସମାଜସବେୀ ତଥା ପରୋପକାରୀ ଡ଼ା. ସୁକୁମାର ଦାସଙ୍କ ୭୬ ବର୍ଷ ବୟସରେ କୋଭିଡ଼-୧୯ ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇ ଭୂବନେଶ୍ୱରସ୍ଥିତ କିମ୍ସ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ଅପରାହ୍ନ ପ୍ରାୟ ୨.୩୩ ମିନିଟ ସମୟରେ ପରଲୋକ ହୋଇଥିବାର ଜଣାପଡ଼ିଛି । ମୃତ୍ୟୁ ସମୟରେ ତାଙ୍କ ନିକଟରେ ଝିଅ, ଜ୍ୱାଇଁ ପ୍ରମୁଖଙ୍କ ସମେତ ସମସ୍ତଜନ ଉପସ୍ଥିତ ରହିଥିଲେ । ସୂଚନା ଯୋଗ୍ୟ ଯେ, ଡ଼ାକ୍ତର ଦାସ ସରକାରୀ ଚାକିରୀକୁ ତ୍ୟାଗ କରି ଜନସାଧାରଣଙ୍କ ସେବା ନିମନ୍ତେ ନିଜକୁ ସମର୍ପିତ କରାଇଥିଲେ । ବାରିପଦା ପୌରପରିଷଦରେ ସାର୍ ଡ଼ାନିଏଲ୍ ହାମିଲଟନ୍ ଚାରିଟେବଲ ଟ୍ରଷ୍ଟର ମୁଖ୍ୟ ଉଦ୍ୟୋକ୍ତା ରହିଥିବା ବେଳେ ମାଗଣାରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଥିବା ସମୟରେ ଗରୀବ ଦୁସ୍ଥ ରୋଗୀମାନଙ୍କୁ ମାଗଣାରେ ମଧ ଔଷଧ ଦେଇ ସେମାନଙ୍କ ସେବା ଓ ଚିକିତ୍ସା କରୁଥିଲେ । ଜଣେ ପରୋପକାରୀ ଓ ସମାଜସେବୀ ଭାବେ ଜନହିତକର କାର୍ଯ୍ୟ କରି ଜନସାଧାରଣରେ ଅନେକ ପ୍ରଶଂସା ସାଉଁଟି ପାରିଥିଲେ । ତାଙ୍କର ଦେହାନ୍ତ ଖବର ପ୍ରଚାରିତ ହେବାପରେ ବାରିପଦା ସହର ସହିତ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଂଚଳରେ ଶୋକର ଛାୟା ଖେଳାଇ ଯାଇଥିଲା । ଆଜି ସ୍ୱର୍ଗତ ଦାସଙ୍କର ମରଶରୀରକୁ ଭୂବନେଶ୍ୱର ସତ୍ୟନଗରସ୍ଥିତ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା ।

## ଅଚଳ ହୋଇ ପଡିଛି ଜୟପାଟଣା ପୋଷ୍ଟ ଅଫିସ

ମୁଖୀଗୁଡା,୧୩।୧୦(ହି.ସ)ଜୟପାଟଣା ପୋଷ୍ଟ ଅଫିସର କମ୍ପୁଟର ସର୍ଭର ଖରାପ ହୋଇ ଯାଇ ଥିବାରୁ ଗତ ୩ ତାରିଖରୁ ସମସ୍ତ କାମ ବନ୍ଦ ହୋଇଛି । ଗତ ୨ତାରିଖ ରାତିରେ ବିଜୁଳି ଓ ଘଡଘଡ଼ି ମାରିବା ଯୋଗୁଁ ଜୟପାଟଣା ପୋଷ୍ଟ ଅଫିସ ର କମ୍ପୁଟର ସର୍ଭର ପୋଡିଯାଇଥିଲା । ଫଳରେ ୩ ତାରିଖ ଠାରୁ ଟଙ୍କା ଉଠାଣ,ଟଙ୍କା ଡ଼ିପୋଜିଟ, ଚିଠି ରେଜିଷ୍ଟ୍ରି ଆଦି ହୋଇ ପାରୁ ନାହିଁ ।ଫଳରେ ଲୋକେ ଅସୁବିଧାର ସମ୍ମୁଖିନ ହୋଉଛନ୍ତି ।ଯୁଦ୍ଧ କାଳୀନ ଭିତିରେ ମରାମତି କରି ସମସ୍ତ କାର୍ଯ୍ୟ ଚାଲୁ କରିବା ପାଇଁ ସାଧାରଣରେ ଦାବି ହୋଉଛି । ଏସମ୍ପର୍କ ରେ ପୋଷ୍ଟ ମାଷ୍ଟରଙ୍କୁ ପଚାରିବାରୁ ଦିନେ ଦୁଇଦିନରେସବୁ ଠିକ ହୋଇ ଯିବ ବୋଲି କହିଛନ୍ତି ।

# ଭାରତୀୟ ରଗବୀ ଟିମ୍ ର ପ୍ରାୟୋଜକ ହେଲା ଓଡିଶା

ଭୁବନେଶ୍ୱର,୧୪।୧୦ (ନି.ପ୍ର): ଜାତୀୟ ରଗବୀ ଟିମ୍ ର ପ୍ରାୟୋଜକ ହେବ ଓଡ଼ିଶା । ଆସନ୍ତା ୩ ବର୍ଷ ଯାଏ ଭାରତର ଉଭୟ ପୁରୁଷ ଓ ମହିଳା ରଗବୀ ଟିମ୍ କୁ ଓଡ଼ିଶା ସରକାର ଟ୍ରେନିଂ ଓ ସମସ୍ତ ପ୍ରକାରର ସହାୟତାକରିବେ । ଏନେଇ ମଙ୍ଗଳବାର ଦିନ ଓଡ଼ିଶା ସରକାର ଓ ଇଣ୍ଡିଆନ ରଗବୀ ଫୁଟବଲ ୟୁନିଅନ (ଆଇଆରଏଫୟୁ) ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । କ୍ରୀଡା ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ଆର ଭିନିଲ କ୍ରିଷ୍ଣା ଓ ରଗବୀ ଇଣ୍ଡିଆର ଅଧ୍ୟକ୍ଷ ମାନେକ ଉନଓ୍ୱାଲା ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଠାରେ ଚୁକ୍ତି ସ୍ୱାକ୍ଷର କରିଥିଲେ । ଏହି ଅବସରରେ କ୍ରୀଡ଼ା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ଯେ ଏହା ଏକ ମହତ୍ୱପୂର୍ଣ୍ଣ ସହଭାଗୀତା । ସାମ୍ପ୍ରତିକ ବର୍ଷଗୁଡିକରେ ରଗବୀର କ୍ରମାଗତ ଲୋକପ୍ରିୟତା ବୃଦ୍ଧି ପାଇଛି ।ଓଡିଶା ଏବଂ ରଗବୀ ଇଣ୍ଡିଆ ମଧ୍ୟରେ ହୋଇଥିବା ଚୁକ୍ତି ଯୋଗୁଁ କେବଳ ଓଡିଶା ଏବଂ ଭାରତରେ ରଗବୀର କ୍ରୀଡାର ବିକାଶ ହେବ ନାହିଁ ବରଂ ଭାରତୀୟ ଜାତୀୟ ରଗବୀ ଦଳର ଉଚ୍ଚ ପ୍ରଦର୍ଶନ ପ୍ରଶିକ୍ଷଣକୁ ମଜବୁତ କରିବ । ସେହିପରି ରଗବୀ ଇଣ୍ଡିଆର ଅଧ୍ୟକ୍ଷ ମାନେକ ଉନଓ୍ୱାଲା ଓଡିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । କ୍ରୀଡା ଏବଂ ଯୁବ ସେବା ବିଭାଗ ସହଭାଗିତା ଆମର ରଗବୀ ଆଥଲେଟ୍ ମାନଙ୍କ ପାଇଁ ଲାଭଦାୟକ ହେବ । ଏହି ଅବସରରେ କ୍ରୀଡ଼ା ସଚିବ ବିଶାଲ କେ ଦେବ, ଆଇଆରଏଫୟୁ ସିଇଓ ନାସିର ହୁସେନ୍, ଅଭିନେତା, ନିର୍ଦ୍ଦେଶକ ତଥା ପୂର୍ବତନ ରଗବୀ ଆନ୍ତର୍ଜାତୀୟ ଖେଳାଳି ରାହୁଲ ବୋଷ,ଆଇଆରଏଫୟୁ ବୋର୍ଡ ସଦସ୍ୟ ତଥା ମୁଖ୍ୟ ଓଡ଼ିଶା ରଗବୀ ୟୁ କେ ମହାନ୍ତି, କ୍ରୀଡା ଏବଂ ଯୁବ ସେବା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସଡ଼କ ଦୃଘଟଣା ୨ ମୃତ, ଜଣେ ଆହତ

ମାଲକାନଗିରି,୧୪।୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ସ୍ଥାନୀୟ ଚିତ୍ରକୋଣ୍ଡା ମେନ ରୋଡ଼ ବିଏସଏନଏଲ ଟାଓ୍ୱାର ନିକଟରେ ଗୋଟିଏ ବାଇକ ଯୋଗେ ଚିତ୍ରକୋଣ୍ଡା ଆଡୁ ବୁଲୁ ଖରା ନାମକ ଜଣେ ରାଜମିସ୍ତ୍ରୀ କାମ ସାରି ନିଜ ଘରକୁ ଫେରୁଥିବା ବେଳେ ସେହି ସମୟରେ ବିପରୀତ ଦିଗରୁ ତଥା ବାଲିମେଳା ଆଡୁ ଅନ୍ୟ ଏକ ବାଇକ ଯୋଗେ ଆସୁଥିବା ଦମ୍ପତି ସ୍ୱାମୀ ମାଟାମ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ମାଟାମ ନିଜ ଗ୍ରାମ ବଡପଦର ପଂଚାୟତ ହାତୀପଦର ଗ୍ରାମକୁ ଫେରୁଥିଲା ବେଳେ ଦୁଇ ବାଇକ୍ ମଧରେ ମୁହାମୁହିଁ ଧକା ହୋଇଥିଲା । ଦୃଘଟଣା ସ୍ଥଳରେ ଉଭୟ ବାଇକ ଚାଳକ ବୁଲୁ ଖରା ଓ ସ୍ୱାମୀ ମାଟାମଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା ।, ମୃତ ସ୍ୱାମୀ ମାଟାମ୍ ଙ୍କ ପତ୍ନୀ ଲକ୍ଷ୍ମୀ ମାଟାମ ଗୁରୁତର ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଦେଖି ଚିତ୍ରକୋଣ୍ଡା ଥାନା ଓ ୧୦୮ ଆମ୍ବୁଲାନ୍ସ କୁ ଜଣାଇଥିଲେ । ସୂଚନା ପାଇ ପୋଲିସ ସେଠାରେ ପହଁଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ୧୦୮ ଆମ୍ବୁଲାନ୍ସ ଯୋଗେ ସମସ୍ତ ତିନି ଜଣଙ୍କୁ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ କୁ ଅଣା ଯାଇଥିଲା । ଚିତ୍ରକୋଣ୍ଡା ଡାକ୍ତର ଉଭୟ ବାଇକ ଆରୋହିଙ୍କ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ । ଗୁରୁତର ଅବସ୍ଥାରେ ଥିବା ଲକ୍ଷ୍ମୀଙ୍କୁ ବର୍ତମାନ ସେଠାରେ ଚିକିତ୍ସାଧିନ ଅଛନ୍ତି । ଏ ନେଇ ଚିତ୍ରକୋଣ୍ଡା ଥାନା ପକ୍ଷରୁ ଏକ ମାମଲା ରୁଜୁ କରିବା ସହ ଦୁଇ ବାଇକ୍ ଜବତ କରି ଉଭୟଙ୍କ ଶବ ବ୍ୟବଛେଦ କରାଇ ପରିବାର ଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ୍ ପକ୍ଷରୁ ସୂଚନା ମିଳିଛି ।

## କୁଲୁଙ୍ଗ ଗ୍ରାମ, ସୀତାପୁର ସେଲ୍ଟର ହୋମ୍ ରେ ବିପନ୍ନଙ୍କୁ ରନ୍ଧାଖାଦ୍ୟ ଓ ରିଲିଫ୍ ବଂଟନ

ପାରଳାଖେମୁଣ୍ଡ,୧୪।୧୦ (ନି.ପ୍ର): ଗଜପତି ଜିଲ୍ଲାରେ ବର୍ଷା ବିପ୍ଳାତରେ ସ୍ଥାନାନ୍ତର ହୋଇଥିବା ଲୋକ ମାନଙ୍କୁ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ଓ ରିଲିଫ୍ ଯୋଗାଣର ବ୍ୟବସ୍ଥା କରାଯାଇଛି । ବଡ଼ କାଳାକୋଟ ଗ୍ରାମପଚାଂୟତ ଅନ୍ତର୍ଗତ କୁଲୁଙ୍ଗ ଗ୍ରାମରେ ପ୍ରଶାସନ ପକ୍ଷରୁ ବନ୍ୟା ବିପନ୍ନଙ୍କ ନିମନ୍ତେ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି । ସେହିପରି କେ. ସୀତାପୁର ସେଲ୍ଟର ହୋମ୍ ଏବଂ କାଶୀନଗର ଠାରୁ ଚମ୍ପାନିଗୁଡ଼ା ଗ୍ରାମବାସୀଙ୍କୁ ଯେଉଁମାନେ ଗତକାଲି ଏଠାକୁ ସ୍ଥାନାନ୍ତର ହୋଇ ଆସିଥିଲେ ।

# ଟମାଟୋ ସୁପ୍‌ର ଉପକାରିତା



♦ଟମାଟୋରେ ଥିବା ଫାଇବର ଭୋକକୁ ନିୟନ୍ତ୍ରଣ କରିବା ସହ ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ ।

♦ଯୁବତୀ ଓ ମହିଳା ନିୟମିତ ଏହି ସୁପ୍ ପିଇଲେ ସେମାନଙ୍କ ତ୍ୱଚାରେ ଭାଙ୍ଗ ପଡ଼ିନଥାଏ ଓ ତ୍ୱଚାରେ ଚମକ ମଧ ଆସେ ।

♦ହୃଦରୋଗୀ ଟମାଟୋ ସୁପ୍ ପିଇବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଉପକାରୀ ବୋଲି ବିଭିନ୍ନ ପରୀକ୍ଷାରୁ ଜଣାପଡ଼ିଛି । ଲୌହ ମଧ ଉଚିତ୍ ପରିମାଣରେ ଏହି ପରିବାରେ ଥିବାରୁ ତାହା ଆନେମିଆ ପରି ରୋଗରୁ ରକ୍ଷା କରୁଥିବାର ପ୍ରକାଶ । ଶ୍ୱାସରୋଗୀ ସପ୍ତାହକୁ ୨ରୁ୩ଥର ଟମାଟୋ ସୁପ୍ ପିଇବା ସେମାନଙ୍କ ସ୍ୱାସ୍ଥ୍ୟ ପକ୍ଷେ ଭଲ । ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ ତତ୍ତ୍ୱ ଶରୀରକୁ ଶ୍ୱାସ ରୋଗରୁ ରକ୍ଷା କରେ ।

♦ଟମାଟୋ ସୁପ୍‌ରେ ଭିଟାମିନ କେ ଓ କ୍ୟାଲସିୟମ ଥିବାରୁ ତାହା ହାଡ଼ ମଜଭୁତ୍ କରିବା ସହ ଆଣ୍ଠୁଗଣ୍ଠି ବିନ୍ଧାରୁ ରକ୍ଷା କରିଥାଏ ।

♦ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରକୁ କର୍କଟ ରୋଗରୁ ରକ୍ଷା କରିଥାଏବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି ।

♦ଟମାଟୋ ସୁପରେ ଥିବା ତତ୍ତ୍ୱ ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣ କରୁଥିବାରୁ ମଧୁମେହ ରୋଗୀ ମଧ ଏହା ପ୍ରତ୍ୟହ ପିଇବା ଉପକାରୀ ।

♦ଟମାଟୋ ସୁପରେ ଭିଟାମିନ ସି ଥିବାରୁ ତାହା ଶରୀରର ରୋଗପ୍ରତିରୋଧକ ଶକ୍ତି ମଧ ବଢ଼ାଇଥାଏ ।

# ଖାଦ୍ୟପ୍ରତି ସଚେତନତା

ଜୀବନଶୈଳୀ କ୍ଷିପ୍ର ବେଗରେ ପରିବର୍ତ୍ତନ ହେଉଛି । ନିକଟରେ ଜଣେ ଆମେରିକୀୟ ଗବେଷକ ବିଶ୍ୱର ବିଭିନ୍ନ ପ୍ରାନ୍ତର ୧୫୦୦ ଜଣ ଲୋକଙ୍କ ଜୀବନଶୈଳୀ ଉପରେ ପରୀକ୍ଷା କରିଥିଲେ । ଏମାନଙ୍କ ମଧ୍ୟରୁ ପ୍ରାୟ ୧୦୦୦ଜଣଙ୍କ ନିକଟରେ ନାନାଦି ପ୍ରକାର ପୋଷକ ତତ୍ତ୍ୱ ଅଭାବ ଦେଖାଯାଇଥିଲା । କାମର ଚାପରେ ଲୋକେ ଏସବୁ ଜାଣିପାରୁନାହାନ୍ତି ।

■ ଆମ ଶରୀରର ନର୍ଭସ ସିଷ୍ଟେମ୍ ଉମ ଭାବରେ କାମ କରିବା ନିମନ୍ତେ ବି-୧୨ ପୋଷକତତ୍ତ୍ୱର ଆବଶ୍ୟକତା ଅଧିକ ରହିଛି । ଏହାର ଅଭାବରେ ମସ୍ତିଷ୍କକୁ କ୍ଷତି ପହଞ୍ଚେ । ଏଥିପାଇଁ ଜଣେ ବ୍ୟକ୍ତି ନିୟମିତ ଭାବରେ ଦୁଗ୍ଧଜାତୀୟ ଦ୍ରବ୍ୟଓ ସପ୍ତାହକୁ ୨ରୁ ୩ଥର ଆମିଷ ଖାଦ୍ୟ ଖାଇବା ଉଚିତ ।

■ ଭିଟାମିନ - ୧୨ର ଅଭାବରେ ଓଜନ ଦ୍ରୁତ ମାତ୍ରାରେ ହ୍ରାସ ହୋଇଥାଏ । ଅଧିକାଂଶ ସମୟରେ ହୃଦସ୍ପନ୍ଦନ ଜୋରରେ ହେଉଥିବାର ଗବେଷକଙ୍କ ମତ ।



■ ଏହା ସହ ନିୟମିତ ଭାବେ ଥକାପଣ ଲାଗୁଥିଲେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ଦିନବେଳା ସପ୍ତାହକୁ ୪ ରୁ ୫ଥର ଦହି ଖଶଇଲେ ଶରୀରକୁ ଭିଟାମିନ ବି-୧୨ ପୋଷକ ତତ୍ତ୍ୱ ମିଳେ ।

ଏହି ଭିଟାମିନର ଅଭାବ ହେଲେ ସ୍ମୃତି ମଧ ପ୍ରଭାବିତ ହୋଇଥାଏ ।

# ସ୍ୱାସ୍ଥ୍ୟ ସମାଚାର

କ୍ୟାଲୋରୀ କମାଇବା ଲାଗି ଅନେକେ ଡାଏଟ୍ ଡ୍ରିଙ୍କ ବା ଡାଏଟ୍ ସୋଡା ପସନ୍ଦ କରୁଥିଲେ ମଧ ଏହା ସ୍ୱାସ୍ଥ୍ୟ ପ୍ରତି ବିପଜ୍ଜନକ । ମହିଳାଙ୍କଠାରେ ଏହା ଷ୍ଟ୍ରୋକ୍ ଆଶଙ୍କା ୨୩% ବଢ଼ାଇଥାଏ । ଏଥିସହିତ ହୃଦରୋଗ ଆଶଙ୍କା ୨୯% ଏବଂ ଅକାଳ ମୃତ୍ୟୁ ଆଶଙ୍କା ୧୬% ବଢ଼ାଏ ବୋଲି ଏକ ଗବେଷଣାରୁ ଜଣାଯାଇଛି । ଏହା ଆମେରିକାନ ହାର୍ଟ ଆସୋସିଏସନର ପତ୍ରିକା ଷ୍ଟ୍ରୋକରେ ପ୍ରକାଶ ପାଇଛି । ଫ୍ଲୁ ବା ଇନ ଫ୍ଲୁଏଞ୍ଜାରେ ଆକ୍ରାନ୍ତ ହେବା ପରେ ଏହା ମଧ ଷ୍ଟ୍ରୋକ୍ ଆଶଙ୍କା ବଢ଼ାଏ । ଏହାର ପ୍ରକୃତ କାରଣ ଜଣାପଡ଼ିନଥିଲେ ମଧ ଫ୍ଲୁ ସଂକ୍ରମଣ ଯୋଗୁ ହେଉଥିବା ଇନଫ୍ଲାମେସନ ଏହାର କାରଣ ହୋଇପାରେ ବୋଲି କୁହାଯାଇଛି । କଲମ୍ବିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ କରିଥିବା ଏହି ଗବେଷଣାର ତଥ୍ୟ ଆମେରିକାନ ଷ୍ଟ୍ରୋକ୍ ଆସୋସିଏସନ ପକ୍ଷରୁ ଆୟୋଜିତ ଇଣ୍ଟରନ୍ୟାସନାଲ ଷ୍ଟ୍ରୋକ କନଫରେନ୍ସ - ୨୦୧୯ରେ ଉପସ୍ଥାପିତ ହେବ ।

## ହେଡଫୋନ୍ ମାପିବ ରକ୍ତଚାପ

ଆପଲ୍ କମ୍ପାନୀରେ କାର୍ଯ୍ୟରତ ଜଣେ ଇଂଜିନିୟର ୨୦୧୪ରେ ଏଇ ତଥ୍ୟ ପ୍ରକାଶ କରିଥିଲେ । ନାମକରା କମ୍ପାନୀ ଆପଲ ହିଁ ପ୍ରଥମେ ଏହାକୁ ବଜାର ପ୍ରବେଶ କରାଇବ ବୋଲି ସ୍ଥିର ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇପାରିନାହିଁ । ଏଇ ହେଡଫୋନ ସହ ଏକ ଛୋଟ ଏଲ ଇ.ଡି. ସ୍କ୍ରିନ୍ ସଂଲଗ୍ନ ରହିଛି । ଏଥିରେ ଆପଣଙ୍କର ହୃଦବେଗ ସହିତ ରକ୍ତଚାପ ଦୃଶ୍ୟମାନ ହେବ । ଆଗାମୀ ଦିନରେ ପ୍ରତ୍ୟେକ ଆପଲ ଫୋନରେ ଏଇ ଆପ୍ଲିକେସନ ମଧ ରହିବ । ଏହା କିନ୍ତୁ ଏକ ସ୍ୱତନ୍ତ୍ର ପାସୱାର୍ଡ ସହାୟତାରେ ହିଁ କାର୍ଯ୍ୟକରିବ । ଆପଣ ଏହାକୁ କାର୍ଯ୍ୟକାରୀ କରିବାର ମାତ୍ର ୩ମିନିଟ୍ ଭିତରେ ସ୍କିନରେ ଏହା ସବୁକିଛି ଦେଖାଇବ । ଆସନ୍ତା ବର୍ଷ ଜୁନ୍ ସୁଦ୍ଧା ଏହା ସର୍ବପ୍ରଥମେ ଜାପାନ ବଜାରରେ ପ୍ରବେଶ କରିବ । କେବଳ ଆପଲ୍ ଫୋନ୍‌ରେ ଏହା କାର୍ଯ୍ୟ କରିବ ଓ ଏହାର ମୂଲ୍ୟ ପ୍ରାୟ ୪୫ହଜାର ଟଙ୍କା ମଧରେ ରହିବ ବୋଲି ଅନୁମାନ କରାଯାଉଛି ।

# ବ୍ୟାୟାମ କଲେ ସୁଖୀ ହୁଅନ୍ତି

ୟେଲ ଏବଂ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷକମାନେ ୧୨ଲକ୍ଷ ଲୋକଙ୍କୁ ନେଇ କରିଥିବା ଗବେଷଣା ରିପୋର୍ଟରେ ଜଣାଇଛନ୍ତି ଯେ ପ୍ରତିଦିନ ବ୍ୟାୟାମ କରୁଥିବା ଲୋକଙ୍କୁ ମାନସିକ ସ୍ତରରେ ଯେଉଁ ଖୁସି ମିଳିଥାଏ, ତାହା ବାର୍ଷିକ ୧୭ଲକ୍ଷ ଟଙ୍କା ରୋଜଗାର କରୁଥିବା ଲୋକଙ୍କ ଖୁସି ସହ ସମାନ । ଏହି ଗବେଷଣାରେ ସାମିଲ ହୋଇଥିବା ଲୋକଙ୍କୁ ୭୫ ପ୍ରକାର ଶାରୀରିକ କାର୍ଯ୍ୟକଳାପ ମଧ୍ୟରୁ ନିଜ ପସନ୍ଦର କାମ ବାଛିବା ଲାଗି କୁହାଯାଇଥିଲା । ଏଥିମଧରେ ଇନ ବା ବଗିଚା ସଫେଇଠାରୁ, ପିଲାଙ୍କ ଯତ୍ନ ନେବା, ସାଇକଲ ଚଳାଇବା ଭରୋତ୍ତୋଳନ କରିବା, ଦୌଡ଼ିବା ଆଦି ସାମିଲ ଥିଲା । ନପିୟମିତ ବ୍ୟାରୟାମ କରୁଥିବା ବ୍ୟକ୍ତିମାନେ ବର୍ଷକ ମଧରେ ମାତ୍ର ୩୫ଦିନ କ୍ଳାନ୍ତ ଅନୁଭବ କରୁଥିବାବେଳେ ବ୍ୟାୟାମ କରୁନଥିବା ଲୋକେ ୫୮ ଦିନ କ୍ଳାନ୍ତ ଅନୁଭବ କରିଥିବା ଏହି ଗବେଷଣାରୁ ଜଣାଯାଇଥିଲା । ତେବେ ମାତ୍ରାଧିକ ବ୍ୟାୟାମ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ । କାରଣ ସୀମିତ ସମୟର ଶାରୀରିକ



ବ୍ୟାୟାମ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖେ ବୋଲି ୟେଲ୍ ବିଶ୍ୱବିଦ୍ୟାଳୟର ଗବେଷକ ଆଡାମ୍ ଚେକରାଉଣ୍ଡ କହିଛନ୍ତି । ସପ୍ତାହକୁ ୩୦ରୁ ୬୦ମିନିଟ୍ ପର୍ଯ୍ୟନ୍ତ ୩ରୁ୫ଟି ଟ୍ରେନିଂ ସେସନ ସର୍ବୋତ୍ତମ । ତିନିଘଣ୍ଟାରୁ ଅଧିକ ସମୟ ବ୍ୟାୟାମ କରୁଥିବା ବ୍ୟକ୍ତିଙ୍କ ମାନସିକ ସ୍ଥିତି ପ୍ରାୟତଃ ଭଲ ରହେନାହିଁ । ଏରୋବିକସ, ସାଇକଲ ଚାଳନା, ଜିମରେ ବ୍ୟାୟାମ ଆଦି ମଣିଷର ମନ ଖୁସି ରଖିଥାଏ ବୋଲି ଏହି ଗବେଷଣାରୁ ଜଣାପଡ଼ିଛି ।

# ଡେଙ୍ଗୁରେ ଉପକାରୀ ଛେଳିକ୍ଷୀର

ସ୍ୱାସ୍ଥ୍ୟକର ଜୀବନଶୈଳୀରେ କ୍ଷୀରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା କ୍ୟାଲସିୟମ, ପ୍ରୋଟିନ ପଟାସିୟମ ଏବଂ ଭିଟାମିନ ଡିର ପ୍ରମୁଖ ଉତ୍ସ । ତେବେ ଅଧିକାଂଶ ଲୋକ ଗାଈ କିମ୍ବା ମଇଁଷି କ୍ଷୀର ବ୍ୟବହାର କରନ୍ତି । ହେଲେ ଚେଳି କ୍ଷୀର ସ୍ୱାସ୍ଥ୍ୟ ପାଇଁ ଉପକାରୀ ହେବା ସହ ରୋଗପ୍ରତିରୋଧକ ଶକ୍ତି ଏବଂ ମେଟାବଲିଜମ ବଢ଼ାଏ ଓ ହେଙ୍ଗୁରେ ବି ଉପକାର କରିଥାଏ ।

ବର୍ଷାଋତୁରେ ଡେଙ୍ଗୁ ରୋଗ ମହାମାରୀ ପରି ବ୍ୟାପିଥାଏ । ଏଥିରୁ ସୁରକ୍ଷିତ ରହିବା ଲାଗି ସତର୍କତା ନିହାତି ଜରୁରୀ । ତଥାପି କେହି ଡେଙ୍ଗୁରେ ଆକ୍ରାନ୍ତ ହେଲେ ଛେଳିକ୍ଷୀର ସେମାନଙ୍କ ପାଇଁ ଲାଭଦାୟକ ହୋଇଥାଏ । ଡେଙ୍ଗୁ ରୋଗରେ ରକ୍ତ ପ୍ଲେଟଲେଟ୍ କମିଯାଏ । ଛେଳି କ୍ଷୀରରେ






ପର୍ଯ୍ୟାପ୍ତ ସେଲେନିୟମ ଥିବାରୁ ଏହା ପ୍ଲେଟଲେଟ୍ ସଂଖ୍ୟା ବଢ଼ାଇବାରେ ସହାୟକ ହୋଇଥାଏ ବୋଲି ଗବେଷକମାନେ କହିଛନ୍ତି । ଏହି ସେଲେନିୟମ ମଧ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ଛେଳି କ୍ଷୀରରେ କ୍ୟାଲସିୟମ , ଭିଟାମିନ ବି, ଫସଫରସ ଏବଂ ପଟାସିୟମ ପରି ଏକାଧିକ ପୋଷକ ତତ୍ତ୍ୱ ରହିଛି । ଏହା ସହିତ ଆଇରନ ଏବଂ କପର ମଧ ଅଛି । ଏହା ଶରୀରର ମେଟାବଲିଜମ ହାର ବଢ଼ାଏ । ଛେଳି କ୍ଷୀରରେ କ୍ୟାଲସିୟମ ସହ ଆମିନୋ ଏସିଡ ଟ୍ରିପ୍ଟୋଫାନ ଥିବାରୁ ଏହା ଅସ୍ଥି ଶକ୍ତ କରିବା ଲାଗି ଅଧିକ ଉପକାରୀ । ଛେଳି କ୍ଷୀର ପିଇଲେ ଅସ୍ଥି ସହିତ ଦାନ୍ତ ସଶକ୍ତ ହେବ । ଏଥିରେ ମଧ ଉପକାରୀ ଫ୍ୟାଟି ଏସିଡ୍ ରହିଛି ଯାହା କୋଲେଷ୍ଟେରଲ ନିୟନ୍ତ୍ରଣରେ ରଖେ । ପଯାସିୟମ ଥିବାରୁ ରକ୍ତଚାପ କମାଇବାରେ ସହାୟକ ହୁଏ । ଛେଳି କ୍ଷୀର ମଧ ଆଣ୍ଟି ଇନଫ୍ଲାମେଟୋରୀ ଗୁଣରେ ଭରପୂର । ତେଣୁ ଏହାକୁ ପିଇଲେ ବିଭିନ୍ନ ପ୍ରକାର ଫୁଲାରୋଗ ସହ ପେଟ ଫୁଲାରୁ ବି ମୁକ୍ତି ମିଳିଥାଏ ।

# ମେଥିଦାନାର ବ୍ୟବହାର



■ଖାଦ୍ୟବିଶେଷଜ୍ଞଙ୍କ ମତରେ ନିୟମିତ ଭାବରେ ୧ଚାମଚ ମେଥିଦାନା ଖାଇଲେ ତାହା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ ।

■ମେଥିଦାନାରେ ପୋଟାସିୟମ ଅଧିକ ପରିମାଣରେ ଥିବାରୁ ତାହା ଶାରୀରରେ ସୋଡ଼ିୟମର ପରିମାଣକୁ ନିୟନ୍ତ୍ରଣ କରିଥାଏ । ଏହାଦ୍ୱାରା ରକ୍ତସଞ୍ଚାଳନ ଉତ୍ତମଉହେବା ସହ ହୃଦଯନ୍ତ୍ରୀ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇଥାଏ ।

■ମଧୁମେହ ରୋଗୀ ନିୟମିତ ଭାବେ ମେଥିଦାନା ଖାଇବା ସେମାନଙ୍କ ପାଇଁ ଉପକାରୀ । ଏଥିରେ ମହଜୁଦ୍ ଥିବା ଏମିନୋ ଏସିଡ୍ ଶରୀରରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣାଧୀନ ରଖିଥାଏ ।

■ମେଥିଦାନରେ ଭରପୂର ମାତ୍ରାରେ ଫାଇବର ଓ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ତାହା ଖାଦ୍ୟ ହଜମ କରାଇବାରେ ସାହାଯ୍ୟ କରିଥା, ।

ଓଜନ ହ୍ରାସ କରିବା ନିମନ୍ତେ ପ୍ରତ୍ୟହ ମେଥିଦାନା ଖାଇଲେ ୧ମାସ ମଧରେ କାର୍ଯ୍ୟକାରୀ ହୁଏ ।

■ମେଥିରେ ମହଜୁଦ୍ ଥିବା ପାଇବର ଶରୀରରୁ ଦୂଷିତ ପଦାର୍ଥ ବାହାର କରିଥାଏ । ଏହା ଦ୍ୱାରା କଲୋନ କର୍କଟର ଆଶଙ୍କା କମ ହୋଇଥାଏ । ମେଥିଦାନାରେ ଥିବା ପୋଟାସିୟମ ରକ୍ତ ସଞ୍ଚାଳନ ଉତ୍ତମ ହେବାପରେ ସାହାଯ୍ୟ କରିଥାଏ ।

# ଯୌତୁକ ବିରୋଧୀ ଗ୍ରାମବାସୀ



ରାଜସ୍ଥାନର ନାଗୁର ଜିଲାର ଏକ ଗ୍ରାମ ହେଉଛି ବାସନି ବେଲିମା । ପ୍ରାୟ ୫୫ଟି ପରିବାର ସେଠାରେ ରହୁଛନ୍ତି । ଗ୍ରାମର ସରପଞ୍ଚଙ୍କ କହିବା ଅନୁସାରେ, ୪୦ ବର୍ଷ ପୂର୍ବରୁ ସେଠାରେ କେତେକ ବିଶେଷ ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି । ଯୌତୁକର ବିରୋଧ କରାଯିବା ସହ ଗ୍ରାମର ସମସ୍ତ ପରିବାର ବର୍ଣାଢ଼୍ୟ ବିବାହ ଉତ୍ସବ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି । କେବଳ ବିବାହ କିମ୍ବା ସନ୍ତାନ ଜନ୍ମଲାଭରେ ହିଁ ସେଠାରେ ସାଧାରଣ ଭୋଜି ଅନୁଷ୍ଠିତ ହୁଏ । କୌଣସି ବ୍ୟକ୍ତିର ମୃତ୍ୟୁରେ ଭୋଜି ପରମ୍ପରାକୁ ସେଠାରେ ବନ୍ଦ କରାଯାଇଛି । ବିଧବା ସ୍ତ୍ରୀଲୋକଙ୍କୁ ତାଙ୍କ ପିଲା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ମାସିକ ଭତ୍ତା ଦିଆଯାଏ । ଏହି ଭତ୍ତା ସରକାରଙ୍କ ତରଫରୁ ନୁହେଁ ବରଂ ଗ୍ରାମବାସୀ ନିଜ ପାଣ୍ଠିରୁ ଯୋଗାଇଥାନ୍ତି । ଗ୍ରାମର ପ୍ରତ୍ୟେକ ଗରିବ ଲୋକଙ୍କ ପାଇଁ ୨ବଖରା ଘର ତିଆରି କରାଯାଇଛି । ସେଠାକାର ସମସ୍ତ ପରିବାର କୌଣସି ଦିନ ଉପବାସରେ କାଟିବ ନାହିଁ, ଏହା ମଧ ସେହି ଗ୍ରାମର ଅନ୍ୟତମ ନିୟମ । ବୟସ୍କଙ୍କ ସହ ଯୁବଗୋଷ୍ଠୀ ଓ ପିଲାମାନେ ମଧ ବେଶ୍ ସଚେତନ । ସେମାନେ ମଧ ଅର୍ଥ ସଞ୍ଚୟ କରି ବିଭିନ୍ନ ଉନ୍ନତିମୂଳକ କାମ କରୁଥିବାର ଜଣାପଡ଼ିଛି । ପଡ଼ୋଶୀ ଗ୍ରାମରୁ ବିବାହ ପ୍ରସ୍ତାବ ଆସିଲେ ବାସନି ଗ୍ରାମ ବାସୀମାନେ ବୋଉଉଭାବରେ ସତ୍କାର କରନ୍ତି । ହେଲେ ଯଦି ଭୁଲବାତଃ ପୁଅଘର ଲୋକେ ଯୌତୁକ ପ୍ରସଙ୍ଗ ଉଠାନ୍ତି, ତେବେ ତୁରନ୍ତ ତାଙ୍କୁ ସ୍ଥାନୀୟ ପୁଲିସ୍ ଥାନାକୁ ନିଆଯାଏ ।

# ନୂଆ ସ୍ମାର୍ଟ ଟେବୁଲ

ଲଣ୍ଡନର ଏକ କମ୍ପାନୀ ନିର୍ମାଣ କରିଛି ସ୍ମାର୍ଟଟେବୁଲ । ଏହାକୁ ଜଣେ ନିଜ ଘରେ ସଜାଇବା ପାଇଁ ରଖିପାରିବ ଓ ଇଣ୍ଟରନେଟ୍ ପାଇଁ ବ୍ୟବହାର କରିପାରିବ । ଉଭୟ ଆଣ୍ଡ୍ରଏଡ୍ ଓ ଓ୍ୱିଣ୍ଡୋଜ-୮ ସହାୟତାରେ ଏହା ଚାଳିତ ହେବ । ପ୍ରାୟ ଛ'ମାସ ପୂର୍ବେ ସେଠାକାର ଇଂଜିନିୟର ଦଳ ଏହି ଟେବୁଲ ନିର୍ମାଣ ଆରମ୍ଭ କରିଥିଲେ । ଫେବୃୟାରୀ ମାସରେ ଏହାର ଭଲ ଭାବେ ପରୀକ୍ଷା କରାଯିବ । ଜୁନ ସୁଦ୍ଧା ଏହା ବଜାରରେ ବିକ୍ରି ପାଇଁ ମିଳିବ । ଏହି ଟେବୁଲର ମୂଲ୍ୟ ୯୦ହଜାରରୁ ଆରମ୍ଭ ହୋଇ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି । ବିଭିନ୍ନ ଆକୃତିର ସାନ, ବଡ଼ ଟେବୁଲମାନ ରହିଛି । ଜଣେ ବ୍ୟକ୍ତି ଖୁବ୍ ସହଜରେ ଓ ଆରାମ ଭାବରେ ବସି ଏହି ଟେବୁଲକୁ ବ୍ୟବହାର କରିପାରିବ ।



# ତେଜପତ୍ରର ଉପକାରୀ ଗୁଣ



♦ତେଜପତ୍ରକୁ ବାଟି ଚର୍ମରେ ଲଗାଇଲେ ଚର୍ମରୋଗ ହୋଇନଥାଏ । ବିଭିନ୍ନ ବ୍ୟଞ୍ଜନରେ ଏହି ପତ୍ରକୁ ମସଲା ଭାବେ ବ୍ୟବହାର କରି ଖାଇଲେ ଶରୀରରେ ରକ୍ତସଞ୍ଚାଳନ ଉତ୍ତମ ଭାବରେ ହୁଏ ।

♦ବାଲଟିଏ ପାଣିରେ ତେଜପତ୍ର ୧୫ମିନିଟ୍ ବତୁରାଇ ସ୍ନାନ କଲେ ଚର୍ମରୋଗ ହୋଇନଥାଏ ।

♦ଥଣ୍ଡାଜନିତ ମୁଣ୍ଡବ୍ୟଥା ସମୟରେ ତେଜପତ୍ର ବାଟି ମଥାରେ ଲଗାଇଲେ ମୁର୍ଡବ୍ୟଥାରୁ ଉପଶମ ମିଳେ ।

♦କାଶ ହେଲେ ତେଜପତ୍ର ଓ ଅଳ୍ପ ମିଶ୍ରିକୁ ମିଶାଇ ପାଣିରେ ଫୁଟାଇ, ସେହି ପାଣିକୁ ତଣ୍ଡା କରି ପିଇଲେ କାଶରୁ ରକ୍ଷା ମିଳେ ।

♦ମଧୁମେହ ରୋଗୀ ତେଜପତ୍ର ଫୁଟାପାଣିକୁ ନିୟମିତ ପିଇଲେ ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ ।

# ସୌନ୍ଦର୍ଯ୍ୟରେ କଦଳୀ

ପାଚିଲା କଦଳୀର ପ୍ରୟୋଗ ତ୍ୱଚାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ ।

୧ ଚାମଚ ମହୁରେ ଗୋଟିଏ କଦଳୀକୁ ଭଲଭାବେ ଚକଟି ମୁହଁ, ହାତ ଓ ବେକରେ ଲଗାଇ ୨୦ମିନିଟ୍ ପରେ ନଖ ଉଷୁମ ପାଣିରେ ଧୋଇନିଅନ୍ତୁ । ବାହାରୁ କାମ ସାରି ଫେରିବା ପରେ ପ୍ରତ୍ୟେକ ଦିନ ତ୍ୱଚା ସଫା ପାଇଁ ଏହି ନିୟମ ଆପଣାନ୍ତୁ।

ତ୍ୱଚାରେ ଚମକ ଆଣିବା ନିମନ୍ତେ ୨ଚାମଚ ଲେମ୍ବୁରସରେ କଦଳୀ ଚକଟି ମୁହଁରେ ଲଗାନ୍ତୁ । ୩୦ମିନିଟ୍ ପରେ ମୁହଁ ଧୋଇବା ପରେ ତ୍ୱଚାର ଉଜ୍ଜ୍ୱଲ୍ୟତା ଲକ୍ଷ୍ୟ କରିହେବ ।

କଦଳୀ ଓ ଚିନିକୁ ମିଶାଇ ମୁହଁରେ ଘଷିଲେ, ଏହା ସ୍କ୍ରବ୍ ପରି କାମ କରିଥାଏ ।

ଆଖି ତଳ ଦାଗ ପଡ଼ିଲେ କଦଳୀ ଚକଟି ସେଥିରେ ୧ ଚାମଚ ଗୋଲାପ ଜଳ ମିଶାନ୍ତୁ । ଆଖି ଉପରେ ଛୋଟ ଧଳା କପଡ଼ା ରଖି ଏହି ମିଶ୍ରଣକୁ ରଖନ୍ତୁ । ୩୦ମିନିଟ୍ ପରେ ତାହାକୁ ବାହାର କରି ଆଖି ଧୋଇନିଅନ୍ତୁ । ୧ସପ୍ତାହ ଏପରି କଲେ ଆଖିତଳ ଦାଗ କମ ହୋଇଥାଏ । କଦଳୀକୁ କଞ୍ଚା କ୍ଷୀର ସହ ମିଶାଇ ତ୍ୱଚାରେ ଲଗାଇଲେ ଦାଗ ଦୂର ହୋଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପରୋକ୍ଷ କ୍ଷତିକାରକ...

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗତ ସୋମବାର ଦିନ କହିଛନ୍ତି ଯେ, ଭାରତ ସହ ଯୋଜନାବଦ୍ଧ ଭାବେ ଚୀନ ସୀମା ବିବାଦ ଜାରି ରଖିଛି ଓ ଏବେ ଚୀନ ସହ ପାକିସ୍ତାନ ମଧ୍ୟ ହାତ ମିଳାଇଛି । ପ୍ରତିରକ୍ଷା ମନ୍ତ୍ରୀଙ୍କର ଏହା ଅଭିଯୋଗ ନୁହେଁ, ବାସ୍ତବତା ମଧ୍ୟ । ଏହି ବାସ୍ତବତା ମଧ୍ୟରେ ଭାରତ ସାତ ଦଶନ୍ଧିରୁ ଅଧିକ କାଳ ଧରି ରହିଆସିଛି । ଚୀନ ସହ ଏବେସୁଦ୍ଧା ଯେତେ ଯେତେ ଚୁକ୍ତିନାମା ଅବା ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି ସେସବୁ କେବଳ କୂଟନୈତିକ ନଥି; ଯେଉଁଥିରେ ବାସ୍ତବତା କମ୍ ଏବଂ ଏହାକୁ ଚୀନ ସଦାବେଳେ ଉଲ୍ଲଙ୍ଘନ କରିଆସିଛି । ଭାରତ ଏହାକୁ ଉପଲବ୍ଧି କରିବାରେ ବିଳମ୍ବ ଘଟାଇଛି । ଚୀନର ପଞ୍ଚଶୀଳ ରାଜିନାମା ଉଲ୍ଲଙ୍ଘନଠାରୁ ଭାରତ ଏହା ହୃଦୟଙ୍ଗମ କରିବାର ଥିଲା । ତେବେ ବିଳମ୍ବରେ ହେଲେ ସୁଦ୍ଧା ଏବେ ଭାରତ ସେପରି ହୃଦ୍‌ବୋଧ ହୋଇଛି ଓ ପିପୁଲ୍ସ ଲିବରେସନ ଆର୍ମି (ପିଏଲଏ)କୁ ମୁକାବିଲା କରିବାରେ ଭାରତୀୟ ସେନା କୌଣସି ସୁଯୋଗ ହାତଛଡ଼ା କରିନାହାଁନ୍ତି । ଡୋକଲାମ ହେଉ ଅବା ଗଲୱାନ ଘାଟି ଅଞ୍ଚଳର ବିବାଦ, ଚୀନ ଏଭଳି ସୀମା ବିବାଦ ସୃଷ୍ଟି କରିଚାଲିବା ହେଉଛି ସେ ଦେଶର ମୂଳନୀତିର ଅଂଶବିଶେଷ । ସାମରିକ ଦୃଷ୍ଟିରୁ ଭାରତ ଏବେ ଚୀନକୁ ସାମ୍ନା କରିବାକୁ ସବୁ ଦୃଷ୍ଟିରୁ ସକ୍ଷମ । ଏଥିପାଇଁ ସାମରିକ ସାମର୍ଥ୍ୟ ସହ ରାଜନୈତିକ ଇଚ୍ଛାଶକ୍ତି ମଧ୍ୟ ଆବଶ୍ୟକ । ତେବେ ଚରମ ବାସ୍ତବତା ହେଉଛି, ଏକବିଂଶ ଶତାବ୍ଦୀରେ ଯୁଦ୍ଧର ପରିଭାଷାରେ ଘଟିଥିବା ପରିବର୍ତ୍ତନ । ବିଂଶ ଶତାବ୍ଦୀରେ ଯୁଦ୍ଧ ଲାଗି ଅସ୍ତ୍ର ବ୍ୟବହାର କରାଯାଉଥିଲା । ଏବେ ଯୁଦ୍ଧକୁ ଅସ୍ତ୍ରରୂପେ ବ୍ୟବହାର କରାଯାଉଛି । ତାହା ପୁଣି ବାସ୍ତବ ଯୁଦ୍ଧ ନୁହେଁ, ଯୁଦ୍ଧର ଭୟ ଅବା ବାତାବରଣ ସୃଷ୍ଟି । ଅର୍ଥାତ୍ ଏହା ଏକ କୂଟନୈତିକ ଚାପ । ଭାରତ କିନ୍ତୁ ସେଭଳି ଚାପକୁ ସହ୍ୟ କରି ପ୍ରତିଚାପ ସୃଷ୍ଟି କରିବାକୁ ଏବେ ସଂପୂର୍ଣ୍ଣ ସକ୍ଷମ । ଉଦାହରଣ ସ୍ୱରୂପ, ଗଲୱାନ ଏଲଏସି ଉତ୍ତେଜନା ସୃଷ୍ଟି ହେବାଠାରୁ ଅଦ୍ୟାବଧି ଭାରତ କେବଳ ସୀମାନ୍ତରେ ଚୀନ ସେନାଙ୍କ ମୁକାବିଲା କରିନାହିଁ, ଅପରନ୍ତୁ ସେ ଦେଶ ବିରୋଧରେ କଠୋର ଅର୍ଥନୈତିକ ପଦକ୍ଷେପ ମଧ୍ୟ ଗ୍ରହଣ କରିଛି । ଚୀନରୁ ଆମଦାନି କରାଯାଉଥିବା ସାମଗ୍ରୀ ଉପରେ ଭାରତ ଗତ ଚାରି ମାସ ମଧ୍ୟରେ ଯେତେବେଳେ କଟକଣା ଜାରି କରିଛି ତାହା କେବଳ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କ୍ଷେତ୍ରରେ ଥିବା ଅସନ୍ତୁଳନକୁ ହ୍ରାସ କରିନାହିଁ । ଅପରପକ୍ଷେ ଚୀନ ପାଇଁ ବିପୁଳ କ୍ଷତି ପହଞ୍ଚାଇଛି । ପରିସଂଖ୍ୟାନ ସୂଚାଏ ଯେ, ୨୦୨୦-୨୧ ଆର୍ଥିକ ବର୍ଷର ପ୍ରଥମ ପାଞ୍ଚ ମାସ ମଧ୍ୟରେ ଚୀନ ସହିତ ଦ୍ୱିପାକ୍ଷିକ କାରବାରରେ ପ୍ରାୟ ୫୦% ହ୍ରାସ ଘଟିଛି । ଏହି ସମୟ ମଧ୍ୟରେ ଚୀନ ସାମଗ୍ରୀ ଆମଦାନି ପ୍ରାୟ ୬୦% କମିଛି, ଯାହାକି ଚୀନ ପାଇଁ ଚିନ୍ତାର କାରଣ ପାଲଟିଛି । ତେଣୁ ଚଳିତ ବର୍ଷ ଏପ୍ରିଲଠାରୁ ଅଗଷ୍ଟ ମଧ୍ୟରେ ଦୁଇ ଦେଶ ମଧ୍ୟରେ ବ୍ୟାବସାୟିକ କାରବାର ମାତ୍ର ୧୨.୬ ବିଲିଅନ ଡଲାରକୁ ହ୍ରାସ ପାଇଛି । ଗତବର୍ଷ ସେହି ସମୟ ମଧ୍ୟରେ ଏହି କାରବାର ପରିମାଣ ଥିଲା ୨୨.୬ ବିଲିଅନ ଡଲାର । ଆଶ୍ଚର୍ଯ୍ୟର କଥା, ଏହି ସମୟ ମଧ୍ୟରେ ଚୀନକୁ ଭାରତୀୟ ଦ୍ରବ୍ୟ (ଲୁହା ଓ ଇସ୍ପାତ ଭଳି କଞ୍ଚା ମାଲ)ର ରପ୍ତାନିରେ ଯଥେଷ୍ଟ ପ୍ରଗତି ଘଟିଛି । ଅନ୍ୟ ଭାଷାରେ କହିଲେ, ଚୀନ ଉପରୁ ଭାରତର ନିର୍ଭରଶୀଳତା ଦ୍ରୁତବେଗରେ କମିଚାଲିଛି । ୟୁରୋପ ଓ ଆମେରିକୀୟ ବଜାର ଦ୍ୱାର ବନ୍ଦ୍ ହେବାପରେ ଚୀନ ଭାରତ, ଆଫ୍ରିକୀୟ ଓ ଲାଟିନ ଆମେରିକୀୟ ରାଷ୍ଟ୍ର ଉପରେ ଅଧିକ ନିର୍ଭରଶୀଳ ଥିଲା । ବାସ୍ତବପକ୍ଷେ, ବ୍ୟାବସାୟିକ କାରବାର ଆଳରେ ଚୀନ ଭାରତରେ ତା'ର ବର୍ଜ୍ୟ ଗଦା କରି ଚାଲିଥିଲା । ଏବେ ତାହା ବନ୍ଦ୍ ହୋଇଯାଇଛି । ଏହାର ଦୁଇଟି ମୁଖ୍ୟ କାରଣ ହେଲା, କରୋନା ସଂକ୍ରମଣ ଓ ଆର୍ଥିକ ସଂକୋଚନ ଏବଂ ଗଲୱାନ ବିବାଦ ପରେ ଚୀନ ସାମଗ୍ରୀ ଉପରୁ ଭାରତୀୟ ଉପଭୋକ୍ତାଙ୍କ ଚାହିଦା ହ୍ରାସ ତଥା ସରକାରୀ କଟକଣା । ଚୀନ ଏହି ବାସ୍ତବତାକୁ ବରଦାସ୍ତ କରିବା କାଠିକର ପାଠ । ଏପରିକି, ଭାରତ ବିରୋଧରେ ଚୀନ ପାକିସ୍ତାନକୁ ଯେଉଁଭଳି ଭାବେ ଉପଯୋଗ କରୁଛି, ଭାରତ ଏବେ ତାଇୱାନ ଓ ତିବ୍ବତ ପ୍ରସଙ୍ଗ ଉଠାଇ ଚୀନର କୂଟନୈତିକ ଚାଲକୁ ଭଣ୍ଡୁର କରିଦେଇଛି । ଏହାକୁ ନୂଆଦିଲ୍ଲୀର କୂଟନୈତିକ ପରିପକ୍ୱତା ବୋଲି କୁହାଯାଇପାରେ । ବାସ୍ତବ ଯୁଦ୍ଧ ପାଇଁ କୌଣସି ପକ୍ଷ ରାଜି ନୁହଁନ୍ତି । କାରଣ ସେଥିରେ ଉଭୟଙ୍କର ଭୀଷଣ କ୍ଷତି କିନ୍ତୁ ସୀମାନ୍ତରେ ସେନା ଠୁଳ ଏବେ ଦୁଇ ଦେଶଙ୍କ ସାମର୍ଥ୍ୟକୁ ପଦାକୁ ଆଣିଛି । ବିଶେଷକରି, ଚୀନକୁ ଭାରତ ସୂଚାଇ ଦେଇଛି କି ୧୯୬୨ ଭଳି ଦୁଃସାହସ କଲେ ଏହାର ପରିଣାମ ଭୟାବହ ହେବ । ସୌଭାଗ୍ୟର କଥା, ଏବେ ବିଶ୍ୱ ଜନମତ ଭାରତ ସପକ୍ଷରେ । ତେଣୁ ଚୀନ କ୍ଷୁଧାର୍ତ୍ତ ଶ୍ୱାନଟିଏ ହୋଇ ଚିତ୍କାର କରିବାକୁ ବାଧ୍ୟ ।

## କରୋନା ନିୟନ୍ତ୍ରଣ ଦିଗରେ ଲୋକେ କେତେ ସଚେତନ


ସୁବାସ କୁମାର ତାରଣିଆଁ




ବର୍ତ୍ତମାନ ମହାମାରୀ କରୋନା ସବୁଠାରୁ ଭୟଙ୍କର ପରିସ୍ଥିତି ଦେଇ ଗତି କରୁଛି ଯାହାକୁ ନେଇ ସମଗ୍ର ମାନବ ଜାତି ଆଜି ଆତଙ୍କିତ। ଦୀର୍ଘ ୭ ମାସ ବିତି ଯାଇଥିଲେ ମଧ୍ୟ କରୋନାର ପ୍ରକୋପ କମୁନାହିଁ। ବରଂ ଦିନକୁ ଦିନ ସମୟ ଯେତେ ଅତିବାହିତ ହେଉଛି, କରୋନାର କରାଳ ରୂପ ସେତେ ଉଗ୍ରରୂପ ଧାରଣ କରୁଛି। ସାରା ବିଶ୍ୱକୁ କରୋନା କବଳିତ କରି ରଖିଥିଲେ ମଧ୍ୟ କୌଣସି ରାଷ୍ଟ୍ର ଏହାକୁ ମୁକାବିଲା କରିବାରେ ସଫଳ ହୋଇପାରି ନାହାଁନ୍ତି। ବର୍ତ୍ତମାନ କରୋନା ସଂକ୍ରମିତ ରାଷ୍ଟ୍ରଗୁଡ଼ିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଆମେରିକା ପରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି ଯାହାକୁ ନେଇ ବୁଦ୍ଧିଜୀବୀ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସମସ୍ତେ ଗୃହଁ ରହିଛନ୍ତି କେବେ ବାହାରିବ କରୋନା ପ୍ରତିଶେଧକ ଟୀକା, କେବେ ଫେରିବ ପୂର୍ବଭଳି ସ୍ୱାଭାବିକ ଅବସ୍ଥା? ଇତି ମଧ୍ୟରେ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭୪ ଲକ୍ଷ ୭୩ ହଜାର ୫୪୪କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ସଂଖ୍ୟା ୧ ଲକ୍ଷ ହଜାର ୮୪୨କୁ ବୃଦ୍ଧି ପାଇଛି। ସେହିପରି ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨ ଲକ୍ଷ ୨୯ ହଜାର ୩୮୭କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ସଂଖ୍ୟା ୮୯୨କୁ ବୃଦ୍ଧି ପାଇଛି । ଏହି କରୋନା ମହାମାରୀ କେବେ ବିଶ୍ୱରୁ ବିଦାୟ ନେବ, ତାର ସଠିକ୍ ଉତ୍ତର ଆଜି ପର୍ଯ୍ୟନ୍ତ କୌଣସି ଡ଼ାକ୍ତର, ସ୍ୱାସ୍ଥ୍ୟ ବିଶେଷଜ୍ଞ ବା ବୈଜ୍ଞାନିକମାନେ କେହି ଦେଇପାରି ନାହାଁନ୍ତି। କେବଳ ସଚେତନ ରହି ସାମାଜିକ ଦୂରତା ରକ୍ଷା କରିପାରିଲେ କରୋନା ଆମ ଠାରୁ ଦୂରେଇ ରହିବ।

ଓଡ଼ିଶାରେ ପ୍ରଥମେ ମାର୍ଚ୍ଚ ମାସରେ ପ୍ରବେଶ କରିଥିଲା ମହାମାରୀ କରୋନା। ସରକାର କରୋନାକୁ ନିୟନ୍ତ୍ରଣ କରିବାକୁ ଯାଇ ଲୋକମାନଙ୍କୁ ଘରେ ରୁହନ୍ତୁ ଓ ସୁସ୍ଥ ରୁହନ୍ତୁ ବୋଲି ବାରମ୍ବାର ଲକ୍‌ଟାଉନ ଓ ସଟ୍‌ଡ଼ାଉନ୍ ଘୋଷଣା କଲେ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ତଥା ଲୋକମାନଙ୍କ ସୁରକ୍ଷା ଦୃଷ୍ଟିରୁ ସ୍କୁଲ୍, କଲେଜ, ଦୋକାନବଜାର, ମନ୍ଦିର, ମସଜିଦ୍ ଓ ମଲ୍‌ସବୁ ବନ୍ଦ ରହିଲା। କେବଳ ଅତ୍ୟାବଶ୍ୟକୀୟ ସାମଗ୍ରୀକୁ ଛାଡ଼ି ବାକି ସବୁ ବନ୍ଦ ରହିଲା। ଏହି ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ ଦୋକାନ, ବଜାର ଓ ଛକମାନଙ୍କରେ ପୋଲିସ୍ ପହଁରା ମାରିଲେ। ଲୋକମାନେ ଘରେ ଥିଲେ, ସୁସ୍ଥରେ ଥିଲେ। ଅନ୍ୟପଟେ ଦୀର୍ଘ ମାସ ଧରି ଲକ୍‌ଡ଼ାଉନ୍ ଓ ସଟ୍‌ଡ଼ାଉନ ଜାରି ରହିବା ଫଳରେ ବେପାର ବାଣିଜ୍ୟ କ୍ଷେତ୍ରରେ ମାନ୍ଦାବସ୍ଥା ଦେଖାଦେଲା, ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଲେ। ଦୀର୍ଘ ଦିନ ଧରି ଦୋକାନ ବଜାର ବନ୍ଦ ରହିବା ଫଳରେ ଲୋକମାନଙ୍କର ଆର୍ଥିକ ମେରୁଦଣ୍ଡ ଏକ ପ୍ରକାର ଦୁର୍ବଳ ହୋଇପଡ଼ିଲା। ଏପରିକି ନିଜର ପରିବାର ପ୍ରତିପୋଷଣ ପାଇଁ ଲୋକମାନେ ଅସମର୍ଥ ହୋଇପଡ଼ିଲେ। ଦେଶର ଅର୍ଥନୀତିରେ ଭୟଙ୍କର ସଙ୍କଟ ଦେଖାଦେଲା। ଜୀବନ ଜୀବିକା ବିପନ୍ନ ହୋଇପଡ଼ିଲା। ଲୋକମାନଙ୍କ ଏହିସବୁ ସମସ୍ୟାକୁ ହୃଦୟଙ୍ଗମ କରି ରାଜ୍ୟ ସରକାର ଲକ୍‌ଡ଼ାଉନ ଓ ସଟ୍‌ଡ଼ାଉନକୁ କୋହଳ କରିଦେଲେ। କିନ୍ତୁ ସାମାଜିକ ଦୂରତା ବଜାୟ ରଖିବା, ନିୟମିତ ମାସ୍କ ବ୍ୟବହାର କରିବା, ବାରମ୍ବାର ସାବୁନ୍‌ରେ ହାତ ଧୋଇବା, ଜନଗହଳିପୂର୍ଣ୍ଣ ସ୍ଥାନକୁ ନଯିବା, ଜରୁରୀ କାମ ନଥିଲେ ବାହାରକୁ ନ ବାହାରିବା ପାଇଁ ପରାମର୍ଶ ଦିଆଗଲା। ହେଲେ ସରକାରଙ୍କ ଏହି ପରାମର୍ଶ ପ୍ରଭାବ ଲୋକମାନଙ୍କ ଉପରେ ପଡ଼ିଲା ନାହିଁ। ଲକ୍‌ଡ଼ାଉନ୍ ଓ ସଟ୍‌ଡ଼ାଉନ୍ କୋହଳ ହେବା ଫଳରେ ଲୋକମାନଙ୍କ ମଧ୍ୟରେ ସଚେତନତାର ଅଭାବ ଦେଖାଦେଲା। ଲୋକମାନେ ବିନା ମାସ୍କରେ ଖୁଲାମଖୁଲା ବୁଲିଲେ। ବିଶେଷକରି ରାଜଧାନୀରେ ରହୁଥିବା ଶିକ୍ଷିତ ଜନସାଧାରଣଙ୍କ କ୍ଷେତ୍ରରେ ଏହା ବେଶୀ ପରିଲକ୍ଷିତ ହୋଇଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ରାଜଧାନୀର ହୋଟେଲ, ରେଷ୍ଟୁରାଣ୍ଟ ଓ ସପିଂ ମଲ୍, ଫାଷ୍ଟଫୁଡ୍ ଓ ଖଣ୍ଡାପାନୀୟ ଦୋକାନମାନଙ୍କରେ ଭିଡ଼ ଜମାଇବା କାରଣରୁ ଏହାର ଭୟଙ୍କର ପରିଣତି ସାଧାରଣ ଲୋକମାନଙ୍କ ଉପରେ ପଡ଼ିଲା। ଏହିଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ରାଜଧାନୀର ମାଛ ଓ ମାଂସ ଦୋକାନରେ ହେଉଥିବା ଗହଳିକୁ ଦେଖିଲେ ଲୋକମାନଙ୍କ ମଧ୍ୟରେ କେତେ ଯେ ସାମାଜିକ ଦୂରତା ରକ୍ଷା କରାଯାଉଛି ତାହା ସ୍ପଷ୍ଟ ଅନୁମେୟ ହୁଏ। ଏବେ ଦେଖାଯାଉଛି ଯେ, ଲକ୍‌ଡ଼ାଉନ, ସଟ୍‌ଡ଼ାଉନ ସମୟରେ କରୋନା ସଂକ୍ରମିତଙ୍କ ମଧ୍ୟରୁ ସଙ୍ଗରୋଧ କେନ୍ଦ୍ରରୁ ଅଧିକ ସଂଖ୍ୟକ ଚିହ୍ନଟ ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳରୁ ଖୁବ୍ କମ୍ ସଂଖ୍ୟାରେ ଚିହ୍ନଟ ହେଉଥିଲେ, କିନ୍ତୁ ଲକ୍‌ଟାଉନ, ସଟ୍‌ଡ଼ାଉନ କୋହଳ ପରେ, ସଙ୍ଗରୋଧ କେନ୍ଦ୍ରରୁ କମ୍ ସଂଖ୍ୟକ ଚିହ୍ନଟ ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳରୁ ମାତ୍ରାଧିକ ସଂକ୍ରମିତ ଚିହ୍ନଟ ହେଲେ। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଲୋକମାନଙ୍କ ମଧ୍ୟରେ ସଚେତନତାର ଅଭାବ ଏହାର ମୁଖ୍ୟ କାରଣ। ଯାହାର ପରିଣତିସ୍ୱରୂପ କେବଳ ରାଜଧାନୀ ଭୁବନେଶ୍ୱରରେ ୨୨ ହଜାର ୮୭୬ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ବେଳେ ୧୦୦ ଜଣଙ୍କର ମୃତ୍ୟୁ ଘଟିଛି। ଏହି କାରୋନା ସଂକ୍ରମିତଙ୍କ ମଧ୍ୟରେ ବହୁ ବିଧାୟକ, ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଓ କରୋନା ଯୋଦ୍ଧା ମଧ୍ୟ ସାମିଲ୍ ହୋଇଛନ୍ତି। କରୋନା ନିୟମକୁ ଉଲଂଘନ କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲେ ମଧ୍ୟ ଲୋକମାନଙ୍କ ମଧ୍ୟରେ କୌଣସି ପରିବର୍ତ୍ତନ ଘଟିଲା ନାହିଁ। ଏପରିକି ଅନେକ ବ୍ୟକ୍ତି ଏକାଧିକଥର ଜୋରିମାନା ଦେଇ ସାରିଲେଣି, ଫଳ କିନ୍ତୁ ଶୂନ। ସେହିପରି ରାଜ୍ୟ ସରକାର କରୋନା କଟକଣା ସମୟରେ ବିବାହ ଉତ୍ସବ, ପର୍ବପର୍ବାଣୀ ଓ ଜନ ସମାଗମ ଉପରେ କଟକଣା ଜାରି କରିଥିଲେ ମଧ୍ୟ ଲୋକମାନେ ଏହାକୁ ଉଲଘଂନ କରି ଏହି ସଙ୍କଟ ସମୟରେ ବିଭିନ୍ନ ସଭା ସମିତି ଓ ଜନ୍ମ ବାର୍ଷିକୀ ପାଳନ କରି ଜନ ସମାଗମ କରିବା ଫଳରେ ଏହାର ପ୍ରଭାବ ମଧ୍ୟ ସାଧାରଣ ଲୋକମାନଙ୍କ ଉପରେ ପଡ଼ିଲା। କଥାରେ ଅଛି 'ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା'। ଅର୍ଥାତ୍ ନିଜେ ସଚେତନ ରହିଲେ ଏ ସମାଜ, ଏ ଦେଶ, ଏ ଜାତି ସଚେତନ ହେବ। କିନ୍ତୁ ଏ କଥା ନ ବୁଝି ସବୁ କଥାରେ ରାଜ୍ୟ ସରକାରଙ୍କୁ ଦାୟୀ କରିବା ନିଜର ବିର୍ବୋଧତାର ପରିଚୟ ନୁହେଁ କି? ଯେଉଁ ଅମାନିଆ ବ୍ୟକ୍ତିବିଶେଷ ଦିନେ କରୋନା ସଂକ୍ରମଣକୁ ନେଇ ଉପହାସ କରୁଥିଲେ, ଆଜି ସେହିମାନେ ହିଁ କରୋନାରେ ସଂକ୍ରମିତ।

ଏହି କିଛିଦିନ ହେବ ଓଡ଼ିଶାରେ ଯେଉଁଭଳି ଭାବରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି, ସେହି ତୁଳନାରେ ଆବଶ୍ୟକୀୟ ସଂଖ୍ୟକ କ୍ୱାରେଣ୍ଟାଇନ୍ ସେଣ୍ଟର ନଥିବାରୁ ଏବେ କରୋନା ସଂକ୍ରମିତମାନଙ୍କୁ ନିଜ ଘରେ କ୍ୱାରେଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ଓଡ଼ିଶାରେ କରୋନା ସଂକ୍ରମିତ ଦୃଷ୍ଟିରୁ ରାଜଧାନୀ ରହିଛି ପ୍ରଥମ ସ୍ଥାନରେ। କରୋନାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ରାଜଧାନୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା ବେଳେ କରୋନା ସଂକ୍ରମିତମାନେ ଅନେକ ସମୟରେ ବାହାରେ ବୁଲୁଥିବାର ଦେଖିବାକୁ ମିଳୁଛି। ଏମାନେ ସହର ବଜାରର ବିଭିନ୍ନ ସ୍ଥାନମାନଙ୍କରେ ବୁଲିବା, ଦୋକାନରୁ ଜିନିଷ କିଣିବା ଫଳରେ ଏମାନଙ୍କ ସଂସ୍ପର୍ଶରେ ଆସି ସାଧାରଣ ଲୋକମାନେ ମଧ୍ୟ କରୋନାର ଶିକାର ହେଲେ। ଏବେ ରାଜଧାନୀର ପ୍ରତ୍ୟେକ ସାହି, ବସ୍ତି, କଲୋନୀ ଓ ଅଫିସ୍‌ମାନଙ୍କରେ କରୋନା ରୋଗୀଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଲା। ଯେଉଁଥିପାଇଁ ରାଜଧାନୀରେ ଦୈନିକ ୪୦୦ରୁ ଉର୍ଦ୍ଧ୍ୱ କରେନା ସଂକ୍ରମିତ ଚିହ୍ନଟ ହେଉଛନ୍ତି ଯାହା ରାଜଧାନୀବାସୀଙ୍କ ନିଦ ହଜାଇ ଦେଇଛି।

ନିକଟରେ ରାଜ୍ୟ ସରକାର ସମସ୍ତ ହୋଟେଲ ଓ ରେଷ୍ଟୁରାଣ୍ଟ ଖୋଲିବାକୁ ଅନୁମତି ଦେଲେ, ଏଥିପାଇଁ କିଛି କଟକଣା ମଧ୍ୟ ଜାରି କଲେ। ଯେଉଁମାନେ କଟକଣାକୁ ଅବମାନନା କରିବେ, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଘୋଷଣା ମଧ୍ୟ କଲେ। ସବୁ ହୋଟେଲ ଓ ରେଷ୍ଟୁରାଣ୍ଟ ଖୋଲିଲା, କିନ୍ତୁ କୌଣସି ହୋଟେଲ ଓ ରେଷ୍ଟୁରାଣ୍ଟର ମାଲିକମାନେ ରାଜ୍ୟ ସରକାରଙ୍କ କଟକଣାକୁ କାର୍ଯ୍ୟକାରୀ କଲେ ନାହିଁ। ଏକ ସର୍ଭେରୁ ଜଣାପଡ଼ିଛି ଯେ, ହୋଟେଲ, ରେଷ୍ଟୁରାଣ୍ଟ ବନ୍ଦ ଥିବା ସମୟରେ ରାଜଧାନୀରେ ଯେତିକି ସଂଖ୍ୟକ କରୋନା ସଂକ୍ରମିତ ଚିହ୍ନଟ ହେଉଥିଲେ, ହୋଟେଲ, ରେଷ୍ଟୁରାଣ୍ଟ ଖୋଲିବା ପରେ ଏହି ସଂଖ୍ୟା ବହୁ ଗୁଣରେ ବୃଦ୍ଧି ପାଉଛି।

ତେଣୁ କରୋନା ଦୂର ହେବ। କିନ୍ତୁ ଏବେ ସଚେତନ ହେବାକୁ ପଡ଼ିବ। ମାସ୍କ ପିନ୍ଧିବା, ଶରୀରିକ ଦୂରତା ରଖିବା ଓ ନିୟମିତ ହାତ ଧୋଇବା। ସର୍ବୋପରି ରାଜ୍ୟ ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରିପାରିଲେ, ତେବେ ଯାଇ କରୋନା ହାରିବ, ଆମେ ନିଶ୍ଚୟ ଜିତିବା। ଆମେ ଯଦି ହେବା ସଚେତନ, କରୋନା ହୋଇବ ଅନ୍ତର୍ଦ୍ଧାନ।


+ କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର

ମୋ : ୮୩୨୮୮୪୦୨୧୪


## ସମ୍ପର୍କରେ ଅକୁହା କଥା


ଡ଼ଃ ଶୁଭାଶିଷ ସୌଭାଗ୍ୟ ଶେଖର ସ୍ୱାଇଁ




ସମ୍ପର୍କ ବହୁ ପ୍ରକାର । ମିତ୍ରତା ଏକ ସମ୍ପର୍କ, ଶତ୍ରୁତା ବି ଏକ ସମ୍ପର୍କ । ବାପ-ପୁଅ, ସାଙ୍ଗ-ସାଥୀ, ଭାଇ-ଭଉଣୀ, ବନ୍ଧୁ-ବାନ୍ଧବ, ସାହି-ପଡିଶା ଭିତରେ ସମ୍ପର୍କ ପରି ରାଜ୍ୟ-ରାଜ୍ୟ ଓ ଦେଶ-ଦେଶ ମଧ୍ୟରେ ବିଭିନ୍ନ ସମ୍ପର୍କ ଦେଖିବାକୁ ମିଳେ । ସମ୍ପର୍କ ରଖିବାକୁ ଉଭୟ ପକ୍ଷଙ୍କ ସହମତି ଦରକାର ହୁଏ । ଆଉ ଭାଙ୍ଗିବାକୁ ଏକ ପକ୍ଷ ହିଁ ଯଥେଷ୍ଟ । ଏକପାଖିଆ ସମ୍ପର୍କରେ ଝଡ ଯେତିକି ଦେଖିବାକୁ ମିଳେ ସମର୍ପଣ ବି ଶିଖର ଛୁଇଁଥାଏ । ସମ୍ପର୍କ ତିଷ୍ଠି ରୁହେ ପରସ୍ପର ବିଶ୍ୱାସ ଓ ନିସ୍ୱାର୍ଥପର ଭାବନାରେ । ମାନ-ଅଭିମାନ, ରାଗ-ରୁଷା, ଥଟ୍ଟା-ମଜା, ହସ-ଖୁସି ସମ୍ପର୍କକୁ ମଜବୁତ କରେ । କାନକୁହା କଥା ଓ ତୃତୀୟ ବ୍ୟକ୍ତି ହିଁ ସମ୍ପର୍କରେ ଫାଟ ସୃଷ୍ଟି କରିବାରେ ନେତୃତ୍ୱ ନିଅନ୍ତି । କୁହାଯାଇଛି, ବିପଦ ବେଳେ ହିଁ ସମ୍ପର୍କର ନିବିଡିତା ଜଣା ପଡେ । ଦୂର ପର୍ବତ ସୁନ୍ଦର ପରି ସମ୍ପର୍କର ମାଧୁର୍ଯ୍ୟ ଦୂରରେ ଥିଲେ ହିଁ ବେଶୀ ଅନୁଭବ ହୁଏ । ସୁଖବେଳ ଅପେକ୍ଷା ଦୁଃଖ ବେଳେ ଯୋଡୁଥିବା ସମ୍ପର୍କ ବେଶୀ ମଜବୁତ ହୋଇଥାଏ ।

ଆଜି ବ୍ୟସ୍ତ ବହୁଳ ଜୀବନ ଭିତରେ ସମ୍ପର୍କର ପରିଭାଷା ବଦଳିଛି । ଇଣ୍ଟରନେଟ ମାଧ୍ୟମରେ ଖୁସିର ଅଭିବାଦନ ଓ ଦୁଃଖରେ ମର୍ମାହତ ସହିତ ହାପି ବାର୍ଥଡେ, ଆନିଭର୍ସରୀରେ ଲାଇକ ଓ କମେଣ୍ଟ କରି ସୀମିତ ରହୁଛି । ଗୋଟିଏ ଛାତ ତଳେ ରହି ବି ସମ୍ପର୍କରେ ମାଇଲି ମାଇଲି ଦୂରତା । ଛଦ୍ମ ସମ୍ପର୍କରେ ନିପୁଣ ଅଭିନୟ କରିବାରେ ସଭିଏଁ ବ୍ୟସ୍ତ । ସ୍ୱାର୍ଥ ପର ତ ଆମେ କେବେଠାରୁ ଥିଲେ ! ଆଜି ନିଜେ ନିଜକୁ ଠକିବାରେ ଲାଗିଛନ୍ତି । ନିଜେ ନିଜଠାରୁ ଅଲଗା ହୋଇଛନ୍ତି । ନିଜର ରଙ୍ଗ-ରୂପ-ସ୍ୱରୂପ ଭିନ୍ନ ଭିନ୍ନ ପରିସ୍ଥିତି ଓ ପରିବେଶ ଅନୁଯାୟୀ ବଦଳାଉଛନ୍ତି । ବାସ୍ତବବାଦୀ ଓ ସମ୍ବେଦନଶୀଳତା ସମ୍ପର୍କରେ ହଜିଯାଉଛି । ବସ୍ତୁବାଦୀ ସମାଜରେ କଠୋର ହୃଦୟର ସମ୍ରାଟକୁ ସୁସମ୍ପର୍କ ବି ତରଳାଇ ପାରୁନାହିଁ । କଟୁ-କଠୋର-କାୟରତା ମୁଖା ତଳେ ଥିବା ସମ୍ପର୍କର ମୂଲ୍ୟକୁ ଧନ-ଦୌଲତରେ ତଉଲିଲେ ବଜାରୀକରଣ ହୋଇଯାଏ ସମ୍ପର୍କ ।

ଅଗ୍ନି ପରୀକ୍ଷାରେ ସମ୍ମୁଖୀନ ହେଲାପରି ଗୋଟିଏ ସମ୍ପର୍କକୁ ରଖିବାକୁ ଯାଇ ଅନ୍ୟଟି ଜଳାଞ୍ଜଳି ଦେବା ଓ ପରିସ୍ଥିତିର ଚେଲା କହି ଖସିଯିବାକୁ ହେଉଥିବା ପ୍ରୟାସ ସମାଜ ଆଖିରେ ଦୋଷ ମୁକ୍ତ କରେ ସିନା ଚିନ୍ତାମୁକ୍ତ ନୁହେଁ । ସେପରି ସମ୍ପର୍କ ଯୋଡିବା ପୂର୍ବରୁ ବହୁବାର ଚିନ୍ତାକରିବାର ଥିଲା । ସ୍ୱାର୍ଥ ହାସଲ ପାଇଁ ଗଢୁଥିବା ସମ୍ପର୍କ କ୍ଷତାକ୍ତ କରିବ ନିଶ୍ଚିତ । ସେ ହୃଦୟ ହେଉ କି ପ୍ରତିଷ୍ଠା ଆଞ୍ଚ ଆସିବା ତ ସ୍ୱାଭାବିକ । ସେତେବେଳେ ସମ୍ପର୍କଟି ଏକ ବୋଝ ମନେ ହେବ । ଏହା ବି ସ୍ୱୀକାର କରିବାକୁ ହେବ ଯେ ସମ୍ପର୍କର ବିକଳ୍ପ କଦାପି ପ୍ରାୟଶ୍ଚିତ ନୁହେଁ । ଅନୁତାପ ଓ ଦୁଃଖୀତ ହେବା ସାନ୍ତ୍ୱନା ଦିଏ ସିନା କ୍ଷତକୁ ପୂରଣ କରି ପାରେ ନାହିଁ । ମତାନ୍ତରକୁ ଜୋର ଦେଇ ମନୋମାଳିନ୍ୟ ହେବା ଗୋଟିଏ ଜିନିଷକୁ ସବୁ ଦିଗରୁ ବିଶ୍ଳେଷଣ କରାନଯାଇଥିବାରୁ ହୋଇଥାଏ । ଗୋଟିଏ ସମୟରେ ଯେଉଁଟା କରୁଛନ୍ତି ସମ୍ପୂର୍ଣ୍ଣ ଠିକ ବୋଲି ଦାବି କରନ୍ତି ଓ ସେହି ଜିଦ ଯୋଗୁ ବହୁ ସୁସମ୍ପର୍କକୁ ହରାଇଥାନ୍ତି ।

କଥାରେ ଅଛି- ଫଟା କାନ୍ଥକୁ ଯେତେ ଲିପିଲେ ବି ଯୋଡି ହୋଇ ନଥାଏ । ଠିକ ସେହିପରି ସମ୍ପର୍କରେ ଭଙ୍ଗା ପଡିଗଲେ କେଉଁ ଫେଭିକଲ ବା ଯୋଡିବ ? ଅତୁଟ ସମ୍ପର୍କ ପାଇଁ ଲୋଡା ଆତ୍ମିୟତା ନା କି ନିର୍ଭରଶୀଳତା । ନିର୍ଭରଶୀଳତା ଅନ୍ୟ ଦିଗରୁ ପୂରଣ ହୋଇ ପାରିଲେ ସମ୍ପର୍କର ଆଉ ଆବଶ୍ୟକତା ପଡି ନଥାଏ । ସମ୍ପର୍କର ନିବିଡତା ହୁଏ ପରସ୍ପରକୁ ଚିହ୍ନିବାରେ । ପ୍ରଶଂସା ଓ ସାବାସୀ ଦେବା ପ୍ରୋତ୍ସାହିତ କରେ, କିନ୍ତୁ ତ୍ରୁଟିକୁ ଚିହ୍ନେଇବାରେ ସାହାର୍ଯ୍ୟ କରିବା ଆଦୌ ହତୋତ୍ସାହିତ ପାଇଁ ହୋଇନଥାଏ ନା କି ଈର୍ଷାପରାୟଣ । ସେ ସମ୍ପର୍କ କଦାପି ଚିରସ୍ଥାୟୀ ନୁହେଁ ଯାହା ପ୍ରତ୍ୟେକ କଥାରେ ସହମତି ହେବାକୁ ବାଧ୍ୟ କରେ । ସତ୍‌ମାର୍ଗ ଦେଖାଏ ସମ୍ପର୍କ,

### କହିଲେ କହିବ କହୁଛି

ଯେ କୌଣସି ପରିସ୍ଥିତିରେ ହେଉ ନା କାହିଁକି ? କୌଣସି କାର୍ଯ୍ୟକୁ ଜଣେ ଭୁଲ ପନ୍ଥା ଅବଲମ୍ବନ କରି କରୁଥିଲେ ଏହା ଦ୍ୱାରା ଆମେ ଦୋଷକୁ ମୁଣ୍ଡରୁ ଖସାଇ ସଚେତନ ଓ ସତର୍କ କରିବା ପରିବର୍ତ୍ତେ ସହଯୋଗ କରିବା କଣ ଏକ ସମ୍ପର୍କକୁ ଜୀବିତ ରଖିବାର ଉଦାହରଣ ? ବୁଝାଇବା ଓ ଭୁଲ ରାସ୍ତାରେ ଯିବାରୁ ନିବୃତ୍ତ କରିବା ହିଁ ସମ୍ପର୍କର ନିବିଡିତାକୁ ବୁଝାଏ । ସ୍ଥଳ ବିଶେଷରେ କେବେ କେବେ ଭୁଲ ବୁଝାମଣା ହୁଏ । ଏପରି ସ୍ଥିତିରେ ସମ୍ପର୍କର ଦ୍ୱାହି ଦେଇ ସହଯୋଗ ନ କରିବାର ଆରୋପରେ ସମ୍ପର୍କଟି ବିଗିଡି ଯାଇପାରେ ବୋଲି ଅଭିଯୋଗ ହୁଏ । ସେଠାରେ ସମ୍ପର୍କକୁ କାଟି ଦୂରେଇଯିବା ବା ଚୁପ ରହିବା ସମସ୍ୟାର ସମାଧାନ ନୁହେଁ ।

ଅବଶ୍ୟ ଏହା ଏକ ବିଳମ୍ବିତ ପ୍ରକ୍ରିୟା । ସମୟ ବିତିବା ସହିତ କିଏ ଭୁଲ କିଏ ଠିକ ଜଣାପଡେ । ସେତେବେଳେ ଥଟ୍ଟା ପରିହାସ ଓ ମୋ କଥା ନମାନିବାର ଫଳ କହି ଆକ୍ଷେପ କରିବା ସମ୍ପର୍କକୁ ପୁନଃଜୀବିତ କରିପାରିବ ନାହିଁ । ବିଶ୍ୱାସ, କ୍ଷମା, ସହଯୋଗ ହିଁ ସମ୍ପର୍କର ସୂତା ଖିଅକୁ ମଜବୁତ କରେ । ହଁ ଏହା ସତ ଯେ, ଉଭୟ ପକ୍ଷରୁ ଏପରି ହେବା ଆବଶ୍ୟକ । କାରଣ ଜଣେ ଯେତେଦିନ ପର୍ଯ୍ୟନ୍ତ ସବୁ କଥା ଶୁଣୁଥିବ ଓ ସହୁଥିବ ସେତେଦିନ ପର୍ଯ୍ୟନ୍ତ ସବୁ ଠିକ ଚାଲିଥିବ । ଏହାର ବିପରୀତରେ କ୍ଷଣକେ ସମ୍ପର୍କ ଭାଙ୍ଗି ଦୂରେଇଯିବା ସ୍ୱାର୍ଥପର ନୁହେଁ ତ ଆଉ କଣ ? ତତ୍‌ସହିତ ସର୍ବଦା ଅନ୍ୟର ଭୁଲକୁ ଅଣଦେଖା କରିବା ଓ ଆରୋପରେ ନିରବ ରହିବା ପରୋକ୍ଷରେ ଭୁଲକୁ ସ୍ୱୀକାର କରିବା ପରି ହୋଇଥାଏ । ଏପରି ସମ୍ପର୍କରେ ଏକ ପକ୍ଷକୁ ସର୍ବଦା ବଳିଦାନ ଦେବାକୁ ପଡିଥାଏ । ଏଥିରେ ସ୍ନେହ, ମମତା ଓ ଭଲପାଇବାର ସୀମାରେଖା ଅତିକ୍ରମ କରିବା ପୂର୍ବରୁ ସୁଧୁରିଯିବା ଆବଶ୍ୟକ । କାରଣ ଜଣେ ଭଲ ମିତ୍ର ହିଁ ଭଲ ଶତ୍ରୁ ହୋଇପାରେ । ଶତ୍ରୁତାରେ କେବଳ ପ୍ରତିଶୋଧ ନିଆ ଯାଏ ନାହିଁ । କାହାର ନଜରରେ ଛୋଟ ହୋଇଯିବା, ଆଖିରେ ଆଖି ମିଳାଇ କଥା ନ ହୋଇ ପାରିବା, ପରିସ୍ଥିତିକୁ ସାମ୍ନା କରି ନ ପାରି ସମ୍ପର୍କଟି ଘୃଣାରେ ପରିଣତ ହେଲେ ଦୁଃଖ ତ ଲାଗିବ ନିଶ୍ଚୟ । ଏପରି କ୍ଷେତ୍ରରେ ଦୁଃଖ ନ ଲାଗିଲେ, ତାକୁ ଚାରି ଦଉଡି କଟା କୁହାଯାଏ । ଯିଏ ନା ସମ୍ପର୍କ ରଖି ଶିଖିଛି ନା ତାର ମୂଲ୍ୟ ବୁଝିଛି । କାରଣ କାହା ସହିତ ସମ୍ପର୍କ ଯୋଡିବ, ସେଥିରେ ଜଣେ ସ୍ୱାଧୀନ; କିନ୍ତୁ ସମ୍ପର୍କକୁ ଅଧାବାଟରେ ଭାଙ୍ଗିଦେବା ସ୍ୱାର୍ଥପର । ଆମେ ଏଠି କହୁ ନାହୁଁ ଖାଲି ଜେନେରିକ ସମ୍ପର୍କ କଥା । ଯେପରି ଏକା ବ୍ୟାଚରେ ପଢୁଥିଲେ ଜଣେ ସାଧାରଣତଃ ସାଙ୍ଗ ହୋଇଥାଏ; କିନ୍ତୁ ସାଥୀ ନୁହେଁ । ବାପ-ପୁଅ, ଦାଦା-ପୁତୁରା, ଭାଇ-ଭାଇ, ନଣଦ-ଭାଉଜ ଆଦି ଜନ୍ମଗତ ଭାବେ ସମ୍ପର୍କର ନାଁରେ ସିନା ବନ୍ଧା । ଏଥିରେ ଆତ୍ମିୟତା ଓ ମଧୁରତା ଆଜି କମି କମି ଆସୁଛି । ତେଣିକି ସେ ଗାଁ-ସାହି-ପଡିଶା ଭିତରେ ହେଉ କି ପଡୋଶୀ ରାଜ୍ୟ ଓ ଦେଶ ମଧ୍ୟରେ ହେଉ । ଏହା ଅପ୍ରିୟ ସତ କଥା ।


+ ଭଣ୍ଡାରିପୋଖରୀ, ଭଦ୍ରକ ।

ମୋ: ୯୭୭୮୧୬୧୫୦୦


## କବିତା କୋଣାର୍କ

### ୫ଟି 'ହାଇକୁ' କବିତା...


ପୁସ୍ତମ ଯୁଆଡ଼ି


ସୋରିଷ କ୍ଷେତ
ଅଙ୍ଗ ନଦୀର କୂଳେ
ସାଜେ ବସନ୍ତ ।

ନୀଳନୀୟତା
ମେଘମନା ପ୍ରିୟା
ଶୋଇ ଦିଏନା ।

କାକର ବିନ୍ଦୁ
କାଳକେଶୀ ରେଣୁ
ବାନ୍ଧେରେ ତନୁ ।

ଚପଳା ନଈ
ତୋ ପୀରତିର ମହୁ
ଭିଜାଏ ତନୁ ।

ମଶାଣୀ ଭୂଇଁ
ଥରେ ବୁଝିଗଲେ ନା
ସୁନା ପଞ୍ଜୁରୀ ।


+ ଭୁତିବାହାଲ, ଗାଇସିଲାଟ, ବରଗଡ଼ ।

ମୋ: ୬୩୭୧୪୧୯୩୩୪




## କବିତା କୋଣାର୍କ

### ସୁନାଝରର ସୁନା...


ବିନୋଦିନୀ ଦାଶ


ସବୁଜ ବନାନୀ ପାହାଡ଼ରେ ଘେରା
ଝର କୂଳେ ଏକ ଗାଆଁ,
ଛୋଟ ହୋଇଲେ ବି
ସେ ଭାରୀ ସୁନ୍ଦର
ସୁନାଝର ତା'ର ନାଆଁ ।
ସେହି ଗାଆଁ ମାଟିରେ ସୁନା ନାମରେ
ଛୋଟ ଝିଅଟିଏ ଥିଲା,
ବାପା ହୀରା ଆଉ ମାଆ ମୋତି ତାକୁ
କରିଥିଲେ ଅତି ଗେହ୍ଲୀ ।
ତୁଳସୀର ଗଛ ଦୁଇ ପତ୍ର ମେଲି
ବାସ ଛୁଟାଏ ଯେମିତି,
ସୁନାର ବାସଟି ତା' ପିଲାଦିନରୁ
ଜଣା ପଡ଼ିଲା ସେମିତି ।
ଖେଳୁଖେଳୁ ଯଦି ତା'ର କେଉଁ ସାଥୀ
ପଡ଼ି ଯାଇ କାନ୍ଦୁଥିଲା,
ଉଠାଇ ସେ ତାକୁ ଧୂଳି ଝାଡ଼ି ଦେଇ
ଆଖି ଲୁହ ପୋଛୁଥିଲା ।
ପାଠ ପଢ଼ିବାକୁ ବିଦ୍ୟାଳୟରେ ସେ
ଯେଉଁ ଦିନୁ ପାଦ ଦେଲା,
ସହପାଠୀ, ଗୁରୁ, ଗୁରୁମାଆଙ୍କର
ମନକୁ ତ କିଣି ନେଲା ।
ପାଠ୍ୟ, ସହପାଠ୍ୟ ସବୁଥିରେ ସିଏ
ହୋଇ ପାରିଲା ଆଗୁଆ,
ପ୍ରତିଭା ବିକଶି ରଖିଲା ନିଜର,
ଗାଆଁ, ବିଦ୍ୟାଳୟ ନାଆଁ ।
ଜ୍ୱରବାଧକରେ ସେ ଗାଆଁରେ ଯଦି
କେଉଁ ଜନ ପଡ଼ିଥାଏ,
ନିଜ କଥା ଭୁଲି ସୁନା ଆଗ ଯାଇ
ତାଙ୍କ ପାଖେ ଠିଆ ହୁଏ ।
ଗଛର ଔଷଧ ପ୍ରୟୋଗ କରି ସେ
ରୋଗକୁ ଦିଅଇ ହରି,
ବିଦ୍ୟାଳୟେ ଯେଉଁ ପାଠ ପଢ଼ିଥିଲା
ତାହାକୁ ପ୍ରୟୋଗ କରି ।
ଗାଆଁ ଲୋକଙ୍କର ସୁଖଦୁଃଖ ବୁଝି
ହିତ ଉପଦେଶ ଦିଏ,
ଆଳସ୍ୟକୁ ଭୁଲି କର୍ମ କରିବାକୁ
ଉତ୍ସାହିତ କରିଥାଏ ।
ଛୋଟବେଳୁ ସିଏ ସ୍ୱପ୍ନ ଦେଖୁଥିଲା
ହେବାକୁ ସେବାକାରିଣୀ,
ବଡ଼ ହୋଇ ନିଜ ସ୍ୱପ୍ନ ପୂରାକଲା
ହୋଇ ଜଣେ ଡାକ୍ତରାଣୀ ।
ତା' ପ୍ରଚେଷ୍ଟା ବଳେ ଡାକତରଖାନା
ସେହି ଗାଆଁରେ ଖୋଲିଲା,
ସେହିଠାରେ ରହି ଖୁସି ମନରେ ସେ
ରୋଗୀଙ୍କର ସେବା କଲା ।
ବାପାମାଆଙ୍କର ସକ୍ଷମ ନଥିଲା
ଡାକ୍ତରାଣୀ କରିବାକୁ,
ଆପଣାର ହୋଇ ଗାଆଁ ଲୋକମାନେ
ପାଠ ପଢ଼ାଇଲେ ତାକୁ ।
ନିଜକୁ ସମର୍ପି ସେହିମାଙ୍କର
ସେବାରେ ସେ ଲାଗିଗଲା,
ସବୁଦିନ ପାଇଁ ସେ ସୁନାଝରର
ସୁନାଝିଅ ହୋଇଗଲା ।


+ କୁରୁଆଁ, ଯାଜପୁର

ମୋ: ୯୪୩୯୨୦୫୧୬୬


### ମନ ଅଗଣା...




ଡ. ମାଙ୍ଗଳିକା ମହାପାତ୍ର


ବେଳେ ବେଳେ ବହୁତ ଖୁସି ଥିଲେ..
ସନ୍ଧ୍ୟାରେ.. ମୋ ମନର ଅଗଣାକୁ
ଓହ୍ଲାଇ ଆସନ୍ତି ଜହ୍ନ.. ତାରା ଆକାଶୁ
ସେମାନଙ୍କ ମେଳରେ.
ସପନର ରାଜକୁମାରୀ ବୋଲି
ଭାବେ ମୁଁ ନିଜକୁ..
ମନଭରି କଥା ହୁଏ ତାଙ୍କ ସହିତ
ବାଣ୍ଟେ ସେମାନଙ୍କ ସାଥେ..
କିଛି ସ୍ମୃତି.. କିଛି ଅନୁଭୂତିକୁ
ଆକାଶରେ କି କରନ୍ତି ବୋଲି
ପଚାରି ବସେ ତାରା ମାନଙ୍କୁ
ବିଛୁରନ୍ତି ବସେ ତାରା ମାନଙ୍କୁ
ବିଛୁରନ୍ତି କେମିତି ସେଠାରେ
ନିଜ ସ୍ୱଚ୍ଛ ଆଲୋକକୁ..
ପୁଣି ମୁଁ ପଚାରେ ସେ ମନୁଆ ଜହ୍ନକୁ
କେମିତି ସେ ଛାଡ଼ି ରୁହେ...!!!
ତା ପ୍ରେମିକା କଇଁକୁ..
ସବୁ ରାତିରେ ଲୁଚକାଳି ଖେଳେ ସେ
ବାଦଲ ସହିତ ଜଳାଇ ତା ମନକୁ
ଦୂରେ ଥାଇ ଆଖି ମିଟିକା ମାରେ
ଆସେ ନାହିଁ କି ଡାକେ ନାହିଁ ପାଖକୁ
ପୁଣି ମୋ ନିଜ କଥା କୁହେ ସେମାନଙ୍କୁ
କେମିତି ପିଲାଦିନୁ ଶୁଣିଶୁଣି କଥା ତାଙ୍କ
ବଡ଼ ମୁଁ ହେଇଛି.. ଶିଶୁରୁ କିଶୋରୀକୁ
ଭାବୁ ଭାବୁ ହଠାତ୍ ଦେଖେ
ସୁନ୍ଦରା ଯାଇଛି ଫିଠି.. ଜହ୍ନ ତାରା
କେହି ନାହାନ୍ତି ପାଖେ...
ମନେ ମନେ ହସେ..
ଭାବେ କାହିଁକି ଯେ ଏମିତି ହେଲି..!!
ସପନର ରାଇଜରୁ ବାସ୍ତବତାକୁ
ଆସି ନପାରିଲି ।

# ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ-ମହାତ୍ମାଗାନ୍ଧି


ଅକ୍ଷୟ କୁମାର ରାଉତ




ପୂଣ୍ୟ ଭୂମି ଭାରତ । ଏଠାରେ ଅନେକଧର୍ମ, ସମ୍ପ୍ରଦାୟ, ଜାତି, ବର୍ଣ୍ଣ ଓ ବିଭିନ୍ନ ଭାଷାର ଲୋକ ବସବାସ କରନ୍ତି । ଏହି ପବିତ୍ର ଭୂମିରେ ଯେଉଁ କେତୋଟି ଉଜ୍ଜଳ ଜ୍ୟୋତିଷ୍କ ଉଦ୍‌ଭାସିତ ହୋଇ ସମଗ୍ର ବିଶ୍ୱକୁ ଦେଖାଇଥିଲେ ସତ୍ୟ, ଶାନ୍ତି,ଦୟା,କ୍ଷମା,ତ୍ୟାଗ ଓ ଅହିଂସାର ପଥ । ସେମାନଙ୍କ ମଧ୍ୟରୁ ସତ୍ୟ ଓ ଅହିଂସାର ପୂଜାରୀ, ଦୀନ ଦୁର୍ବଳର ବନ୍ଧୁ, ସ୍ୱାଧୀନ ଭାରତର ସ୍ରଷ୍ଟା, ଜାତିର ଜନକ, ଯୁଗ ମାନବ ମହାତ୍ମାଗାନ୍ଧି ୧୮୬୯ ଖ୍ରୀଷ୍ଟାବ୍ଦ, ଅକ୍ଟୋବର ଦୁଇ ତାରିଖରେ ଗୁଜୁରାଟର ପୋରବନ୍ଦର ଠାରେ ଏକ ବୈଶ୍ୟ ବଣିକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ଜନ୍ମ ସମୟରେ ମହାତ୍ମା ଗାନ୍ଧିଙ୍କର ନାମ ଥିଲା 'ମୋହନ ଦାସ କରମଚାନ୍ଦ ଗାନ୍ଧି' । ପିତା କରମଚାନ୍ଦ(କାବା) ଗାନ୍ଧି ଓ ମାଆଙ୍କର ନାମ ଥିଲା ପୁତ୍‌ଲୀବାଈ । କାବା ଗାନ୍ଧୀଙ୍କର ତିନୋଟି ସ୍ତ୍ରୀ ମରିଯିବା ପରେ ପୁତ୍‌ଲୀବାଈ ଥିଲେ ଚତୁର୍ଥ ସ୍ତ୍ରୀ ପୁତ୍‌ଲୀବାଈଙ୍କର ଚାରୋଟି ସନ୍ତାନ ମଧ୍ୟରୁ ମୋହନ ଥିଲେ ସବାସାନ । କାବା ଗାନ୍ଧି ଥିଲେ ସାଧୁ ଓ ନୀତିନିଷ୍ଠ । ପୁତ୍‌ଲୀବାଈ ଥିଲେ ଧର୍ମ ପରାୟଣା, ସ୍ନେହ ବତ୍ସଳା, ତ୍ୟାଗମୟୀ ମାତା । ପିତାମାତାଙ୍କର ଏହି ସବୁ ସଦ୍‌ଗୁଣ ବଳି ଦ୍ୱାରା ମୋହନଦାସ ପ୍ରଭାବିତ ହୋଇଥିଲେ । ସମୟ କ୍ରମେ ମୋହନଦାସ ହେଲେ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ । ସତ, ଅହିଂସା ମହାମନ୍ତ୍ରରେ କାଶ୍ମୀର ଠାରୁ କୁମାରୀକାଯାଏ ଭାରତୀୟମାନଙ୍କୁ ଏକତ୍ରୀତ କରିପାରିଥିଲେ ।

ଗାନ୍ଧିଜୀଙ୍କ ବଂଶ ବିଭିନ୍ନ ରାଜ୍ୟରେ ଦେୱାନ ଭାବରେ କାମ କରୁଥିଲେ । ମୋହନ ଦାସ ପ୍ରଥମ ଲୁଲିଆ ମାଷ୍ଟ୍ରଙ୍କ ଚାଟଶାଳିରେ ପାଠ ପଢା ଆରମ୍ଭ କଲେ । ତାପରେ ବ୍ରାଂଚ ସ୍କୁଲରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପଢିଲେ । ୧୮୮୦ ମସିହାରେ ତାଲୁକ ସ୍କୁଲରୁ ପାଶ୍ କରି କାଥିଆ ୱାର୍ଡ଼ ହାଇସ୍କୁଲରେ ପାଠ ପଢିଲେ । ସେ ଭଲ ପାଠ ପଢୁନ ଥିଲେ ମଧ ଉତମ ଚରିତ୍ର ପାଇଁ ଶିକ୍ଷକମାନଙ୍କ ଶୁଭ ଦୃଷ୍ଟିରେ ରହିଥିଲେ । ଏକଦା ଇନିସ୍ପେକ୍ଟର ସ୍କୁଲ ପରିଦର୍ଶନରେ ଆସିଥିଲେ । ପ୍ରଧାନ ଶିକ୍ଷକ ଗାନ୍ଧିଙ୍କୁ ପାଖ ପିଲାଠାରୁ ଠିକ୍ ଉତର ଲେଖିବା ପାଇଁ ଯେତେ ଠାରିଲେ ମଧ ଗାନ୍ଧି କପି କରିନଥିଲେ । କାରଣ ତାଙ୍କ ଉପରେ ଶ୍ରବଣ କୁମାର ଓ ହରିଶ୍ଚନ୍ଦ୍ରଙ୍କର ନିଷ୍ଠା, ତ୍ୟାଗ, ସତ୍ୟର ପ୍ରଭାବ ପଡ଼ିଥିଲା । ପିଲା ସମୟରେ ସେ ସାଙ୍ଗମାନଙ୍କ ସାଙ୍ଗରେ ପଡ଼ି ବିଡ଼ି ଟାଣିବା ଅଭ୍ୟାସ ପ୍ରତିଜ୍ଞା ବଳରେ ଛାଡ଼ି ପାରିଥିଲେ । ପରବର୍ତୀ ସମୟରେ ନିଶାମୁକ୍ତ ସୁସ୍ଥ ସମାଜ ଗଠନ ପାଇଁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ । ମୁସଲମାନ ସାଙ୍ଗ ପରୋଚନାରେ ଥରେ ମାଂସ ଖାଇଥିଲେ । ମାତ୍ର ମୋହନ ଜୀବନରେ ଆଉ କେବେ ଆମିଷ ଛୁଇଁ ନଥିଲେ । ମୋହନଙ୍କର ଠିକ୍ ସାତବର୍ଷ ବେଳେ କସ୍ତୁରୀବାଈଙ୍କ ସହିତ ନିର୍ବନ୍ଧ ଓ ତେର ବର୍ଷ ବୟସରେ ବିବାହ ହୋଇଥିଲା । ପରଅବସ୍ଥାରେ ସେ ବାଲ୍ୟ ବିବାହ ସମାଜରୁ ଉଠାଇବାକୁ ଅନେକ ଉଦ୍ୟମ କରିଥିଲେ ।

ଛୋଟ ବେଳରୁ ମୋହନ ଖୁବ ଡ଼ରକୁଳା ଥିଲେ । ଭୂତପ୍ରେତ, ଚୋର, ଡ଼କାୟତ ଓ ଅନ୍ଧାରକୁ ବହୁତ ଭୟ କରୁଥିଲେ । ରାମନାମ ଜପକଲେ ସବୁ ଭୟ ଭ୍ରାନ୍ତି ଓ ସଙ୍କଟ ଦୂର ହୋଇଯାଏ ବୋଲି ଧାଇ ମା ରମ୍ଭା ଠାରୁ ସେ ଶିକ୍ଷା କରିଥିଲେ । ସେହି ଦିନ ଠାରୁ ସେ ରାମାୟଣ ଶୁଣିବାକୁ ରାମ ନାମ ଜପ କରିବାକୁ ଭଲ ପାଉଥିଲେ । ପିତାଙ୍କର ମୃତ୍ୟୁ ପରେ ମୋହନ ବାପ ଛେଉଣ୍ଡ ହୋଇଗଲେ । ତାଙ୍କର କାମ ଓ ଆଚରଣରେ ବହୁତ ପରିବର୍ତନ ଘଟିଲା । ମନଲଗାଇ ପାଠ ପଢି ୧୮୮୭ ମସିହାରେ ବମ୍ବେ ବିଶ୍ୱ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରି ବୃତି ପାଇଲେ । ଭାବନଗରସ୍ଥ ସାମଲ ଦାସ କଲେଜରେ ନାମ ଲେଖାଇଲେ । ସେଠାରେ ସେ ଇଂରାଜୀରେ ପାଠ ପଢିବାକୁ ଭୟକଲେ । ପାଠପଢି ପାସ୍ କଲେ ମଧ ଚାକିରି ମିଳି ବା କଷ୍ଟ ତେଣୁ ସେ ଲଣ୍ଡନ ଯାଇ ତିନି ବର୍ଷରେ ବାରିଷ୍ଟରୀ ପାସ୍ କରିଆସିଲେ ଭଲ ଦି ପଇସା ରୋଜଗାର କରିପାରିବେ । ଗାନ୍ଧି ପରିବାରର ଜଣେ ଦିଜଣ ବନ୍ଧୁଙ୍କର ପୁଅ ଲଣ୍ଡନରେ ପଢୁଥାନ୍ତି । ତେଣୁ ଗାନ୍ଧି ଲଣ୍ଡନ ରେ ରହି ପାଠ ପଢିବା ପାଇଁ ମନ ବଳାଇଲେ । ପୁଅର ଲଣ୍ଡନ ଯିବାକଥାଟା ମା ମନକୁ ପାଇଲା ନାହିଁ । ପରିଶେଷରେ ମାଆ ଗାନ୍ଧିଙ୍କୁ ମୁଣ୍ଡ ଛୁଆଁ ଶପଥ କରାଇନେଲେ, ତିନୋଟି କଥା ରକ୍ଷା କରିବା ପାଇଁ , ମଦ ପିଇବୁ ନାହିଁ, ମାଛ ମାଂସ ଖାଇବୁ ନାହିଁ, କୌଣସି ସ୍ତ୍ରୀ ଓ ଝିଅକୁ ଛୁଇଁ ବୁ ନାହିଁ ।

ମୋହନ ୧୮୮୮ ମସିହା ସେପ୍ଟେମ୍ବର ମାସ ୪ ତାରିଖରେ ସ୍ତ୍ରୀ କସ୍ତୁରବା ଓ ପୁଅ ହରିଲାଲକୁ ଛାଡ଼ି ବମ୍ବେ ବନ୍ଦରରୁ ଜାହାଜରେ ଲଣ୍ଡନ ଯାତ୍ରା କଲେ । ଦୀର୍ଘ ପଚିଶ ଦିନର ଯାତ୍ରା ପରେ ମୋହନ ଲଣ୍ଡନରେ ପହଂଚିଲେ । ଭିକ୍ଟୋରିଆ ହୋଟେଲେରେ ତିନି ଦିନ ରହିବା ପରେ, ମୋହନ ଜଣେ ଭଦ୍ର ମହିଳାଙ୍କ ଘରେ ରହିଲେ । ସେ ଇଂରାଜୀରେ ଦୁର୍ବଳ ଥିବାରୁ ଶିକ୍ଷକଙ୍କ ଠାରୁ ଇଂରାଜୀ ଓ ଫରାସୀ ଶିକ୍ଷା କଲେ । ମନୋରନ ପାଇଁ ଭାୟୋଲିନ ତାଲିମ ନେଲେ । ସେଠାରେ ଆଉଥରେ ମାଟ୍ରିକ ପରୀକ୍ଷା ଦେଇ ପାଶ୍ କଲେ । ଲାଟିନ୍ ମଧ ଶିଖି ପାରିଲେ । ତାଙ୍କର ଘର କଥା ମନେପଡ଼ିବାରୁ ସେ ସାହେବୀ ଢଙ୍ଗ ଛାଡ଼ି ଖାଣ୍ଟି ଭାରତୀୟ ହୋଇଗଲେ । ନିଜ ଧର୍ମ ସହିତ ଅନ୍ୟ ଧର୍ମକୁ ମଧ ସମାନ ଦୃଷ୍ଟିରେ ଦେଖୁଥିଲେ । ୧୮୯୧ ମସିହାରେ ମେ ମାସରେ ବାରିଷ୍ଟରୀ ପାଶ୍ କରି ଜୁନ୍ ମାସରେ ବାରିଷ୍ଟରୀ ଅନୁମତି ପତ୍ର ହାସଲ କରି ଜନ୍ମ ମାଟିକୁ ଫେରି ଅସିଲେ । ଜନ୍ମ ମାଟିରେ ପହଂଚିଲା ବେଳକୁ ତାଙ୍କ ମା ଆଉ ଇହଧାମରେ ନଥିଲେ । ସେ ନିଜକୁ ଅନେକ ଧିକ୍କାର କଲେ ।

ବଡ଼ ଭାଇ ପରିବାର ପ୍ରତି ପୋଷଣ ପାଇଁ ଅନେକ ଧାର କରଜ କରିଥିଲେ । ସେ ସବୁର ପରିଶୋଧ ପାଇଁ ମୋହନ ଆଇନ୍ ବ୍ୟବସାୟ ଆରମ୍ଭ କଲେ । ଆଇନ୍ ବ୍ୟବସାୟରେ ଅସଫଳ ହୋଇ ଶିକ୍ଷକତା ଆରମ୍ଭ କଲେ । ଶିକ୍ଷକତା ପାଇଁ ବିଶ୍ୱ ବିଦ୍ୟାଳୟରେ ଡ଼ିଗ୍ରୀ ନଥିବାରୁ ସେ କିରାଣି ଗିରିକୁ ଆଦରି ନେଲେ । ଅଳ୍ପ ରୋଜଗାରରେ ତାଙ୍କର ଗୁଜୁରାଣ ମେଣ୍ଟି ପାରୁ ନଥିଲା । ଏହି ସମୟରେ କାଥିଆ ୱାର୍ଡ଼ର ଏକ ମୁସଲମାନ ପ୍ରତିଷ୍ଠାନ ଦକ୍ଷିଣ ଆଫ୍ରିକାରେ ବ୍ୟବସାୟ କରୁଥାଏ । ଏହି ପ୍ରତିଷ୍ଠାନର ମାଲିକ ଥିଲେ ମୁର୍ଖ, ତେଣୁ ସେ ଜଣେ ସଚ୍ଚୋଟ ସାଧୁ ଓକିଲାତି ପାଶ୍ କରିଥିବା ବ୍ୟକ୍ତିର ଆବଶ୍ୟକତା ଲୋଡ଼ୁଥିଲେ । ମୋହନ ଏହି ପ୍ରତିଷ୍ଠାନରେ ଦକ୍ଷିଣ ଆଫ୍ରିକାରେ ଏକ ବର୍ଷ ପାଇଁ ଯୋଗ ଦେଲେ । ମାତ୍ର ସେଠାରେ ସେ ବହୁ ବର୍ଷ ରହିଗଲେ । ୧୮୯୩ ମସିହାରୁ ଯାଇ ଫେରିଲେ ୧୯୧୪ ମସିହାରେ । ମୋହନ ଦକ୍ଷିଣ ଆଫ୍ରିକାର ନାଟାଲ ପ୍ରଦେଶର ରାଜଧାନୀ ଡ଼ର୍ବାନ ସହରରେ ରହୁଥିଲେ । ଥରେ ମକଦ୍ଦମା କାମରେ ମୋହନ ଟ୍ରାନ୍ସଭାଲର ରାଜଧାନୀ ପ୍ରିଟୋରିଆ କୁ ପ୍ରଥମ ଶ୍ରେଣୀ ଟିକଟ୍ କାଟି ଡ଼ର୍ବାନରୁ ଟ୍ରେନ ଯାତ୍ରା ଆରମ୍ଭ କଲେ । ମରିସବର୍ଗ ଷ୍ଟେସନରେ ଜଣେ ଗୋରା ସାହେବ ରେଳ କର୍ମଚାରୀ ମାନଙ୍କ ଦ୍ୱାରା ମୋହନଙ୍କୁ ଡ଼ବା ତଳକୁ ଠେଲି ଦେଲେ ଓ ଜିନିଷ ପତ୍ର ପ୍ଲାଟ ଫର୍ମ ଉପରକୁ ଫୋପାଡ଼ି ଦେଲେ । ମରିସ ବର୍ଗ ଷ୍ଟେସନର ବିଶ୍ରାମ ଗୃହର, ଏକ ଶିତରାତ୍ରୀ ମୋହନଙ୍କ ଜୀବନର ଗତିପଥ ବଦଳାଇ ଦେଲା । ଡ଼ରକୁଳା ମୋହନ ଦୁଃସାହସୀ, ନିର୍ଭୀକ, ହୋଇଗଲେ । ସେ ଦଳିତ, ଅବହେଳି, ଅତ୍ୟାଚାରିତ, ସର୍ବ ହରାଙ୍କର ସାଥୀ, ମୁକ୍ତିଦାତା, ରକ୍ଷାକର୍ତା, ଭାଗ୍ୟବିଧାତା ହୋଇ କଳା ଲୋକମାନଙ୍କ ପାଇଁ ଲଢେଇ ଆରମ୍ଭ କରି ଦେଲେ । ବ୍ୟବସାୟୀ ଅବଦୁଲ୍ଲାଙ୍କ ସାହାଯ୍ୟରେ ଭାରତୀୟମାନଙ୍କୁ

ଏକତ୍ରୀତ କଲେ । ରେଳ ବିଭାଗରେ ମୋହନଙ୍କ ଯୋଗୁ କଳା ଲୋକମାନେ ପ୍ରଥମ ଶ୍ରେଣୀରେ ଯାତାୟତ କଲେ । ଭାରତରେ ଜାତୀୟ କଂଗ୍ରେସ ଗଠନକୁ ଦେଖି, ମୋହନ ନାଟାଲ ଠାରେ ନାଟାଲ କଂଗ୍ରସ ଗଠନ କଲେ । ନାଟାଲ କଂଗ୍ରେସ ମାଧ୍ୟମରେ ଭାରତୀୟ ମାନଙ୍କ ଦାବି ନାଟାଲ ସରକାରଙ୍କୁ ଜଣାଇଲେ । ଭାରତରୁ ଯେଉଁ ଶ୍ରମିକମାନେ ପାଂଚ ବର୍ଷ ଚୁକ୍ତି ଭିତିରେ ଦକ୍ଷିଣ ଆଫ୍ରିକାର ନାଟାଲ ଅଂଚଳକୁ ଯାଉଥିଲେ । ପାଂଚ ବର୍ଷିଆ ଚୁକ୍ତି ଶେଷପରେ ସେଠାରେ ରହିବାକୁ ହେଲେ ଜଣକୁ ବର୍ଷକୁ ପଚିଶ ପାଉଣ୍ଡ କରଦେବାକୁ ପଡୁଥିଲା । ତେଣୁ ସେମାନେ ସାହେବଙ୍କର ଦାସ ପାଲଟିବାକୁ ବାଧହେଉଥିଲେ । ଦକ୍ଷିଣ ଆଫ୍ରିକାର କଳା ଗୋରା ମାନଙ୍କ ମଧ୍ୟରେ ଥିବା ବର୍ଣ୍ଣ ବୈଶ୍ୟମ୍ୟ ଓ ଶ୍ରମିକ ଶୋଷଣ ବାଦକୁ ଦୂରେଇବା ପାଇଁ ଗାନ୍ଧିଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଛି । ଦକ୍ଷିଣ ଆଫ୍ରିକାରେ ଗାନ୍ଧି ଶ୍ରମିକମାନଙ୍କର ତ୍ରାଣ କର୍ତା ପାଲଟି ଯାଇଥିଲେ । ଶେଷରେ ଗାନ୍ଧିଙ୍କ ନାଟାଲ କଂଗ୍ରେସ ପାଖରେ ନାଟାଲସରକାର ମୁଣ୍ଡ ନୁଆଁଇଲେ । ୧୮୯୬ ମସିହାରେ ଗାନ୍ଧି ଭାରତକୁ ଫେରିଆସି ଦକ୍ଷିଣ ଆଫ୍ରିକାରେ ଥିବା ଭାରତୀୟଙ୍କ ଦୁଃଖ ଦୁର୍ଦଶାକୁ ଏକ ପୁସ୍ତକ ମାଧ୍ୟମରେ ଲେଖି ଏହାର ଦଶ ହଜାର କପି ଛାପି ସବୁଆଡ଼କୁ ପଠାଇଲେ । ଲଣ୍ଡନରେ ଇଂରେଜ ସରକାର ଓ ଅଧିକାଂଶ ଭାରତୀୟ ଜାଣିଲେ । ଗାନ୍ଧିଙ୍କ ପାଇଁ ସଭା ସମିତି ?ରିଆଡ଼େ ଆୟୋଜନ ହେଲା । କିନ୍ତୁ କଲିକତାରେ ସଭା କରାଇବା ଆଗରୁ ଦକ୍ଷିଣ ଆଫ୍ରିକାର ଟେଲିଗ୍ରାମ ପାଇଁ ଗାନ୍ଧି, ସ୍ତ୍ରୀ, ଦୁଇପୁଅ ଓ ଜଣେ ଭଣଜାକୁ ଧରି ଅବଦୁଲାଙ୍କ ଜାହାଜରେ ଡ଼ର୍ବାନ ଅଭିମୁଖେ ଯାତ୍ରା କଲେ । ମାତ୍ର ଡ଼ର୍ବାନରେ କିଛି ଖଳପ୍ରକୃତିର ଗୋରା ମାନେ ପ୍ରଚାର କରିଦେଲେ ଯେ ଗାନ୍ଧି ଦୁଇଟି ଜାହାଜରେ ଭାରତୀୟ ଗୁଣ୍ଡା ମାନଙ୍କୁ ଧରି ଇଂରେଜମାନଙ୍କୁ ମାରିବା ପାଇଁ ଆସୁଛନ୍ତି । ଜାହାଜକୁ ବନ୍ଦର ମଧ୍ୟକୁ ପ୍ରବେଶ କରାଇ ଦେଲେ ନାହିଁ । ୨୩ ଦିନପରେ ଇଂରେଜମାନେ ଜାଣିଲେ ଯେ ଜାହାଜରେ କେହି ଗୁଣ୍ଡା ନାହାଁନ୍ତି, ତାପରେ ଅନୁମତି ମିଳିଲା । ଲଫଟନ ସାହେବ ଏକ ଗାଡ଼ିରେ କସ୍ତୁରବା ଓ ପିଲାମାନଙ୍କୁ ଜଣେ ବନ୍ଧୁଙ୍କ ଘରକୁ ପଠାଇ ଦେଲେ । ନିଜେ ଓ ଗାନ୍ଧି ଚାଲି ଚାଲି ରାସ୍ତାରେ ବନ୍ଧୁଙ୍କ ଘରକୁ ଯିବା ସମୟରେ କିଛି ଇଂରେଜ ଗୁଣ୍ଡା ଲୋକ ଗାନ୍ଧିଙ୍କୁ ନିର୍ଦୟ ଭାବରେ ପିଟି ଚାଲିଥାନ୍ତି । ସେହି ରାସ୍ତା ଦେଇ ଏସ୍.ପି ଙ୍କ ସ୍ତ୍ରୀ ଯାଉଥିବାରୁ ଗୁଣ୍ଡାମାନେ ଦେଖି ଗାନ୍ଧିଙ୍କୁ ଛାଡ଼ି ପଳାଇଲେ । ପୋଲିସ ଆସି ଗାନ୍ଧିଙ୍କୁ ନେଇ ତାଙ୍କ ବନ୍ଧୁଙ୍କ ଘରେ ଛାଡ଼ି ଦେଇଥିଲେ । ଏହି ଖବର ଲଣ୍ଡନରେ ପହଂଚିଲା । ବ୍ରିଟିଶ ସରକାରଙ୍କ ପାଖରୁ, ନାଟାଲ ସରକାରଙ୍କ ପାଖକୁ ନିର୍ଦ୍ଦେଶ ଆସିଲା । ଦୋଷିମାନଙ୍କୁ କଠୋର ଦଣ୍ଡ ଦିଅନ୍ତୁ । କିନ୍ତୁ ଗାନ୍ଧି ସମସ୍ତଙ୍କୁ କ୍ଷମା କରିଦେଲେ ।

ଦକ୍ଷିଣ ଆଫ୍ରିକାରେ ଡ଼ଚ ଓ ଇଂରେଜ ଦୁଇ ପ୍ରତି ଦ୍ୱନ୍ଦୀ ଗୋଷ୍ଠୀ ଶାସନ କରୁଥିଲେ । ଦୁଇ ଗୋଷ୍ଠୀ ମଧ୍ୟରେ ଯୁଦ୍ଧ ଲାଗିଗଲା । ଗାନ୍ଧି ଏକ ଆମ୍ବୁଲାନ୍ସ ବାହିନୀ ଗଠନ କରି ଉଭୟ ଆହତ ସୈନ୍ୟମାନଙ୍କର ସେବା କଲେ । ଯୁଦ୍ଧରେ ବୁଅର ବା ଡ଼ଚ ମାନେ ହାରିଗଲେ । ଇଂରେଜ ସରକାର ଗାନ୍ଧିଙ୍କର ସେବା ପାଇଁ ତାଙ୍କୁ ଯୁଦ୍ଧ ପଦକ ପ୍ରଦାନ କଲେ । ୧୯୦୧ ମସିହା ଡ଼ିସେମ୍ବର ମାସରେ ଜାତୀୟ କଂଗ୍ରେସ ତରଫରୁ କଲିକତା ଠାରେ ଏକ ବିରାଟ ସଭା ହେଲା । ଏଥିରେ ଗାନ୍ଧି ଯୋଗ ଦେଲେ । ସେଠାରେ ଭାରତ ସେବକ ସଂଘର ସଭାପତି ଗୋପାଳ କୃଷ୍ଣ ଗୋଖେଲେଙ୍କ ଆଚରଣରେ ମୁଗ୍ଧ ହୋଇ ତାଙ୍କୁ ରାଜନୈତିକ ଗୁରୁ ଭାବରେ ଗ୍ରହଣ କଲେ । ଆଣ୍ଠୁ ଲୁଚୁନଥିବା ଖଦି ବ୍ୟବହାର କରିବା ସଙ୍ଗେ ସଙ୍ଗେ ପ୍ରଥମ ଶ୍ରେଣୀରେ ଯାତ୍ରା ପରିବର୍ତେ ତୃତୀୟ ଶ୍ରେଣୀରେ ଯିବା ଆସିବା କଲେ । ଗାନ୍ଧି ଦକ୍ଷିଣ ଆଫ୍ରିକା ଫେରିଆସିଲେ । ଗାନ୍ଧି ଇଂରେଜ ଯୁବକ ପୋଲାକ୍‌ଙ୍କୁ ନେଇ 'ଇଣ୍ଡିଆନ ଓପିନିୟନ' ନାମକ ପତ୍ରିକା ପ୍ରକାଶ କଲେ । ଡ଼ର୍ବାନ ଠାରୁ ପନ୍ଦର ମାଇଲ ଦୂରସ୍ଥ ଫିନିକ୍ସ ସହରର ଉପକଣ୍ଠରେ ଶହେ ଏକର ପରିମିତ ସ୍ଥାନରେ ଏକ ଆଶ୍ରମ ପ୍ରତିଷ୍ଠା କଲେ । ଏହି ଫିନକ୍ସ ଆଶ୍ରମରେ ଇଣ୍ଡିଆନ ଓପିନିୟନ ପ୍ରେସ୍ କାର୍ଯ୍ୟ ଚାଲିଲା । ପ୍ରେସର ସବୁ କର୍ମ ଚାରୀଙ୍କ ଦରମା ସମାନ ସତେ ଯେମିତି ସମସ୍ତେ ଗୋଟିଏ ପରିବାରର ସଦସ୍ୟ । ୧୯୦୪ ମସିହାରେ ଗାନ୍ଧି କସ୍ତୁରବା ଓ ପିଲାମାନଙ୍କୁ ଆଶ୍ରମକୁ ଅଣାଇଲେ । କସ୍ତୁରବା ଏହି ବିରାଟ ପରିବାରର ମା ରୂପେ ସମସ୍ତଙ୍କୁ ସମାନ ଭାବରେ ସ୍ନେହ ଓ ଶ୍ରଦ୍ଧା ପ୍ରଦାନ କଲେ ।

ଟଲଷ୍ଟୟଙ୍କ ଆଦର୍ଶରେ ଗାନ୍ଧି ପ୍ରଭାବିତ ହୋଇଥିଲେ । ଜୋହାନ୍‌ସବର୍ଗର ଅଳ୍ପ ଦୂରରେ ଏଗାରଶହ ଏକର ଜମି ଉପରେ ଗାନ୍ଧିଜୀ ଟଲଷ୍ଟୟଙ୍କ ନାମରେ ଟଲଷ୍ଟୟ ଆଶ୍ରମ ପ୍ରତିଷ୍ଠା କରିଥିଲେ । ଗାନ୍ଧିଜୀ ନିଜ ରଚିତ ପୁସ୍ତକ 'ହିନ୍ଦ୍‌ସ୍ୱରାଜ' ସହିତ ଏକ ଚିଠି ଟଲଷ୍ଟୟଙ୍କ ପାଖକୁ ପଠାଇଥିଲେ । ଗାନ୍ଧିଙ୍କର ଚିଠି ପାଇ ଟଲଷ୍ଟୟ ୧୯୧୦ରେ ଏକ ଚିଠି ଲେଖିଲେ ଯେ ଭବିଷତ୍ୟରେ ଗାନ୍ଧି ବିଶ୍ୱର ଏକ ବିସ୍ମୟ ମହାମାନବ ହୋଇ ଉଦ୍‌ଭାସିତ ହେବେ । ତାଙ୍କର ଆଦର୍ଶ କାର୍ଯ୍ୟ ଧାରା ଜନ ମାନସକୁ ଅନୁପ୍ରାଣିତ କରିବ । ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାର ଶ୍ରମିକ, କଳୃଷକ ଓ କୃଷ୍ଣକାୟ ମାନଙ୍କୁ ନେଇ ସତ୍ୟାଗ୍ରହ ଆରମ୍ଭ କରିଦେଲେ । ପରିଶେଷରେ ସତ୍ୟାଗ୍ରହରେ ଚରମ ସଫଳତା ମିଳିଥିଲା । ଭାରତୀୟ ମାନଙ୍କ ଉପରୁ କର ଉଠିଲା । ରେଜେଷ୍ଟ୍ରୀ ଆଇନ୍ ରଦ୍ଦହେଲା । ଭାରତୀୟ ମାନଙ୍କର ବିବାହକୁ ସାମାଜିକ ସ୍ୱୀକୃତି ମିଳିଲା । ଦକ୍ଷିଣ ଆଫ୍ରିକାର ଅର୍ଥନୀତିକ, ସାମାଜିକ, ରାଜନୈତିକ ଅବସ୍ଥାକୁ ବଦଳାଇ ଦେବାକୁ ସକ୍ଷମ ହେଲେ । ଦକ୍ଷିଣ ଆଫ୍ରିକାର ଅହିଂସା ସଂଗ୍ରାମ ତାଙ୍କୁ ଭାରତୀୟ ମୁକ୍ତ ସଂଗ୍ରାମର ମହାନାୟକ ରୂପେ ପ୍ରତି ପାଦିତ କରିପାରିଥିଲା । ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଥାଏ । ୧୯୧୪ ମସିହାର ଶେଷ ଭାଗରେ ଗାନ୍ଧି ଭାରତକୁ ପ୍ରତ୍ୟାବର୍ତନ କଲେ । ବମ୍ବେରେ ପହଂଚି ଗାନ୍ଧି ଯେଉଁ ଶ୍ରଦ୍ଧା, ସମ୍ବର୍ଦ୍ଧନା ଗୋଖଲେଙ୍କ ପାଇଁ ପାଇଲେ, ସେ କେବେବି କଳ୍ପନା କରିନଥିଲେ । ଭାରତର ବିଭିନ୍ନ ଅଂଚଳର ଜନସାଧାରଣଙ୍କ ଅବସ୍ଥା ଜାଣିବା ପାଇଁ ଗୋଖଲେଙ୍କ ନିର୍ଦ୍ଦେଶରେ ଭାରତ ପରିଭ୍ରମଣ କଲେ । ଗୋଟିଏ ଦିନ ଗାନ୍ଧି ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇ ଯେଉଁ ଭାଷଣ ଦେଇଥିଲେ,ସେହି ଉଜସ୍ୱିନି ଭାଷଣ ସବୁରି ମନକୁ ପ୍ରଭାବିତ କଲା । ଗାନ୍ଧୀଙ୍କର ଜନ ପ୍ରିୟତା ବଢିଗଲା । ଦକ୍ଷିଣ ଆଫ୍ରିକାରେ ଆଶ୍ରମ ଜୀବନ ବିତାଇଥିବା ଗାନ୍ଧି ଆଉ ପାରିବାରିକ ବନ୍ଧନରେ ସଂକୁଚିତ ହୋଇରହିବାକୁ ଇଚ୍ଛା କଲେ ନାହିଁ । ତେଣୁ ସେ ଗୁଜୁରାଟର ଅହମ୍ମଦାବାଦ ନିକଟସ୍ଥ ସାବରମତୀ ନଦୀ କୂଳରେ ଆଶ୍ରମଟିଏ ପ୍ରତିଷ୍ଠା କରି ନାମ ଦେଲେ ' ସତ୍ୟାଗ୍ରହ ଆଶ୍ରମ' । ଏହି ଆଶ୍ରମରେ ଛୁଆଁ ଅଛୁଆଁ ଭେଦଭାବ ରହିଲା ନାହିଁ । ଗାନ୍ଧିଙ୍କର ମୌଳିକନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହୋଇ ଓକିଲ ବଲ୍ଲଭ ଭାଇ ପଟେଲ ବିବାହ କଲେ ନାହିଁ । ପଟେଲ ଗାନ୍ଧିଙ୍କ ସହିତ ଶ୍ରମିକ ଧର୍ମଘଟ ଓ କୃଷକ ଆନ୍ଦୋଳନରେ ଯୋଗ ଦେଲେ । ସେହି ପରି ମହାଦେବ ଦେଶାଇ ନାମରେ ଜଣେ ଯୁବକ ଗାନ୍ଧିଙ୍କର ବିଶ୍ୱସ୍ତ ସେକ୍ରେଟେରୀ ଭାବରେ ଆଜୀବନ ରହିଲେ । ଗାନ୍ଧି ବିହାରର ଚମ୍ପାରଣ ଠାରେ ଇଂରେଜ ଜମିଦାର ମାନଙ୍କର ଚାଷୀମାନଙ୍କ ଉପରେ ହେଉଥିବା ଅକଥନିୟ ଅତ୍ୟାଚାର ଅନୁଭବ କଲେ । ଜମିଦାର ମାନଙ୍କ ସହିତ ଚୁକ୍ତି କରି ଅସହାୟ ଚାଷୀମାନଙ୍କ ଦୁଃଖ ଦୂରକଲେ । ୧୯୧୯ ଏପ୍ରିଲ ୧୩ରେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡରେ ଗାନ୍ଧି ମର୍ମାହତ ହୋଇପଡ଼ିଲେ । ଇଂରେଜ ସରକାରଙ୍କର ଏତାଦୃଶ ନୀତିରେ ବ୍ୟଥିତ ହୋଇ,

ଏ ଦେଶରୁ ସେମାନଙ୍କୁ ବିତାଡ଼ିତ କରିବା ପାଇଁ ଭାରତୀୟମାନଙ୍କୁ ସତ୍ୟାଗ୍ରହ ମଧ୍ୟରେ ନୂଆ ଉପାୟ ଚିଂା କଲେ । ମୁସଲମାନଙ୍କ ହୃଦୟରେ ସତ୍ୟାଗ୍ରହ ପାଇଁ ଅନୁରାଗ ନଥିବାରୁ ଗାନ୍ଧି ୧୯୨୦ ଜୁଲାଇ ୩୦ରୁ ଅସହଯୋଗ ଆନ୍ଦୋଳନ ପାଇଁ ଆହ୍ୱାନ ଦେଲେ । ବହୁ ଭାରତୀୟ ଚାକିରି ଛାଡ଼ିଲେ । ମୋତିଲାଲ ନେହେରୁ ଦେଶବନ୍ଧୁ ଚିତରନ ଓକିଲାତି ଛାଡ଼ିଲେ । ରବୀନ୍ଦ୍ରନାଥ ତାଙ୍କର ନାଇଟିଉପାଧି, ଗାନ୍ଧି ତାଙ୍କର ଯୁଦ୍ଧ ପଦକ ଫେରାଇ ଦେଲେ । କଂଗ୍ରେସ ନେତାମାନେ ଖଦଡ଼ ପିନ୍ଧିଲେ, ଗାନ୍ଧି ସୂତା ବୁଣା ଛୋଟ ଲୁଗା ପିନ୍ଧିଲେ । କୁଟିଖିଆ, କାଟି ପିନ୍ଧ ନୀତିରେ ଚାଲିଲେ । ସବୁ ବଡ଼ ବଡ଼ ନେତା ଗିରଫ ହେଲେ । ୧୯୨୨ ମାର୍ଚ୍ଚରେ ଗାନ୍ଧି ଗିରଫ ହୋଇ ଛଅବର୍ଷ ଜେଲ ଦଣ୍ଡ ଭୋଗକଲେ । ଗାନ୍ଧିଙ୍କ ଦେହ ଅସୁସ୍ଥ ହେବାରୁ ସେ ଛଅ ବର୍ଷ ଜେଲଦଣ୍ଡ ବଦଳରେ ୨ ବର୍ଷ ଭୋଗ କଲେ । ୧୯୨୯ ମସିହାରେ ଲାହୋର ଠାରେ କଂଗ୍ରେସର ଅଧିବେଶନରେ ନିଷ୍ପତି ନିଆଗଲା ଯେ ୧୯୩୦ ମସିହା ଜାନୁୟାରୀ ୨୬ କୁ ସମଗ୍ର ଭାରତ ସ୍ୱାଧୀନତା ଦିବସ ପାଳନ କରିବ । ଏହି ଦିନ ସମଗ୍ର ଭାରତରେ ଏକ ନୂତନ ଜାଗରଣ ଦେଖାଦେଲା । ଗାନ୍ଧି ଲବଣ ସତ୍ୟାଗ୍ରହ ଆରମ୍ଭ କରିଦେଲେ । ସରକାରଙ୍କ ନିୟମ ଭଙ୍ଗ କରି ଦାଣ୍ଡୀରେ ଗାନ୍ଧି ଲୁଣ ମରା କାର୍ଯ୍ୟ କଲେ । ଏହି ଖବର ଗାଁ ଠାରୁ ସହର ଯାଏ ବ୍ୟାପିଗଲା । ସମସ୍ତେ ଲୁଣ ମାରିବା ଆରମ୍ଭ କରିଦେଲେ । ଲକ୍ଷାଧିକ ଲୋକ ଓ ଗାନ୍ଧି ଗିରଫ ହେଲେ । କଂଗ୍ରେସ ପୂର୍ଣ୍ଣ ସ୍ୱାଧିନତା ପାଇଁ ଲଢେଇ ଆରମ୍ଭ କରିଦେଲା । ଗୋଲ ଟେବୁଲ ବୈଠକ ପରେ ଗାନ୍ଧିଙ୍କୁ ଗିରଫ କରାଗଲା । ଜେଲରେ ଥିବା ସମୟରେ ଇଂରେଜ ସରକାର ହରିଜନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଗଠନ କରିବାକୁ ନିଷ୍ପତି ନେଲେ । ଗାନ୍ଧି ଏହି ନୀତିକି ବିରୋଧ କରି ଅନଶନ କଲେ । ସରକାର ହରିଜନ ନୀତିର ପରିବର୍ତନ କଲେ । ଛୁଆଁ ଅଛୁଆଁ ଭେଦଭାବ ସମାଜରୁ କେତେକା ଅଂଶରେ ଉଠିଲା । ବହୁ ମନ୍ଦିରରେ ହରିଜନମାନେ ପ୍ରବେଶ କଲେ । ଗାନ୍ଧି ଅନଶନ ଭାଙ୍ଗିଲେ । ୧୯୪୨ରେ କଂଗ୍ରେସର ଭାରତ ଛାଡ଼ ଆନ୍ଦୋଳନ ଯୋଗୁ ସମଗ୍ର ଦେଶରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ହିଂସାକାଣ୍ଡ ଆରମ୍ଭ ହୋଇଗଲା । ସୁବାଷ ବୋଷ ରେଙ୍ଗୁନ ରେଡ଼ିଓରୁ ଘୋଷଣା କଲେ ଯେ ଗାନ୍ଧିଜୀ ହେଉଛନ୍ତି 'ଜାତିର ଜନକ ବିଂଶ ଶତାବ୍ଦୀର ବିସ୍ମୟ ମହାନାୟକ' । ଇଂରେଜ ସରକାର ଜିନ୍ନାଙ୍କ ମାଧ୍ୟମରେ ଭାରତକୁ ଦୁଇଭାଗ କରିବାକୁ ଚକ୍ରାନ୍ତ କଲେ । ହିନ୍ଦୁ, ମୁସଲମାନଙ୍କ ହଣା କଟା ?ଲିଲା । ଜିନ୍ନାଙ୍କର କ୍ଷମତା ଲୋଭ କଂଗ୍ରେସ ନେତାଙ୍କର ଉଦାସୀନତା, ଗାନ୍ଧିଙ୍କର ଅସହାୟତା ପାଇଁ ଅଖଣ୍ଡ ଭାରତ ଦୁଇ ଭାଗ ହୋଇଗଲା । ପ୍ରବଳ ହିଂସା, ରକ୍ତପାତ ମଧ୍ୟରେ ପାକିସ୍ଥାନକୁ ସ୍ୱାଧୀନତା ଅଗଷ୍ଟ ୧୪ ତାରିଖରେ ଦିଆଗଲା । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭକଲା । ଭାରତର ପଣ୍ଡିତ ନେହେରୁ ଓ ପାକିସ୍ଥାନର ଜ୍ନିା ହେଲେ ମୁଖ୍ୟ କର୍ଣ୍ଣଧାର । କଠୋର ପନ୍ଥୀ ହିନ୍ଦୁମାନେ ମହାତ୍ମା ଗାନ୍ଧିଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର କଲେ । ୧୯୪୮ ମସିହା ଜାନୁୟାରୀ ୩୦ ତା ରିଖରେ ଗାନ୍ଧି ପ୍ରାର୍ଥନା ସଭାକୁ ଆସିବା ମାତ୍ରେ ନାଥୁରାମ ତାଙ୍କୁ ଗୁଳିକଲେ । 'ହା' ରାମ କହି ଜାତିର ଜନକ ମହାତ୍ମା ବାପୁ ଟଳିପଡ଼ିଲେ । ?ରି ଆଡ଼େ ଶୋକର ଛାୟା ଖେଳିଗଲା । ସମଗ୍ର ପୃଥିବୀରୁ ହଠାତ୍ ଅହିଂସାର ଆଲୋକ ନିର୍ବାପିତ ହୋଇଗଲା । ସ୍ୱାଧୀନ ଭାରତ ଏକ ଅନ୍ଧକାରମୟ ଗର୍ତକୁ ଠେଲି ହୋଇଗଲା । ଭାରତୀୟ ମୁକ୍ତ ସଂଗ୍ରାମର ମହାନାୟକ, ବିସ୍ମୟ ମହାମାନବ ମହାତ୍ମାଗାନ୍ଧି ଚିରଦୀନ ପାଇଁ ଧରା ପୃଷ୍ଟରେ ଅମର ହୋଇରହିଗଲେ ।


**+ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡ଼େମି**
**ପାରାଦ୍ୱୀପଗଡ଼, କୁଜଙ୍ଗଜଗତ୍‌ସିଂହପୁର**
**ମୋ-୯୯୩୭୬୯୧୪୭୫**


# ବିସ୍କୁଟ୍ ବିଜ୍ଞାପନକୁ ନେଇ ହଇଚଇ




ପାକିସ୍ତାନରେ ଏକ ବିସ୍କୁଟ୍ ବିଜ୍ଞାପନକୁ ନେଇ ଜୋରଦାର ହଙ୍ଗାମା ହେଉଛି । ବିଜ୍ଞାପନରେ ମଡେଲଙ୍କ ନୃତ୍ୟକୁ ମୁଜରା ବୋଲି କହି ଗୋଟିଏ ଗୋଷ୍ଠୀ ବିରୋଧକୁ ଓହ୍ଲାଇଛି ଏବଂ ଇମ୍ରାନ ସରକାରଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଛି । ଅନ୍ୟପକ୍ଷେ ଆଉ ଏକ ଗୋଷ୍ଠୀ ବିଜ୍ଞାପନକୁ ମହିଳାଙ୍କୁ ସ୍ୱାଧୀନତା ସହ ଯୋଡ଼ି ତାକୁ ଠିକ୍ ବୋଲି ଦର୍ଶାଇଛି । ବିସ୍କୁଟ୍ ବିଜ୍ଞାପନକୁ ନେଇ ସାଧାରଣ ଲୋକଙ୍କଠୁ ଆରମ୍ଭ କରି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ବିରୋଧ ପ୍ରଦର୍ଶନ କରୁଛନ୍ତି । ଏହାକୁ ଅଶ୍ଳୀଳ ବୋଲି କହି ବନ୍ଦ କରିବାକୁ ଦାବି କରୁଛନ୍ତି । ଯେଉଁମାନେ ବିଜ୍ଞାପନକୁ ବିରୋଧ କରୁଛନ୍ତି, ସେମାନେ 'ପାକିସ୍ତାନର ଇଲେକ୍ଟ୍ରୋନିକ୍ ମିଡିଆ ରେଗୁଲେଟୋରି ଅଥରିଟି (ପେମରା)'କୁ ବିଜ୍ଞାପନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଛନ୍ତି । ଏହା ପରେ ଅଥରିଟିକୁ ବୟାନ ଜାରି କରିବାକୁ ପଡ଼ିଛି । ଆଡ୍‌ଭରଟାଇଜିଂ ଆସୋସିଏସନ୍ ଓ ଆଡ୍‌ଭରଟାଇଜିଂ ସୋସାଇଟିକୁ ବିଜ୍ଞାପନର ବିଷୟ ଉପରେ ବିଚାର କରିବାକୁ ପେମରା ପ୍ରସ୍ତାବ ଦେଇଛି । ଯେଉଁ ବିଜ୍ଞାପନକୁ ନେଇ ସେଠାରେ ଏତେ ହଙ୍ଗାମା ହେଉଛି, ସେଥିରେ ପାକିସ୍ତାନର ଅଭିନେତ୍ରୀ ମହବିଶ ହୟାତ ପାରମ୍ପରିକ ପାକିସ୍ତାନୀ ପୋଷାକରେ ନୃତ୍ୟ କରୁଥିବା ନଜର ଆସିଛନ୍ତି । ଭିଡିଓରେ ଉକ୍ତ ବିସ୍କୁଟ୍‌କୁ ଦେଶର ବିସ୍କୁଟ୍ ବୋଲି କୁହାଯାଇଛି । ବିଜ୍ଞାପନରେ ମହବିଶଙ୍କ ସହିତ ଅନ୍ୟ କଳାକାରଙ୍କୁ ନୃତ୍ୟ କରୁଥିବା ଓ ହସୁଥିବା ଦେଖିବାକୁ ମିଳିଛି । ପାକିସ୍ତାନୀ ସୋସିଆଲ ମିଡିଆରେ ବିଜ୍ଞାପନକୁ ନେଇ ବିତର୍କ ଆରମ୍ଭ ହୋଇଯାଇଛି । ଜଣେ ୟୁଜର୍ ଏହାକୁ ବିଜ୍ଞାପନ ନାଁରେ ମୁଜରା ବୋଲି କହିଛନ୍ତି ଏବଂ ପଚାରିଛନ୍ତି 'ପାକିସ୍ତାନରେ 'ପେମରା' ନାମକ କୌଣସି ସଂସ୍ଥା ଅଛି ନା ନାହିଁ ?' ଏହାର ଜବାବରେ ବିଜ୍ଞାପନକୁ ସମର୍ଥନ କରୁଥିବା ଜଣେ ମହିଳା ଲେଖିଛନ୍ତି 'ଏ ସମାଜ କେବଳ ଦୁଃଖୀ, ଭୟାଳୁ ଓ କାନ୍ଦୁଥିବା ମହିଳାଙ୍କୁ ପସନ୍ଦ କରେ । ସେଥିପାଇଁ ଏ ସବୁ ଯେତେବେଳେ ଟିଭିରେ ପ୍ରଦର୍ଶିତ ହୁଏ, କୌଣସି ଆପତ୍ତି ନଥାଏ ।'ଞ

# ଖଇଙ୍ଗା ମାଛ ଝଡ଼ା ବେସର

ଶାରଦୀୟ ଦୁର୍ଗାପୂଜା ଅବସରରେ ମାତୃଶକ୍ତିର ଉପାସନା ସହିତ ଶଙ୍ଖୁଡ଼ି ଭୋଗର ଆଦର ଖୁବ୍ ରହିଥାଏ । ଏହି ନବଦିନାତ୍ମକ ପୂଜାର ଶେଷ ଭାଗରେ ମହାସପ୍ତମୀ, ଅଷ୍ଟମୀ ଓ ନବମୀ ସମୟରେ ଘରେ ଘରେ ଖୁସି ଲହରି ଖେଳିଯାଏ । ପାର୍ବଣର ମୁଖ୍ୟ ଆକର୍ଷଣ ମା'ଙ୍କ ଶଙ୍ଖୁଡ଼ି ଭୋଗର ଏକ ପ୍ରମୁଖ ଅଂଶ ମାଛ ଝଡ଼ା ବେସର । ଏହା ଦେବୀ ପୀଠରେ ବିନା ପିଆଜ ରସୁଣରେ ପ୍ରସ୍ତୁତ ହୋଇ ଭୋଗ ଲାଗିଥାଏ । ମାତ୍ର ଘରେ ଅନ୍ୟ ସମୟରେ ପ୍ରସ୍ତୁତ କଲେ ସେଥିରେ ପିଆଜ ରସୁଣ ମିଶାଇ କରିପାରିବା ।

**ସାମଗ୍ରୀ:**

-ବଡ଼ ମାଛ (ଖଇଙ୍ଗା/ଡାହାଙ୍ଗୀର): ୫୦୦ଗ୍ରାମ୍
-ଆଳୁ: ୨ଟା (ବଡ଼)
- ଦେଶୀଆଳୁ: ୧୦୦ ଗ୍ରାମ୍
-କଞ୍ଚା କଦଳୀ: ୧ଟା
-ବଡ଼ି: ଅଳ୍ପ
-ପିଆଜ: ୨ଟା (ବଡ଼)
-ରସୁଣ: ୧ଟା ରସୁଣ
-ସୋରିଷ: ୨ ଚାମଚ
-ଜିରା: ୨ ଚାମଚ
-ପାନମହୁରି: ୧ ଚାମମ
-ହଳଦୀ ଗୁଣ୍ଡ: ୧ ଚାମଚ
-ପଞ୍ଚ ଫୁଟଣ: ଅଧାଚାମଚ
-ଶୁଖିଲା ଲଙ୍କା: ୪ଟା
-ଡାଲଚିନି ଗୁଣ୍ଡ: ଅଧାଚାମଚ
-ଗୁଜୁରାତି ଗୁଣ୍ଡ: ଅଧାଚାମଚ
-ଧନିଆ ପତ୍ର: ଅଳ୍ପ
-ଲୁଣ: ସ୍ୱାଦ ଅନୁସାରେ
-ପ୍ରୟୋଜନ ଅନୁଯାୟୀ ତେଲ

**ପ୍ରଣାଳୀ:**

ଏକ ଘଣ୍ଟା ପୂର୍ବରୁ ସୋରିଷ, ଜିରା, ପାନମହୁରି, ହଳଦୀ, ଶୁଖିଲା ଲଙ୍କା, ପିଆଜ, ରସୁଣ ବାଟି ରଖନ୍ତୁ । ମାଛରୁ କାତି ଛଡ଼ାଇ ପରିଷ୍କାର କରି ଧୋଇ ବଡ଼ ବଡ଼ ଖଣ୍ଡ କାଟି ଲୁଣ, ହଳଦୀ ଗୋଳେଇ ରଖନ୍ତୁ । ଆଳୁ, ଦେଶୀଆଳୁ, କଞ୍ଚା କଦଳୀରୁ ଚୋପା ଛଡ଼ାଇ ଧୋଇ ଲମ୍ୱା ଲମ୍ୱା କାଟି ଗ୍ୟାସ୍‌ରେ କଡ଼େଇ ବସାଇ ଲୁଣ, ହଳଦୀ ଗୁଣ୍ଡ, ପାଣି ଦେଇ ଘୋଡ଼ାଇ ଦିଅନ୍ତୁ । ପରିବା ସିଝିଗଲା ପରେ ଗୋଟିଏ ପାତ୍ରରେ କାଢ଼ିଦିଅନ୍ତୁ । ପୁଣି ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହେଲା ପରେ ପଞ୍ଚ ଫୁଟଣ, ଶୁଖିଲା ଲଙ୍କା ଫୁଟାଇ ମାଛକୁ ଗୋଟି ଗୋଟି କରି ସାବଧାନରେ ତେଲ କଡ଼େଇରେ ପକାଇ ଅଧାଖରଡ଼ା ବା ନରମ ଭଜା କରି ସେଥିରେ ବଟା ମସଲାକୁ ପକାଇ ଦିଅନ୍ତୁ । ଅଳ୍ପ କଷି ହୋଇଗଲା ପରେ ସେଥିରେ ସିଝା ହୋଇଥିବା ଆଳୁ, ଦେଶୀଆଳୁ, କଞ୍ଚା କଦଳୀକୁ ମିଶାଇ ଦିଅନ୍ତୁ । ସେଥିରେ ବଡ଼ିକୁ ଭାଜି ପକାଇ ଦିଅନ୍ତୁ । ଧୀମା ଆଞ୍ଚରେ ପ୍ରାୟ ଦଶ ମିନିଟ୍ ପର୍ଯ୍ୟନ୍ତ ବସାନ୍ତୁ । ପରିବା, ମାଛ ଭଲ କରି ସିଝିଗଲେ



ସେଥିରେ ଡାଲଚିନି ଗୁଣ୍ଡ, ଗୁଜୁରାତି ଗୁଣ୍ଡ, ଧନିଆ ପତ୍ର ପକାଇ ତଳକୁ ଓହ୍ଲାଇ ଦିଅନ୍ତୁ । ଗରମ ଗରମ ଭାତ ସହିତ ନିଜେ ଖାଆନ୍ତୁ ଏବଂ ଅନ୍ୟମାନଙ୍କୁ ଖାଇବାକୁ ଦିଅନ୍ତୁ ।

# ରନ୍ଧାଖାଦ୍ୟ ବିଲ୍ ପେମେଂଟକୁ ନେଇ ସରପଂଚ – ଏସଏଚଜି ଗ୍ରୁପ ଟଣାଓଟରା ସ୍ଥିତି

## ପିସି ପାଇଁ ୫ ମାସ ବିଲ୍ ଅଟକାଇଥିଲେ ସରପଂଚ, ବିଡିଓଙ୍କ ତଦନ୍ତ ଆରମ୍ଭ
## ପିସି ଅଭିଯୋଗକୁ ମିଥ୍ୟା, ମନଗଢା କହି ଅସ୍ୱୀକାର କଲେ ସରପଂଚ

ଭୁବନ,୧୪।୧୦ (ନି.ପ୍ର): ବିଶ୍ୱ ମହାମାରୀ କରୋନା (କୋଭିଡ-୧୯) ପରିଚାଳନାରେ ବ୍ୟାପକ ଦୁର୍ନୀତି, ପ୍ରିୟାପ୍ରୀତି, ଅନୀୟମିତତା ଓ ସ୍ୱେଚ୍ଛାଚାରିତା ସମ୍ପର୍କରେ ସାରା ରାଜ୍ୟରେ ଅଭିଯୋଗ ଶୁଣାଯାଉଥିବା ବେଳେ ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ଯମୁନାକୋଟ ପଚାଂଯତରେ ରନ୍ଧାଖାଦ୍ୟ ବିଲ୍ ପେମେଣ୍ଟ କୁ ନେଇ ସରପଂଚ ଓ ଏସଏଚଜି ଗ୍ରୁପ ମଧ୍ୟରେ ଲାଗିଥିବା କଳି, ବାଦ ବିବାଦ ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି । ଉଭୟ ଗୋଷ୍ଠୀ ଉଭୟଙ୍କ ନାମରେ ବିଡିଓଙ୍କ ନିକଟରେ ଅଭିଯୋଗ କରି ତଦନ୍ତ ପାଇଁ ଦାବି କରିଛନ୍ତି । ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, କରୋନା ପାଇଁ ଗତ ମାର୍ଚ୍ଚ ମାସ ୨୪ ତାରିଖରୁ କେନ୍ଦ୍ର ସରକାର ସମଗ୍ର ଦେଶରେ ଲକ୍ ଡାଉନ ଲାଗୁ କରିବା ପରେ ଗରିବ, ଅସହାୟ, ନିଃସହାୟ ସାଧାରଣ ଜନତାଙ୍କ ଜୀବନ ଦୁର୍ବିସହ ହୋଇପଡିଲା । ଫଳରେ ରାଜ୍ୟ ସରକାର ପ୍ରତି ପଂଚାୟତରେ ସର୍ବାଧିକ ୫୦ ଜଣ ନିହାତି ଗରିବ, ଅସହାୟ, ନିଃସହାୟ ଲୋକଙ୍କୁ ଦୁଇ ଓଳି ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ବିଡିଓ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସରପଂଚଙ୍କ ତତ୍ୱାବଧାନରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଗରିବ ଲୋକଙ୍କୁ ଦୁଇ ଓଳି ରନ୍ଧା ଖାଦ୍ୟ ବଣ୍ଟନ କରିବାକୁ ବିଡିଓ ସମସ୍ତ ସରପଂଚଙ୍କୁ ଦାୟିତ୍ୱ ଦେଇଥିଲେ । ଯମୁନାକୋଟ ପଂଚାୟତର ସରପଂଚ ସ୍ୱୟଂ ନିଜେ ସଭାନେତ୍ରୀ ଥିବା ଶକ୍ତି ନାରାୟଣୀ ଗ୍ରୁପ ପ୍ରଥମେ ଅପ୍ରେଲ ମାସ ୧ ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଲୋକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ମା ଶକ୍ତି ଶିବାନୀ ଗ୍ରୁପକୁ ବିଡିଓ ଦାୟିତ୍ୱ ଦେବାରୁ ଅପ୍ରେଲ ୧୫ ତାରିଖ ଠାରୁ ମଇ ୧୭ ତାରିଖ ପର୍ଯ୍ୟନ୍ତ ସଂପୃକ୍ତ ଗ୍ରୁପ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେଇଥିଲା । ସରପଂଚ ସଭାନେତ୍ରୀ ଥିବା ଗ୍ରୁପ କିମ୍ବା ତାଙ୍କ ସମର୍ଥିତ ଗ୍ରୁପ ଖାଦ୍ୟ ଦାୟିତ୍ୱ ନପାଇବାରୁ ସରପଂଚ ଓ ତାଙ୍କ ସ୍ୱାମୀ ଶିବାନୀ ଗ୍ରୁପକୁ ହଇରାଣ ହରକତ କରିବା ସହ ପଂଚାୟତ କାର୍ଯ୍ୟାଳୟରେ ରୋଷେଇ କରାଇ ଦେଇନଥିଲେ । ତାସତ୍ୱେ ସଂପୃକ୍ତ ଗ୍ରୁପର ସଦସ୍ୟା ମାନେ ଘରେ ରୋଷେଇ କରି ନୂଆସାହି ସ୍କୁଲରେ ଲୋକଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ । ମାସକ ମଧ୍ୟରେ ୪ ଥର ମାଂସ ଓ ୩ ଥର ଅଣ୍ଡା ଦେଇଥିଲେ । ଭାରତୀ ଲେଙ୍କାଙ୍କ ସ୍ୱାମୀ କାଳି ଲେଙ୍କା ମୃତ୍ୟୁବରଣ କରିବାରୁ ଅଶୌଚ ଯୋଗୁ ସେ ରନ୍ଧାଖାଦ୍ୟ ଆଣିନଥିଲେ ଏଥିପାଇଁ ସଂପୃକ୍ତ ଗ୍ରୁପ ତାଙ୍କୁ ଖାଦ୍ୟ ବାବାଦ ୧ ହଜାର ୩ ଶହ ଟଙ୍କା ପ୍ରଦାନ କରିଥିବା ସଂପର୍କରେ ଭାରତୀ ବିଡିଓଙ୍କ ନିକଟରେ ଲିଖିତ ଭାବେ ସ୍ୱୀକାର କରିଛନ୍ତି । ବିଲ୍ ପାଇଁ ସରପଂଚ ୧୦/୧୫ ହଜାର ଟଙ୍କା ଦାବି କରିଥିଲେ ଓ ଗ୍ରୁପ ସଦସ୍ୟା ମାନେ ପଇସା ନଦେବାରୁ ସରପଂଚ ଦୀର୍ଘ ଦିନ ଯାଏ ବିଲ୍ କୁ ପକାଇ ରଖିଥିଲେ । ପରବର୍ତ୍ତୀ ସମୟ ୫ ମାସ ପରେ ଶିବାନୀ ଗ୍ରୁପର ସଦସ୍ୟା ମାନେ ବିଡିଓଙ୍କ ନିକଟରେ ସରପଂଚଙ୍କ ବିରୋଧରେ ଅଭିଯୋଗ କରିବା ସହ ଖାଦ୍ୟ ଖାଇଥିବା ଲୋକଙ୍କ ସ୍ୱାକ୍ଷର ଥିବା ଦରଖାସ୍ତ ମଧ୍ୟ ପଇଠ କରି ତଦନ୍ତ ଦାବି କରିଥିଲେ । ଏବେ ଉଭୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଛି । ସରକାର ସରପଂଚଙ୍କୁ ଜିଲ୍ଲାପାଳ କ୍ଷମତା ଦେଇଥିଲା ବେଳେ ବିଡିଓ ତାଙ୍କୁ ବାଇପାସ/ ଉପେକ୍ଷା କରି ଗୋଟେ ଓଳି ଖାଇବାକୁ ଦେଇ ଲୋକଙ୍କୁ ଭୂଆଁ ବୁଲାଇ ୨ ଓଳିର ଦସ୍ତଖତ ଆଣିଥିବା ମା ଶକ୍ତି ଶିବାନୀ ଗ୍ରୁପ କୁ ୮୫ ହଜାର ଟଙ୍କା ବିଲ୍ ପେମେଣ୍ଟ କରିଛନ୍ତି ବୋଲି ସରପଂଚ ଅଭିଯୋଗ କରିଛନ୍ତି । ତାଙ୍କ ବିରୋଧରେ ଆସିଥିବା ୧୦/୧୫ ହଜାର ଟଙ୍କା ପିସିକୁ ସଂପୂର୍ଣ୍ଣ ମିଥ୍ୟା, ମନଗଢା ବୋଲି କହିଛନ୍ତି । ସେହିପରି ବିଡିଓ ଆଶୀର୍ବାଦ ପରିଡା ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରୁନଥିବାରୁ ପ୍ରତିକ୍ରିୟା/ ମତାମତ ଜଣାପଡିନାହିଁ ।

# ଉଦଘାଟନ ନହେବାପୂର୍ବରୁ ଦବିଲା କଂକ୍ରିଟ ରୋଡ

ମାଲକାନଗିର,୧୪।୧୦ (ନି.ପ୍ର): କମାଲକାନଗିରି ଜିଲ୍ଲା ବାଲିମେଳା ସଦର ଠାରୁ ପୋଟ୍ରେଲ ପଂଚାୟତ ର ଚିତାପାରୀ କୁ ଯୋଗାଯୋଗ କରିବାକୁ ହେଲେ ପୂର୍ବେ ବିପଦସଂକୁଳ ଅବସ୍ଥାରେ ଦେଶୀ ଡଙ୍ଗା ମାଧ୍ୟମରେ ନଦୀ ପାର ହେବାକୁ ପଡୁଥିଲା । ତେବେ ଏହି ସମସ୍ୟା କୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ଆରଡ଼ି ବିଭାଗ ଦ୍ୱାରା ବିଜୁ ସେତୁ ଯୋଜନା ରେ କୋଟି କୋଟି ଟଙ୍କାର ବ୍ୟୟ ଅଟକଳ ରେ ଏକ ନୂତନ ବ୍ରିଜ ନିର୍ମାଣ କରାଯାଇଥିଲା । ତେବେ ଏହି ବ୍ରିଜ ଟିକୁ ଗୁପ୍ତେଶ୍ୱର କଂଷ୍ଟ୍ରକସନ ନାମକ ଏକ କମ୍ପାନୀ କାମ ଟିକୁ ନେଇଥିଲା । ତେବେ ବ୍ରିଜ ଟି ନିର୍ମାଣ ଅବଧି ମଧ୍ୟରେ ନ ହୋଇ ବିଳମ୍ବ ରେ ନିର୍ମାଣ କାର୍ଯ୍ୟ ଶେଷ ହେଲା ସତ କିନ୍ତୁ ଉତମ ମାନର କାମ ହୋଇନଥିବା ଯୋଗୁଁ ବର୍ତ୍ତମାନ ବ୍ରିଜ ର ଉଭୟ ପାର୍ଶ୍ୱ ରେ ହୋଇଥିବା ସିମେ କଂକ୍ରିଟ ରାସ୍ତା ଟି ୨ ଫୁଟ ଲେଖାଏଁ ଦବି ଯିବା ସହ ରାସ୍ତା ଟି ମଝି ଭାଗ ରୁ ଫାଟି ଆଁ କରିଥିବା ଦେଖିବାକୁ ମିଳିଛି ତେବେ ଏପରି ହେବା ଦ୍ୱାରା ବାରମ୍ବାର ବହୁ ଦୁର୍ଘଟଣା ଘଟି ଲୋକେ ମଧ୍ୟ ଆହତ ହେଉଛନ୍ତି । ତେବେ ତୁରନ୍ତ ଏହାକୁ ପୁନଃ ନିର୍ମାଣ ନିମନ୍ତେ ସ୍ଥାନୀୟ ଲୋକେ ଦାବି କରିବା ସହ ଯଦି କେହି ପଡି ମୃତ୍ୟୁବରଣ କରେ ତାହେଲେ ଏଥିପାଇଁ ପ୍ରଶାସନ ଦାୟୀ ରହିବ କି ବୋଲି ପ୍ରଶ୍ନ କରିଛନ୍ତି ।

# ଏମପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସ୍ନାତକୋତର ଶ୍ରେଣୀ ନିମନ୍ତେ ସାଧାରଣ ଏକକ ପ୍ରବେଶିକା ପରୀକ୍ଷା

ବାରିପଦା,୧୪।୧୦ (ନି.ପ୍ର): ବାରିପଦା ତଖତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର (ଏମପିସି) ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ନାତକୋତର ଶ୍ରେଣୀରେ ଅଧ୍ୟୟନ ନିମନ୍ତେ ଆବେଦନକାରୀ ଛାତ୍ରଛାତ୍ରୀମାନଙ୍କର ସାଧାରଣ ଏକକ ପ୍ରବେଶିକା ପରୀକ୍ଷା ଗତକାଲି ଠାରୁ ଆରମ୍ଭ ହୋଇଛି । ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଉକ୍ତ ଏକକ ପ୍ରବେଶିକା ପରୀକ୍ଷା ଆସନ୍ତା ୨୨ ପର୍ଯ୍ୟନ୍ତ ଚାଲୁ ରହିବ । ପ୍ରତ୍ୟେକ ଦିନ ତିନୋଟି ପର୍ଯ୍ୟାୟରେ ବିଭିନ୍ନ ବିଷୟରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ । କୋଭିଡ଼-୧୯ କଟକଣା ଭିତରେ ସମସ୍ତ ଛାତ୍ରଛାତ୍ରୀମାନେ କିପରି ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରୀକ୍ଷା ଦେଇ ପାରିବେ ସେ ଦିଗରେ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ଃ. ଝରଣା ବେହେରା ସୂଚନା ପ୍ରଦାନ କରିଛନ୍ତି । ମହାବିଦ୍ୟାଳୟର ମୁଖ୍ୟ ଫାଟକେ ଏବଂ ପରୀକ୍ଷା କେନ୍ଦ୍ରର ପ୍ରବେଶ ପଥରେ ଦ୍ୱିସ୍ତରୀୟ ଯାଂଚ୍ ସହ ପରୀକ୍ଷାର୍ଥୀମାନଙ୍କ ମାସ୍କ ବ୍ୟବହାର, ସାମାଜିକ ଦୂରତା ପାଳନ, ସ୍ୱତନ୍ତ୍ର ପାଣି ବୋତଲ ପ୍ରଦାନ, ପରୀକ୍ଷକଙ୍କୁ ସୁରକ୍ଷା ମୂଳକ ପ୍ରସ୍ତୁତି ଭଳି ଶୃଙ୍ଖଳିତ ବ୍ୟବସ୍ଥା କରାଯାଇଛି ବୋଲି ପରୀକ୍ଷା ପରିଚାଳକ ଡ଼ଃ ସୁଧୀର କୁମାର କିସ୍କୁ ପ୍ରକାଶ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳା ମାନି ପରୀକ୍ଷା କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି ବୋଲି କହିଛନ୍ତି ।

# ମନ୍ତ୍ରୀ ଓ ବିଧାୟକଙ୍କ ନାଁରେ କୋର୍ଟରେ ମାମଲା

ପୁରୀ,୧୪।୧୦ (ନି.ପ୍ର): ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ଶବ ସଂସ୍କାର ପାଇଁ ଗତ ୪ ତାରିଖ ଦିନ ସ୍ୱର୍ଗଦ୍ୱାରକୁ ଅଣାଯାଇଥିଲା । ସେଠାରେ କରୋନା ପଜେଟିଭ୍ ଥାଇ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଉପସ୍ଥିତ ଥିବାରୁ ସେଠାରେ ସଂକ୍ରମଣର ଆଶଙ୍କା ରହିଛି ବୋଲି ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ସମୁଦ୍ର କୂଳ ଥାନା ଓ ଭୁବନେଶ୍ୱର ଖାରବେଳ ନଗର ଥାନାରେ ଏତଲା କରିଥିଲେ । ଆଜି ପୁରୀ ଉପଖଣ୍ଡସ୍ତରୀୟ ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ମାମଲା ରୁଜୁ କରିଥିବା ସେ କହିଛନ୍ତି । ମନ୍ତ୍ରୀ ଓ ବିଧାୟକଙ୍କ ବିରୁଦ୍ଧରେ ସଂକ୍ରାମକ ରୋଗ ଆଇନ ଓ ଭାରତୀୟ ପିଙ୍ଗଲ କୋର୍ଡର ଦଫା ୧୪୭, ୧୪୮, ୨୬୯, ୨୭୦, ୨୭୧, ୩୦୭, ୧୪୯ ଦଫାରେ ମାମଲା ରୁଜୁ କରିବାକୁ ସେ କୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି । ସତ୍ୟବାଦୀ ବିଧାୟକ ଶତାଧିକ ସମର୍ଥକଙ୍କ ସହ ଆସି କୋଭିଡ୍ ଗାଇଡ ଲାଇନ୍ ଭଙ୍ଗ କରିଥିବା ସେ ଅଭିଯୋଗ କରିଛନ୍ତି । ସମୁଦ୍ର କୂଳ ଥାନାରେ ଏତଲା ଦେଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଆବେଦନକାରୀ କୋର୍ଟରେ ମୋକଦ୍ଦମା ଦାଖଲ କରିଥିବା କହିଛନ୍ତି । ଏ ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ପଟ୍ଟନାୟକ କହିଛନ୍ତି, ବିଧାୟକ, ମନ୍ତ୍ରୀ ଏବଂ ସେମାନଙ୍କ ସମର୍ଥକଙ୍କ ବିରୁଦ୍ଧରେ ଉଚିତ୍ ଦଣ୍ଡ ବିଧାନ ଆଦେଶ ଦେବା ପାଇଁ ସେ କୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି ।

# ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଯୋଜନା ଶୁଭାରମ୍ଭ

ଭଦ୍ରକ, ୧୪/୧୦ (ହି.ସ.) - ଆଜି ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ପଂଚାୟତରାଜ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି ଯେ 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ଯୋଜନାର ଶୁଭାରମ୍ଭ ହୋଇଛି । ସୁଜଳ ଯୋଜନାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଭୁବନେଶ୍ୱର ଓ ପୁରୀରେ ୧୨ଟି ସ୍ଥାନରେ ଟ୍ୟାପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲୋକାର୍ପିତ ହୋଇଛି । ଏହି ଯୋଜନାରୁ ଏହି ୨ ସହରରେ କେବଳ ୧ ଲକ୍ଷ ୮୦ ହଜାରରୁ ଅଧିକ ଲୋକେ ଉପକୃତ ହେବେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସି ମାଧ୍ୟମରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ସମୃଦ୍ଧ ଅର୍ଥନୀତି ପାଇଁ ସୁସ୍ଥ ଜୀବନ ନିହାତି ଦରକାର । ସୁସ୍ଥ ଜୀବନ ପାଇଁ ଶୁଦ୍ଧ ପିଇବା ପାଣି ଅତ୍ୟନ୍ତ ଜରୁରୀ । ଟ୍ୟାପ୍‌ରୁ ପିଇବା ପାଣି ଯୋଗୁଁ ପୁରୀରୁ ପ୍ଲାଷ୍ଟିକ୍ ଆବର୍ଜନା କମିବ । ମାର୍ଚ୍ଚ ୨୦୨୨ ସୁଦ୍ଧା ରାଜ୍ୟର ସବୁ ସହରା ଳର ପ୍ରତି ଘରକୁ ପିଇବା ପାଣିରେ ଓଡ଼ିଶା ଦେଶର ପ୍ରଥମ ହେବ । ଏହାବ୍ୟତୀତ ଏହି ଯୋଜନାରେ ଭୁବନେଶ୍ୱର, ପୁରୀ, ରାଉରକେଲା ଓ ବ୍ରହ୍ମପୁରରେ ୩ ଲକ୍ଷ ଗୃହକୁ ପାନୀୟ ଜଳ ମିଟର ସଂଯୋଗ କରାଯାଇଛି । ଏହି ଯୋଜନାରେ ଭୁବନେଶ୍ୱର, ଗୋପାଳପୁର, ଦିଗପହଣ୍ଡି ସ କାଶୀନଗରରେ ଶତ ପ୍ରତିଶତ ଗୃହକୁ ପାନୀୟ ଜଳ ଯୋଗାଣ କରାଯାଇଛି ।

# କାମାକ୍ଷାନଗର ଠାରୁ ଡୁବୁରୀ ପର୍ଯ୍ୟନ୍ତ କେନାଲ ପାର୍ଶ୍ୱ ରାସ୍ତା ନିର୍ମାଣ ଉପରେ ପ୍ରଶ୍ନବାଚୀ

ଭୁବନ,୧୪।୧୦ (ନି.ପ୍ର): କାମାକ୍ଷାନଗର ଠାରୁ ଡୁବୁରୀ ପର୍ଯ୍ୟନ୍ତ କେନାଲ ପାର୍ଶ୍ୱ ରାସ୍ତାର ଉନ୍ନତିକରଣ ପାଇଁ ଯାଜପୁର ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଡିଷ୍ଟ୍ରିକ୍ ମିନେରାଲ ଫଣ୍ଡ୍ (ଡିଏମଏଫ) ରେ କରାଯାଇଥିଲା । କାମାକ୍ଷାନଗର ଠାରୁ ଡମଶାଳ ବ୍ରିଜ୍ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଦ୍ରୁତ ଗତିରେ ଚାଲିଥିବା ବେଳେ ଡମଶାଳ ବ୍ରିଜ୍‌ଠାରୁ ଡୁବୁରୀ ପର୍ଯ୍ୟନ୍ତ କେନାଲ ପାର୍ଶ୍ୱ ରାସ୍ତାର ଉନ୍ନତିକରଣ ଏଯାଏଁ ଆରମ୍ଭ ହୋଇନାହିଁ । ଏହି କାମ କିଏ କରିବ ସେନେଇ ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଦୁର୍ଗା କନଷ୍ଟ୍ରକସନ୍ ଦୀର୍ଘ ୮ ମାସହେଲା କାମ ନେଇଛନ୍ତି, କିନ୍ତୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଆରମ୍ଭ ହୋଇନାହିଁ । ଯେହେତୁ ଲୋକମାନେ ମାଇନିଂ ଉପରେ ନିର୍ଭର କରନ୍ତି ସେଥିପାଇଁ ଲୋକମାନେ ଯିବା ଆସିବାରେ ଅସୁବିଧା ହେଉଛନ୍ତି । ଅନ୍ୟପକ୍ଷରେ ଜଳସେଚନ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ସେ କୁହନ୍ତି, ଏହି କାର୍ଯ୍ୟ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି ।

# ୧ ଲକ୍ଷ କୋଭିଡ୍ ନମୁନା ପରୀକ୍ଷଣ ରେକର୍ଡ କଲା ଆଇଏଲ୍ଏସ୍

ଭୁବନେଶ୍ୱର,୧୪।୧୦ (ନି.ପ୍ର): ଏକ ଲକ୍ଷ କୋଭିଡ୍ ନମୁନା ପରୀକ୍ଷଣ ମାଇଲ୍ ଖୁଂଟ ଅତିକ୍ରମ କରି ମହାମାରୀ ବିରୋଧରେ ଓଡ଼ିଶାର ସଂଗ୍ରାମକୁ ସଶକ୍ତ କରିଥିବାରୁ ଭୁବନେଶ୍ୱରସ୍ଥିତ ଜୀବବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍ଏସ୍)କୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମହାମାରୀ ସଂକ୍ରମଣ ରୋକିବା ଦିଗରେ ଓଡ଼ିଶାର ପରୀକ୍ଷଣ ବୃଦ୍ଧି ଉଦ୍ୟମରେ ଜୀବବିଜ୍ଞାନ ପ୍ରତିଷ୍ଠାନ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ଏହି ଅନୁଷ୍ଠାନକୁ ପ୍ରଶଂସା କରିଛନ୍ତି । ଗଜପତି ଜିଲ୍ଲାରେ ୭୬୩.୮ ମିମି ବର୍ଷା ପାରଳାଖେମୁଣ୍ଡି, ୧୩ ଅକ୍ଟୋବର (ହି.ସ.)- ଲଘୁଚାପ ପ୍ରଭାବରେ ଗଜପତି ଜିଲ୍ଲା ଲଗାଣ ବର୍ଷା ଜାରୀ ରହିଛି । ଗତ ୪୮ ଘଂଟା ମଧ୍ୟରେ ଜିଲ୍ଲାର କାଶୀନଗର ବ୍ଲକରେ ୫୧.୦, ପାରଳାଖେମୁଣ୍ଡି ୧୧୭.୦, ରାୟଗଡ଼ା ୧୧୪.୪, ଗୁମ୍ମା ୯୪.୦, ଆର୍. ଉଦୟଗିରି ୭୫.୨, ନୂଆଗଡ଼ ୭୨.୦, ମୋହନା ୧୩୩.୨ ଏବଂ ଗୋସାଣି ବ୍ଲକରେ ୧୦୭.୦ ମି.ମି. ବର୍ଷା ରେକର୍ଡ଼ କରାଯାଇଛି । ଏହିପରି ଜିଲ୍ଲାରେ ମୋଟ୍ ୭୬୩.୮ ମିମି ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି ।

# ବାରିପଦା ପୌରପରିଷଦ ପକ୍ଷରୁ ନିର୍ମାଣ ହୋଇଥିବା ଶୌଚାଳୟ କାହା ସ୍ୱାର୍ଥରେ

ବାରିପଦା,୧୪।୧୦ (ନି.ପ୍ର): ବାରିପଦା ପୌରପରିଷଦ ବାହ୍ୟ ମଳମୁକ୍ତ ସହର ଭାବେ ଘୋଷଣା ହୋଇଛି । ମାତ୍ର ସହର ମଧ୍ୟ ଦେଇ ପ୍ରବାହିତ ବୁଢ଼ାବଳଙ୍ଗ , ଜରାଳୀ, ସରାଳୀ, ଶଂଙ୍ଖଯୋଡ଼, ଚିପଟ, ଇଟାଯୋଡ଼ି ଆଦି ନଦୀ ପଠା ସହିତ କେତେକ ପୋଖରୀ ହୁଡ଼ାର ପାରିପାର୍ଶ୍ୱିକ ଅବସ୍ଥାକୁ ତର୍ଜମା କଲେ ସ୍ୱଚ୍ଛ ଭାରତ ଅଭିଯାନର ଅସଲ ଚିତ୍ର ସ୍ପଷ୍ଟ ବାରି ହୋଇ ପଡୁଛି । ସେହିପରି ପବ୍ଲିକ ଟୟଲେଟ ଗ୍ରାଂଟରେ ବାରିପଦା ପୌରପରିଷଦର ବିଭିନ୍ନ ସ୍ଥାନରେ ଜନସାଧାରଣ ଶୌଚ ଯିବା ନିମନ୍ତେ ଶୌଚାଳୟ ନିର୍ମାଣ ହୋଇଥିବାର ଦେଖିବାକୁ ମିଳୁଥିବା ସମୟରେ କଚେରୀ ପରିବା ମାର୍କେଟ ପରିସରରେ ୨ଟି ଓ ଶ୍ରୀମା ମହିଳା ମହାବିଦ୍ୟାଳୟ ପାର୍ଶ୍ୱରେ ଗୋଟାଏ ଶୌଚାଳୟ ତାଲା ବନ୍ଦ ଅବସ୍ଥାରେ ରହିଥିବାର ପରିଲକ୍ଷିତ ହୋଇଛି । କଚେରୀ ପରିବା ମାର୍କେଟ ପରିସରରେ ରହିଥିବା ୨ଟି ଶୌଚାଳୟ ମଧ୍ୟରୁ ଗୋଟାଏ ଶୌଚାଳୟର କାନୁରେ ଲଗାଯାଇଥିବା ସୂଚନା ଫଳକରେ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦତ ସୂଚନା ଲିଭି ଯିବା ସହ ସେଠାରେ ମାଛ ବ୍ୟବସାୟୀମେଲାଇ ବସିଥିବାରୁ ତାହା ଜନସାଧାରଣଙ୍କ ଦୃଷ୍ଟିର ଆଢୁଆଳରେ ରହିଯାଇଛି । ପୁଣି ଭିତରେ ଲାଗିଥିବା ବେସିନ, ମିରର, ପାଣି ଟେପ୍ , ପ୍ୟାନ ଆଦି ଭାଙ୍ଗିରୁଜି ପରିତ୍ୟକ୍ତ ଭାବେ ପଡ଼ି ରହିଥିବା ବେଳେ ପୁରୁଷଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଂଶକୁ କୌଣସି ବ୍ୟବସାୟୀ ନିଜ ଦଖଲରେ ରଖି ତା ଭିତରେ ବାଲଟି, ମାଛ ଅଥବା ମାଂସ କଟିବା ନିମନ୍ତେ କାଠ ଖଣ୍ଡ ଆଦି ରହିଥିବାର ଦେଖିବାକୁ ମିଳିଥିବା । ସେହିପରି ୨୦୧୪-୧୫ରେ ପବ୍ଲିକ ଟୟଲେଟ ଗ୍ରାଂଟ ଅନୁଦାନରେ ୧୨ଲକ୍ଷ ୭୯ ହଜାର ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହୋଇଥିବା ଅନ୍ୟ ଏକ ସୁଲଭ ଶୌଚାଳୟରେ ତାଲା ଝୁଲୁଥିବା ବେଳେ ବ୍ୟବସାୟୀମାନଙ୍କ ନିମନ୍ତେ ନିର୍ମାଣ ହୋଇଥିବା କେତେକ ଘରର ଭିତର ମଳମୂତ୍ରରେ ଭର୍ତ୍ତି ହୋଇ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନକୁ ପରିହାସ କରିବାରେ ଲାଗିଛି । ପୁଣି ଶ୍ରୀମା ମହିଳା ମହାବିଦ୍ୟାଳୟ ପାର୍ଶ୍ୱରେ ୨୦୧୫-୧୬ ପବ୍ଲିକ ଟୟଲେଟ ଗ୍ରାଂଟ ଅନୁଦାନରେ ୯ ଲକ୍ଷ ୨୩ ହଜାର ୪୦୦ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଆମ ଶୌଚାଳୟ ଗୃହ ଓ ୪ ଲକ୍ଷ ଟଙ୍କା ବ୍ୟୟରେ ଶୌଚାଳୟ ନିମନ୍ତେ ହୋଇଥିବା ବୋରିଂ ଆଦି ଏହିପରି ମୋଟ ୧୩ଲକ୍ଷ ୨୩ ହଜାରରୁ ଅଧିକ ବ୍ୟୟରେ ନିର୍ମାଣ ହୋଇଥିବା ଆମ ଶୌଚାଳୟରେ ମଧ୍ୟ ତାଲା ଝୁଲୁଛି । ତେବେ ବାରିପଦା ପୌରପରିଷଦ ପକ୍ଷରୁ ନିର୍ମାଣ ହୋଇଥିବା ଏହି ସମସ୍ତ ଶୌଚାଳୟର ଜନସାଧାରଣଙ୍କ କାର୍ଯ୍ୟରେ ଆସିପାରୁ ନ ଥିବା ବେଳେ କାହା ସ୍ୱାର୍ଥ ନିମନ୍ତେ ଉଦ୍ଦିଷ୍ଟ ବୋଲି ପ୍ରଶ୍ନ ଉଠିଛି । ଏବିଷୟରେ ବାରିପଦା ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ବାରିପଦା ଉପଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ମତାମତ ଜାଣିବା ନିମନ୍ତେ ୯୬୫୦୦୬୫୮୯୯ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ ଧରିନଥିବା ବେଳେ ପୂର୍ବତନ କାଉନସିଲର ଲକ୍ଷ୍ମୀଧର ହାବଡ଼ା ଏହା ପବ୍ଲିକ ମନିର ଦୂରୋପଯୋଗ । ସରକାରୀ ମାଲ ଦରିଆ ମେ ଡାଲ ନ୍ୟାୟରେ ଠିକାଦାର, ଜେଇ ଓ ପୌରକର୍ମଚାରୀମାନଙ୍କ ସ୍ୱାର୍ଥସାଧନ ନିମନ୍ତେ ଉଦ୍ଦିଷ୍ଟ ବୋଲି କହିଥିଲେ । ସେହିପରି ରାତି ମାର୍କେଟରେ ନିର୍ମାଣ ହୋଇଥିବା ୟୁରିନାଲ ଏବଂ ଭଞ୍ଜପୁର ହାଇସ୍କୁଲ ପଛରେ ଥିବା ଶୌଚାଳୟ ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି । ବିଶେଷ କରି ଭଞ୍ଜପୁର ହାଇସ୍କୁଲ ପଛରେ ଥିବା ଅନୁସୂଚିତ ଜାତି ବସ୍ତି ବାସିନ୍ଦା ନିମନ୍ତେ ନିର୍ମାଣ ହୋଇଥିବା ଶୌଚାଳୟର ଟାଙ୍କି ଫାଟି ଯାଇଥିବାରୁ ସେଥିରୁ ନିର୍ଗତ ମଇଳାଗୁଡ଼ିକ ଆମ ପାରିପାର୍ଶ୍ୱିକ ଅବସ୍ଥା ଓ ପରିବେଶକୁ ପ୍ରଦୋଷିତ କରାଉଥିବା ବେଳେ ପୌରପରିଷଦ ଏହାର ମରାମତି ନ କରାଇ କିଛି ନଜାଣିବା ଭଳି ଅଭିନୟ କରିଆସୁଛି । ଫଳରେ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ପୌରପ୍ରଶାସନର ପରିଚାଳନାଗତ ଅପାରଗତା କାରଣରୁ ପଥଭ୍ରଷ୍ଟ ହୋଇଥିବା ସାଙ୍ଗକୁ ପବ୍ଲିକ ମନିର ଅପଚୟ ହେଉଛି ବୋଲି ଶ୍ରୀହାବଡ଼ା କହିଛନ୍ତି ।

# ନଦୀରେ ହେଲା ବ୍ରିଜ ଚାରିଟି ଗ୍ରାମବାସୀଙ୍କ ସମସ୍ୟା ହେଲା ଦୂର

ମାଲକାନଗିରି,୧୪।୧୦ (ନି.ପ୍ର): ଛୋଟିଆ ନଦୀ ଯାହା ବିଛିନ୍ନ କରୁଥିଲା ଗାଁ କୁ ଗାଁ ଠୁ ।କିନ୍ତୁ ଏବେ ସେ ବିଛିନ୍ନ ଏବେ ଦୂର ହେଇଯାଇଛି ।ଠିକ ବର୍ଷେ ତଳେ ବିଭିନ୍ନ ଗଣମାଧମ ରେ 'ସାର କେମିତି ଯିବୁ ସ୍କୁଲ' ଶୀର୍ଷକ ରେ କୁନି କୁନି ପିଲାଙ୍କ ସ୍କୁଲ ଯାତାୟାତ ର ଯନ୍ତ୍ରଣା ଓ ଗାଁ ଲୋକଙ୍କ ସମସ୍ୟା ସମ୍ପର୍କରେ ଖବର ବାହାରିଥିଲା । ଠିକ ବର୍ଷକ ପରେ ଆଜି ସେ ଯନ୍ତ୍ରଣା ଦୂର ହୋଇ ପାରିଛି ।ଖଇରପୁଟ ବ୍ଲକ ଗାଦବାପ ଡା ସହ ଅନ୍ୟ ତିନୋଟି ଗାଁ ର ପିଲାମାନେ ସ୍କୁଲ ଯାତାୟାତ କରିବାର ଯନ୍ତ୍ରଣା ।ଆଉ ବର୍ଣ୍ଣନା କରିଥିଲେ ଯେ କିଭଳି ଅସୁବିଧା ର ସମ୍ମୁଖୀନ ହେଉଥିଲେ ଏହି ୪ ଟି ଗାଁ ର ଗ୍ରାମବାସୀ ।ହେଲେ ଏବେକାର ଦୃଶ୍ୟ କିଛି ଅଲଗା ।ଠିକ ବର୍ଷକ ତଳେ ଗ୍ରାମବାସୀଙ୍କ ସହ ନଦୀ ପାର ହେବା ପାଇଁ ଅସହ୍ୟ କଷ୍ଟ ସ୍ୱୀକାର କରୁଥିଲେ ଛୋଟ କୁନି ପିଲା ହାତ କୁ ହାତ ଧରି ନଦୀ ଏ ପାର ରୁ ଆର ପାରି ହେଉ ଥିଲେ ।କିନ୍ତୁ ଠିକ ବର୍ଷକ ପରେ ଏହି ଦୃଶ୍ୟ କିଛି ଅଲଗା ।ଏବେ ଗୋଟିଏ୫ ୦ ଲକ୍ଷ ଏବଂ ଆଉ ଗୋଟିଏ ୨ ୦ ଲକ୍ଷ ଟଙ୍କା ବିନିମୟ ରେ ଜିଲ୍ଲା ସମନ୍ୱିତ ଆଦିବାସୀ ଉନୟନ୍ନ ସଂସ୍ଥା ପକ୍ଷରୁ ଏଠାରେ ଦୁଇଟି ବ୍ରିଜ ନିର୍ମାଣ କରାଯାଇଛି । ଖଇରପୁଟ ବ୍ଲକ ବଡଦୁରାଲ ପଂଚାୟତ ର ଗାଦ ବାପଡା ଠାରୁ ଦଳପତିପୁଟ,ଭାଲୁପଡା, ଜୟନ୍ତୀଗିରି ଏହି ୩ ଟି ଗାଁ ସମ୍ପୂର୍ଣ୍ଣ ରୂପେ ବିଛିନ୍ନ ଥିଲେ ଏହି ଛୋଟିଆ ନଦୀ ଯୋଗୁଁ ।କିନ୍ତୁ ଏବେ ଦୁଇ ଦୁଇ ଟି ବ୍ରିଜ ନିର୍ମାଣ ହୋଇଯାଇଥିବା ଯୋଗୁଁ ଏବେ ବେଶ ଖୁଶି ଜାହିର କରିଛନ୍ତି ଗ୍ରାମବାସୀ ।ଉଚ୍ଚ ଶିକ୍ଷା ପାଇଁ ଏହି ୩ ଟି ଗାଁର ପିଲାମାନେ ଗାଦବା ପଡା ସ୍କୁଲ ଓ ଏହି ଗାଁ ଦେଇ ବିଭିନ ଗାଁ କୁ ଯାଆନ୍ତି ପାଠ ପଢିବା ପାଇଁ ଛାତ୍ର ଛାତ୍ରୀ ।ତେବେ ସେ ସମସ୍ୟା ଏବେ ଆଉ ନାହିଁ ।

# ଫିରିଙ୍ଗିଆରେ ଅଜଣା ଗାଡି ଧକ୍କାରେ ଦୁଇ ବାଇକ ଆରୋହୀ ମୃତ

କନ୍ଧମାଳ,୧୪।୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଂଚଳର ପଂଚାୟତ ମହାବିଦ୍ୟାଳୟ ଆଗରେ ଆଜି ଅପରାହ୍ନ ୫ ଟା ସମୟରେ ଏକ ସଡକ ଦୁର୍ଘଟଣା ରେ ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ହୋଇ ଥିବା ବେଳେ ଅନ୍ୟଜଣେ ଗୁରୁତର ଭାବରେ ଆହତ ହେବାରୁ ତାଙ୍କୁ ଫୁଲବାନି କୁ ନେବା ବାଟରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଛି । ତେବେ ପ୍ରତକ୍ଷ ଦର୍ଶୀଙ୍କ ସୁଚନା ଅନୁସାରେ ଫିରିଙ୍ଗିଆ ପଟୁ ବାଲିଗୁଡା ଅଅଡକୁ ଯାଉଥିବା ଧଳାରଙ୍ଗର ଏକ କାର ବାଲିଗୁଡା ପଟୁ ଫିରିଙ୍ଗିଆ ଆଡକୁ ଆସୁଥିବା ଗୋଟିଏ ହୀରୋ ବାଇକ (ଓଡି-୧୨ ଏ ୪୮୭୩)କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ହୋଇଥିଲା । ଅନ୍ୟଜଣେ ବାଇକ ଆରୋହୀ ଗୁରୁତର ଆହତ ହେବାରୁ ତାଙ୍କୁ ଫିରିଙ୍ଗିଆ ଟିମ ହ୍ୟୁମାନିଟିର ସଦସ୍ୟ ସଞ୍ଜୟ କୁମାର ଦିଗାଳ ଏବଂ ଅଜିତ କୁମାର ସାହୁ ପହଂଚି ଦମକଳ ବାହିନୀ ଓ ପୋଲିସକୁ ଖବର ଦେଇଥିଲେ । ସୁଚାନା ପାଇବା ପରେ ଦମକଳ ବାହିନି ଓ ପୋଲିସ ଘଟଣା ସ୍ଥଳରେ ପହଂଚି ଉଭୟ ଆହତ ଓ ମୃତ ବ୍ୟକ୍ତି ଙ୍କୁ ଫିରିଙ୍ଗିଆ ଗୋଷ୍ଠୀସ୍ୱସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ତେବେ ମୃତ ବ୍ୟକ୍ତି ଜଣକ କନ୍ଧମାଳ ଜିଲ୍ଲା ଖଜୁରିପଡା ବ୍ଲକ ଅନ୍ତର୍ଗତ ଟିଟ୍ରାପାଙ୍ଗା ପଂଚାୟତ ଗୁଣ୍ଡିବାଡି ଗାଁର କ୍ଷେତ୍ରବାସୀ ଦିଗାଳ ବୋଲି ଜଣପଡିଛି । ଅନ୍ୟ ଜଣକ ଖଜୁରିପଡା ବ୍ଲକ ଦଳପଡା ପଂଚାୟତ ହରିଜନ ସାହିର ମଧୁସୁଦନ ବେହେରା ବୋଲି ଜଣାପଡିଛି । ମଧୁସୁଧନର ଅବସ୍ଥା ଗୁରୁତର ହେବାରୁ ତାକୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳକୁ ରେଫର କରିଥିଲେ ଡାକ୍ତର । ହେଲେ ବାଟରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଥିବା ଜଣାପଡିଛି । ଦୁହେଁ କୌଣଷି ଘରୋଇ କାମ ପାଇଁ ଫିରିଙ୍ଗିଆ ବ୍ଲକ ରତଙ୍ଗରୁ ତାଙ୍କର ଏକ ସମ୍ପର୍କୀୟ ଘରୁ ଗାଁ କୁ ଫେରୁଥବା ସମୟରେ ଏହି ଦୁର୍ଘଟଣା ଘଟିଥିବା ତଦନ୍ତରୁ ଜଣାପଡିଛି । ଦୁର୍ଘଟଣା ଘଟାଇ ଫେରାର ଥିବା କାରର କୌଣସି ଖୋଜ ଖବର ମଳିପାରି ନାହିଁ । ଫିରିଙ୍ଗିଆ ଥାନା ପୁଲିସ ଏହି ସଂକ୍ରାନ୍ତରେ ଏକ ମାମଲା ୮୪/୨୦୨୦ରୁଜୁ କରିବା ସହିତ ଉଭୟ ମୃତକଙ୍କର ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ତଦନ୍ତ ଜାରୀ ରଖିଥିବା ନେଇ ଫିରିଙ୍ଗିଆ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ କହିଛନ୍ତି ।

# ରାଜ୍ୟ ଯୁବ ବିଜେଡିର ନବ ନିଯୁକ୍ତ ଉପସଭାପତିଙ୍କୁ ଶୁଭେଚ୍ଛା



ବାରିପଦା,୧୪।୧୦ (ନି.ପ୍ର): ମୟୂରଭଞ୍ଜ ଜଲ୍ଲା ବାଙ୍ଗିରିପୋଷି ଅଂଚଳର ଜଣେ ଆଗଧାଡିର ନାରୀନେତ୍ରୀ ଛବି ମାହାଲିଙ୍କୁ ରାଜ୍ୟ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ଯୁବ ବିଜେଡି ର ଉପସଭାପତି ଦାୟୀତ୍ୱ ଅର୍ପଣ କରିଥିବାର ଜଣାଯାଇଛି । ବିଜେଡି ସୁପ୍ରିମୋ ତାଙ୍କପ୍ରତି ଆସ୍ଥା ରଖି ଏହି ନୂତନ ନିଯୁକ୍ତି ଦେଇଥିବାରୁ ସେ ମୁଖ୍ୟମନ୍ତ୍ରୀ, ବିଜେଡିର ମୟୂରଭ ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ବିଜେଡି ର ରାଜ୍ୟ ଯୁବ ବ୍ୟାପାର ସାଧାରଣ ସମ୍ପାଦକ ତଥା ବିଧାୟକ ଶ୍ରୀ ପ୍ରଣବ କୁମାର ବଳବନ୍ତ ରାୟଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଛବି ମାହାଲି ଶିକ୍ଷା ସମାପ୍ତି ପରେ ଜଣେ ଏୟାର ହୋଷ୍ଟେସ୍ ଭାବେ ଚାକିରୀ କରୁଥିଲେ । ଚାକିରୀ ଛାଡି ସେ ଆମ୍ ଆଦ୍‌ମୀ ପାର୍ଟୀରୁ ମୟୂରଭ ସାଂସଦ ପାଇଁ ପ୍ରାର୍ଥୀ ହୋଇଥିଲେ । ପରବର୍ତ୍ତି ସମୟରେ ସେ ବିଜେପି ଦଳରେ ଯୋଗଦେଇ ଗତ ପଂଚାୟତ ନିର୍ବାଚନରେ ବାଙ୍ଗିରିପୋଷି ଅଂଚଳରେ ଦୁଇଜଣ ଜିଲ୍ଲା ପରିଷଦ ସଭ୍ୟଙ୍କୁ ଜିତାଇବା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ପରବର୍ତ୍ତି ସମୟରେ ତାଙ୍କୁ ବିଜେପି ଦଳ ପକ୍ଷରୁ ଅଣଦେଖା କରାଯିବାରୁ ସେ ନିକଟରେ ବିଜେଡି ଦଳରେ ଯୋଗ ଦେଇ ଦଳର ଜଣେ ଆଗଧାଡିର ନାରୀନେତ୍ରୀ ଭାବେ ବେଶ୍ ଲୋକପ୍ରିୟତା ହାସଲ କରିଛନ୍ତି ଏବଂ ସମସ୍ତଙ୍କ ଶ୍ରଦ୍ଧାଭାଜନ ହୋଇ ଦଳପାଇଁ କାମ କରୁଥିବାବେଳେ ତାଙ୍କୁ ଏହି ନୂତନ ପଦବୀ ମିଳିଥିବାରୁ ସେ ତାଙ୍କ ନିର୍ବାଚନ ମଣ୍ଡଳିର ଜନସାଧାରଣଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି । ତାଙ୍କର ଏହି ନୂତନ ନିଯୁକ୍ତିରେ ତାଙ୍କୁ ଜିଲ୍ଲା ବିଜେଡି ଦଳର ବିଭିନ୍ନ ମାହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଥିବାର ଜଣାଯାଇଛି । ମୁଖ୍ୟମନ୍ତ୍ର ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ସଶକ୍ତ ଓଡିଶା ଗଠନରେ ଅଧିକରୁ ଅଧିକ ଯୁବ ଗୋଷ୍ଠୀଙ୍କୁ ସଙ୍ଗଠିତ କରିବାପାଇଁ ସେ ପ୍ରତିଶୃତିବଦ୍ଧ ବୋଲି ପ୍ରକାଶ କରିଛନ୍ତି ।

# ଅରୁଣସ୍ତମ୍ଭ ପାଖରୁ ଭକ୍ତମାନେ ଦର୍ଶନ ପାଇଁ ଅନୁମତି ଦାବି

ପୁରୀ,୧୪।୧୦ (ନି.ପ୍ର): ପୁରୀ ଜିଲ୍ଲା ଯୁବ ଅଧିବକ୍ତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁବାଷ ଚନ୍ଦ୍ର ନାଥଶର୍ମାଙ୍କୁ ପ୍ରଦାନ କରିଛନ୍ତି ।ଦାବିପତ୍ରରେ ଦର୍ଶାଇଛନ୍ତି ଯେ ମନ୍ତ୍ରୀ, ବିଧାୟକ ଓ ସାଂସଦ ଅରୁଣ ସ୍ତମ୍ଭ ପାଖରେ ପତିତପାବନଙ୍କୁ ଦର୍ଶନ କରୁଛନ୍ତି । ସାଧାରଣ ଭକ୍ତଙ୍କୁ ସେହିପରି ଦର୍ଶନ ସୁଯୋଗ ଦେବା ପାଇଁ ସଂଘ ଦାବି କରିଛି । ସଂଘର ଆବାହକ ଅନୀଲ କୁମାର ସାହୁ ଓ ଯୁବ ଆଇନଜୀବି ବିଶ୍ୱଜିତ୍ ପ୍ରଧାନ ଓ ଅନ୍ୟମାନେ ଏହି ଦାବିପତ୍ର ଦେବା ସମୟରେ ଉପସ୍ଥିତ ଥିଲେ ।

# ସ୍ୱାଭିମାନ ଅଂଚଳରେ ଆମ୍ବ ଚାରା ଓ ପନିପରିବା ବିହନ ବଂଟନ

ମାଲକାନଗିରି,୧୪।୧୦ (ନି.ପ୍ର): ଚିତ୍ରକୋଣ୍ଡା ପଂଚାୟତ ସମିତି ଅନ୍ତର୍ଗତ ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳ ବଡ଼ପଡ଼ା ପଂଚାୟତ ରେ ଜିଲା ଉଦ୍ୟାନ କୃଷି ବିଭାଗ ଆନୁକୂଲ୍ୟରେ ଚିତ୍ରକୋଣ୍ଡା ଉପଉଦ୍ୟାନ କୃଷି ଅଧିକାରୀ ନମିତା ମାଢି ଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ଏଚପିଡବ୍ଲୁ ଧନଞ୍ଜୟ ହନ୍ତାଳ ଙ୍କ ସହଯୋଗରେ ଦୁଇ ଶହ ରୁ ଉର୍ଦ୍ଧ ଆଦିବାସୀ ଚାଷୀ ପରିବାର କୁ ପ୍ରତି ପରିବାର ପିଛା ଆମ୍ବ ଚାରା ଓ ତେର ପ୍ରକାରର ପନିପରିବା ବିହନ ଯଥା -ଫୁଲ କୋବି, ପାଳଙ୍ଗଶାଗ,ଧନିଆ ପତ୍ର, କାକୁଡି,ଗୁଆଁର, ଭେଣ୍ଡି, ଝୁଡୁଙ୍ଗ, ଲାଉ, ମୁନିଙ୍ଗା, ମେଥି, ମୂଳା, ପିଆଜ ଓ ଲଙ୍କା ବିହନ ପ୍ରଦାନ କରାଯାଇଥିଲା, ।ସ୍ୱାଭିମାନ ଅଂଚଳରେ ମାଲକାନଗିରି ଜିଲା ପ୍ରଶାସନ ଚାଷପ୍ରତି ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଥିବା ବେଳେ ଖୁବ କମ ଦିନ ଭିତରେ ସ୍ୱାଭିମାନ ଅଂଚଳ ର ସମସ୍ତ ପଂଚାୟତ ରେ ଚାରା ଓ ପନିପରିବା ବିହନ ଜିଲା ଉଦ୍ୟାନ କୃଷି ବିଭାଗ ତରଫରୁ ଯୋଗାଇ ଦିଆଯିବ ବୋଲି ନମିତା ମାଢି ପ୍ରକାଶ କରିଛନ୍ତି. ।

# ମମତା କୁଣ୍ଡୁଙ୍କ ପ୍ରାର୍ଥିତ୍ୱକୁ ଜିଲ୍ଲା କଂଗ୍ରେସର ସ୍ୱାଗତ



ବାଲେଶ୍ୱର,୧୪।୧୦ (ନି.ପ୍ର): ନିକଟ ଅତୀତରେ କଂଗ୍ରେସର ପ୍ରାଥମିକ ସଦସ୍ୟତା ଗ୍ରହଣ ସହ ବାଲେଶ୍ୱର ସଦର ଉପ-ନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ଭାବେ ମନୋନୀତ ହୋଇଥିବା ସମାଜସେବୀ ମମତା କୁଣ୍ଡୁଙ୍କୁ ଆଜି ଦଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପିସିସି କର୍ମକର୍ତ୍ତାଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ସଦର ନିର୍ବାଚନମଣ୍ଡଳୀର ଛାମୁଆ କର୍ମୀମାନେ ଯୋଗଦେଇ ଶ୍ରୀମତୀ କୁଣ୍ଡୁଙ୍କୁ ସ୍ୱାଗତ କରିଛନ୍ତି। ଶ୍ରୀମତୀ କୁଣ୍ଡୁଙ୍କ ଭଳି ଜଣେ ଉଚ୍ଚଶିକ୍ଷିତା ତଥା ଜଣେ ମହିଳା ସମାଜସେବୀଙ୍କୁ କଂଗ୍ରେସ ପ୍ରାର୍ଥୀ ଭାବେ ମନୋନୀତ କରାଯାଇଥିବାରୁ ବାଲେଶ୍ୱର ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଭଳି ଜଣେ ସୁଯୋଗ୍ୟ ପ୍ରାର୍ଥୀଙ୍କୁ ଅଧିକରୁ ଅଧିକ ସମର୍ଥନ ଦେବାପାଇଁ ସେ ବାଲେଶ୍ୱରବାସୀଙ୍କୁ ନିବେଦନ କରିଛନ୍ତି। ପିସିସି ମୁଖପାତ୍ର ସୁଦର୍ଶନ ଦାସ ଏହି ସମ୍ମିଳନୀରେ ଯୋଗଦେଇ ବାଲେଶ୍ୱର ବିକାଶ ପ୍ରତି ସର୍ବଦା ଗୁରୁତ୍ୱ ଦେଇ ଆସିଥିବା କଂଗ୍ରେସ ଦଳର ଏଭଳି ଜଣେ ପ୍ରାର୍ଥିନୀଙ୍କୁ ବିଧାନସଭା ପଠାଇବାର ସୁଯୋଗ ବାଲେଶ୍ୱରବାସୀ ହାତଛଡ଼ା ନ କରିବାକୁ ଆହ୍ୱାନ ଦେଇଛନ୍ତି। ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞାପାରମିତା ମହାନ୍ତି, ନଗର କଂଗ୍ରେସ କମିଟି ସଭାପତି ପଦ୍ମଲୋଚନ ଲେଙ୍କା, ନୀଳଗିରି ନିର୍ବାଚନମଣ୍ଡଳୀର ନେତ୍ରୀ ତଥା ନୀଳଗିରିର ରାଣୀ ମନୋଜା ମଞ୍ଜରୀ ଦେବୀ,ବସ୍ତା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ବିଜନ ନାୟକ ପ୍ରମୁଖ ଯୋଗଦେଇ ଶ୍ରୀମତୀ କୁଣ୍ଡୁଙ୍କ ପ୍ରାର୍ଥିତ୍ୱକୁ ଗ୍ରହଣ ପୂର୍ବକ ବାଲେଶ୍ୱରବାସୀ ତାଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ଏହି ଅବସରରେ ଶ୍ରୀମତୀ କୁଣ୍ଡୁଙ୍କୁ ଦଳୀୟ କର୍ମକର୍ତ୍ତାମାନେ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ଅବସରରେ ଶ୍ରୀମତୀ କୁଣ୍ଡୁ ଭାବବିହ୍ୱଳ ହୋଇପଡ଼ିବା ସହିତ ଉପସ୍ଥିତ ଦଳୀୟ କର୍ମକର୍ତ୍ତା, ନେତା ଓ କର୍ମୀଙ୍କ କୃତଜ୍ଞତା ଜଣାଇଥିଲେ। ବାଲେଶ୍ୱର ମାଟିର କନ୍ୟା ଭାବେ ଜନସାଧାରଣଙ୍କ ସମସ୍ୟା ସମାଧାନ ସାଙ୍ଗକୁ ଆଞ୍ଚଳିକ ବିକାଶକୁ ସେ ଅଧିକ ଗୁରୁତ୍ୱ ଦେବେ ବୋଲି ଶ୍ରୀମତୀ କୁଣ୍ଡୁ କହିଥିଲେ। ଶେଷରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଂଜନ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥଲେ। ସଭାକାର୍ଯ୍ୟ ପରେ ଶ୍ରୀମତୀ କୁଣ୍ଡୁ କଂଗ୍ରେସ କାର୍ଯ୍ୟାଳୟ ପାଶ୍ୱ ସଫେଇ କର୍ମଚାରୀ ବସ୍ତିକୁ ଯାଇ ପ୍ରଥମେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଥିଲେ।

## ମଂଚ ନାଟକ ପାଇଁ ନଭେମ୍ବର ୧ରୁ ପ୍ରେକ୍ଷାଳୟ ଖୋଲାଯାଉ

ଭୁବନେଶ୍ୱର,୧୪।୧୦ (ନି.ପ୍ର): କୋଭିଡ୍ ମହାମାରୀ ପାଦୁର୍ଭାବରୁ ରକ୍ଷା ପାଇବା ପାଇଁ ଗତ ମାର୍ଚ୍ଚ ମାସଠାରୁ ସାରା ଓଡ଼ିଶାର ପ୍ରେକ୍ଷାଳୟ ଗୁଡ଼ିକୁ ସରକାର ବନ୍ଦ କରିଦେଲେ । ଓଡ଼ିଶାର ବିଭିନ୍ନ ପ୍ରାନ୍ତରରେ ହେଉଥିବା ନାଟ୍ୟଦଳମାନଙ୍କର ନିୟମିତ ନାଟ୍ୟପ୍ରଦର୍ଶନ ସହ ଖୋଦ୍ ଭୁବନେଶ୍ୱରରେ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ନାଟ୍ୟଧାରା କାର୍ଯ୍ୟକ୍ରମ ମଧ୍ୟ ବନ୍ଦ ହୋଇଗଲା । ୭ ମାସ ଧରି ନାଟ୍ୟ ମଂଚ ବନ୍ଦ ରହିବା ଯୋଗୁଁ ମଂଚ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା କଳାକାର, ନିର୍ଦ୍ଦେଶକ, ନାଟ୍ୟକାର, ମଂଚ ଶିଳ୍ପୀ, ସଂଗୀତକାର, ନୃତ୍ୟଶିଳ୍ପୀ, ଆଲୋକ ସଂଯୋଜକ ଓ ପୋଷାକ ପରିପାଟି ଶିଳ୍ପୀ ସମସ୍ତେ ଘୋର ଆର୍ଥିକ ଓ ମାନସିକ ଦୁର୍ଦ୍ଦିନ ଭିତରେ କାଳାତିପାତ କଲେ । ସେମାନଙ୍କର ଦୁଃଖ ନକହିଲେ ଭଲ । ସରକାର ସମସ୍ତଙ୍କର ଦୁଃଖ ବୁଝୁଥିବା ସମୟରେ ମଂଚ ଉପରେ ନିର୍ଭର କରି ଚଳୁଥିବା କଳାକାରମାନଙ୍କର ଦୁଃଖ ବୁଝିବା ପାଇଁ ଓଡ଼ିଶା ନାଟ୍ୟ ସଂଘ ସରକାରଙ୍କୁ ଅନୁରୋଧ କରୁଛି ଓ ରାଜ୍ୟ ସଂସ୍କୃତି ବିଭାଗ ମନ୍ତ୍ରୀ ମହୋଦୟଙ୍କ ପାଖରେ ଦାବି କରୁଛି ଯେ, ଆଗାମୀ ନଭେମ୍ବର ୧ ତାରିଖରୁ ନାଟ୍ୟମଂଚ ଗୁଡ଼ିକ ଖୋଲିବା ପାଇଁ ଓ ଓଡ଼ିଶାର ସବୁ ନାଟ୍ୟଦଳମାନଙ୍କୁ ଆଗାମୀ ଅକ୍ଟୋବର ୨୦ ତାରିଖରୁ ନିଜ ନିଜ ଅଂଚଳରେ କୋଭିଡ୍ ନିୟମ ମାନି ନାଟ୍ୟ ଅଭ୍ୟାସ ଆରମ୍ଭ କରିବା ପାଇଁ । ସରକାରଙ୍କ କୋଭିଡ୍ କଟକଣା ନିୟମ ପାଳନ କରି ପ୍ରେକ୍ଷାଳୟକୁ ସାନିଟାଇଜେସନ୍ କରି ଓ ୫୦ ପ୍ରତିଶତ ଦର୍ଶକମାନଙ୍କୁ ନେଇ ନାଟକ ପ୍ରଦର୍ଶନ କରିବାର ପ୍ରତିଶ୍ରୁତି ଦେଇ ଏକ ଦାବିପତ୍ର ଓଡ଼ିଶା ନାଟ୍ୟସଂଘର ସଭାପତି ଶ୍ରୀ ହରେନ୍ ସାହୁ ଓ ସମ୍ପାଦକ ଶ୍ରୀ ଲାଲା ବିରେନ୍ ରାୟ ସରକାରଙ୍କ ନିକଟରେ ପ୍ରଦାନ କରିଛନ୍ତି ।

## ସାରସ୍ୱତ ସାଧକ ପ୍ରଶାନ୍ତ ବେହେରାଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ପାଳିତ



ଉଦଳା,୧୪।୧୦ (ନି.ପ୍ର): ସାରସ୍ୱତ ଜଗତର ଉନ୍ମେଷିତ ପ୍ରତିଭା, ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଦିବଂଗତ ପ୍ରଶାନ୍ତ ବେହେରାଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଆଜି ଅକ୍ଟୋବର ୧୪ ତାରିଖ ବୁଧବାର, ଉଦଳାସ୍ଥିତ ବାସଭବନରେ ପାଳିତ ହୋଇ ଯାଇଛି । ଏହି ଅବସରରେ ସ୍ମୃତିଚାରଣ ସଭା , ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଭକ୍ତି ଜ୍ଞାନ ସଂଚାର ସମିତିର ପ୍ରତିଷ୍ଠାତା ଲକ୍ଷ୍ମୀଧର ପୋଥାଳ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଦାସ ଓ ସାହିତ୍ୟିକ ଶ୍ରୀକାନ୍ତ ପ୍ରସାଦ ବେହେରା ମଞ୍ଚାସୀନ ଥିଲେ । ସ୍ମୃତିଚାରଣ ସଭାରେ ସଂଗଠକ ମନୋରଂଜନ ମଲ୍ଲିକ, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, କବି କରୁଣାକର ଦାସ, ପବିତ୍ର ମୋହନ ବେହେରା, ନମିତା ରାଉତ ପ୍ରମୁଖ ଅଂଶ ଗ୍ରହଣ କରି ଂ ବେହେରାଙ୍କ ସହିତ ବିତାଇଥିବା ବିଗତ ଦିନର ଅନୁଭବ ବ୍ୟକ୍ତ କରିଥିଲେ । ଏହାପରେ ପ୍ରଶାନ୍ତ ସ୍ମୃତି ପରିଷଦ ତରଫରୁ ପ୍ରକାଶିତ ପ୍ରକାଶ ପୁସ୍ତକ "ପ୍ରଶାନ୍ତ ଚିନ୍ତନ" ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ଅଧ୍ୟାପକ ଡ଼. ଶ୍ରୀହରି ପଣ୍ଡାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ "ପ୍ରଶାନ୍ତ ସ୍ମୃତି ସମ୍ମାନ"ରେ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ମୃତି ପରିଷଦର ଆବାହକ ସୁଶାନ୍ତ କୁମାର ବେହେରା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କରୋନା ପାଇଁ କାର୍ଯ୍ୟକ୍ରମରେ ସବୁ ପ୍ରକାର ସତର୍କତା ଅବଲମ୍ବନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ଆଶିଷ ମଲ୍ଲିକ, ଗଦାଧର ବେହେରା, ନୟନା ବେହେରା, ଅବନ୍ତି ବେହେରା, ହେମଲତା ଶଙ୍ଖୁଆ ପ୍ରମୁଖ ସହଯୋଗ କରିଥିଲେ ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୭୮ଜଣଙ୍କଠାରୁ ଜୋରିମାନା

ଭୁବନେଶ୍ୱର,୧୪।୧୦ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୭୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୬୮୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୪୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

## ଜଳ ନିଷ୍କାସନ ଲାଗି ଜଳେଶ୍ୱର ତହସିଲ ସମ୍ମୁଖରେ ଧାରଣା

### ଜବରଦଖଲ ଉଚ୍ଛେଦଲାଗି ପ୍ରଶାସନ ବିମୁଖ : ଆମରଣ ଅନଶନ ଧମକ୍

ଜଳେଶ୍ୱର,୧୪।୧୦ (ନି.ପ୍ର): ଗ୍ରାମ୍ୟ ରାସ୍ତାଠାରୁ ଜାତୀୟ ରାଜପଥ ପର୍ଯ୍ୟନ୍ତ ରାସ୍ତାର ୨ ପଟରେ ଜବରଦଖଲକାରୀ ଆଧିପତ୍ୟ ବିସ୍ତାର କରି ସ୍ଥାୟୀ ନିର୍ମାଣ କରିଚାଲିଥିବା ବେଳେ ସେମାନଙ୍କୁ ପ୍ରଶାସନ ହଟାଇବାରେ ବିମୁଖ । ଫଳରେ ବହୁସ୍ଥାନରେ କ୍ଷୟକ୍ଷତି ପରିମାଣ ବଢୁଥିବା, ରାସ୍ତାଖାଟ ନଷ୍ଟ ହେଉଥିବାର ଘଟଣା ଘଟୁଥିବା ବେଳେ ନାମ୍ପୋଠାରେ ଏପରି ଘଟଣାରେ ପୂର୍ବସୂଚନା ଅନୁଯାୟୀ ଆଜି ତହସିଲ ସୌମ୍ମୁଖରେ ଗଣଧାରଣ ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱରର ନାମ୍ପୋ ଏକ ଏତିହାସୀକ ଓ ପ୍ରମୁ ସ୍ଥାନ । ଏଠାକୁ ଗାନ୍ଧିଜୀ ଆସି ଅରଟରେ ସୂତାକାଟି ଲୁଗା ବୁଣିବାର ଐତିହାସିକ ତଥ୍ୟ ରହିଛି । ୧୯୭୮ ମସିହାରେ ମୋରାରଜୀ ଦେଶାଇ ସରକାରଙ୍କ ସମୟରେ ଭାରତରେ ୫୦ଟି ଗ୍ରାମ ମଧ୍ୟରୁ ଓଡିଶାର ୪ଟି ସ୍ଥାନ ପାଇଥିବା ବେଳେ ନାମ୍ପୋକୁ 'ହୋଲ ଭିଲେଜ ସ୍କିମ୍'ରେ ଗ୍ରହଣ କରାଯାଇଥିଲା । କିନ୍ତୁ ଏବେ ଏହି ଗାଁର ରାସ୍ତାକଡ ସ୍ଥାନ ଜବରଦଖଲ ହୋଇ ସ୍ଥାୟୀ ନିର୍ମାଣକାର୍ଯ୍ୟ ସରିଥିବାରୁ ଜଳନିଷ୍କାସନ ସମସ୍ୟାଭାବେ ଦେଖାଦେଇଛି । ୫୭ ରାଜ୍ୟ ରାଜପଥର ନାମ୍ପୋ ବଜାରଠାରେ ଜଳ ନିଷ୍କାସନ ହୋଇ ପାରୁନଥିବାରୁ ପ୍ରାୟ ୩୦୦ ଏକର ଜମିର ଚାଷ ନଷ୍ଟ ହୋଇ ଆସୁଛି । ତେଣୁ ଆଜି ନାମେପା ବିଜେପି ପକ୍ଷରୁ ପୂର୍ବସୂଚନା ଅନୁଯାୟୀ ତହସିଲ ସମ୍ମୁଖରେ ଗଣ ଧାରଣ ଦିଆଯାଇଥିଲା । ସେଠାରେ ଥିବା ଏକ ବଡ ପୋଲର ମୁହଁରେ ବଡ ବଡ ପକ୍କା ଗୃହ ନିର୍ମାଣ ହୋଇଥିବା, ବନ୍ଧ ନିର୍ମାଣ ଯୋଗୁଁ ଜଳ ନିଷ୍କାସନ ଠପ୍ ହୋଇଛି । ନାମ୍ପୋ ଫାଣ୍ଡିଠାରୁ ନାମ୍ପୋ ବଜାର ଯାଏ ଜବରଦଖଲ ହଟେଇବାପାଇଁ ବାରମ୍ବାର ସ୍ଥାନୀୟ ଆର୍‌ଆଇ ବିଡିଓ, ତହସିଲଦାର ଏପରି ଜିଲାପାଳଙ୍କୁ ମଧ୍ୟ ଜଣାଇ ଦିଆଯାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ବିଜେପି ନେତା ଅରୁଣ ବେଜ, ସମୀର ପାତ୍ର, ପ୍ରତାପ ସେନାପତି, ଜଗନ୍ନାଥ ପ୍ରଧାନ, ଜିତୁ ବ୍ରହ୍ମଦେ, ଗିତାରାଣୀ ଜେନା, ଜଗେଶ ମହାପାତ୍ର, ବିଜୟ ଜେନା, ନିମାଇଁ ପ୍ରଧାନ, ସୁମତୀ ଦେଙ୍କ ନେତୃତ୍ୱରେ ଗଣଧାରଣ ଆରମ୍ଭ ହୋଇଥିଲା । କିନ୍ତୁ ବାଲେଶ୍ୱର ସଦର ନିର୍ବାଚନ ପରିପ୍ରେକ୍ଷୀରେ ଆଚରଣବିଧି ଲାଗୁ ହେବା ଓ ପଦସ୍ଥ ଅଧିକାରୀମାନେ ବ୍ୟସ୍ତ ରହୁଥିବାକାରଣ ଆନ୍ଦୋଳନକାରୀମାନେ ୨ ଘଣ୍ଟାପରେ ସେଥିରୁ କ୍ଷାନ୍ତ ହୋଇଥିଲେ । ନିର୍ବାଚନ ପରେ ଆଚରଣବିଧି ନଭେମ୍ବର ୧୦ତାରିଖରେ ଉଠିବାପରେ ତହସିଲ ସମ୍ମୁଖରେ ଆମରଣ ଅନଶନ ହେବ ବୋଲି ଆଜି ଏହି କାର୍ଯ୍ୟକ୍ରମର ଆବହକ ଜଗନ୍ନାଥ ପ୍ରଧାନ ସୂଚନା ଦେଇଛନ୍ତି ।

## ରାଜ୍ୟରେ ଆଉ ୧୫ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୦୭୨ ହେଲା



ଭୁବନେଶ୍ୱର,୧୪।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୫ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୦୭୨ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ କଟକ ଜିଲ୍ଲାର ୩ ଜଣ ଅଛନ୍ତି। ସେହିପରି ବୌଦ୍ଧ, ଖୋର୍ଦ୍ଧା, କଳାହାଣ୍ଡି, ରାୟଗଡା, ଗଂଜାମ, କେନ୍ଦ୍ରାପଡା, କନ୍ଧମାଳ, ମୟୁରଭଂଜ, ପୁରୀ, ସୁନ୍ଦରଗଡ, ଯାଜପୁର ଓ ବାଲେଶ୍ୱର ଜିଲ୍ଲାର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାର ଜଣେ ୫୬ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଯାଜପୁର ଜିଲ୍ଲାର ଜଣେ ୪୭ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି। ବୌଦ୍ଧ ଜିଲ୍ଲାର ଜଣେ ୭୮ ବର୍ଷୀୟ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି। ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ଭୁବନେଶ୍ୱର ଜଣେ ୫୮ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି ।ସେ ମଧୁମେହରେ ପୀଡିତ ଥିଲେ । କଳାହାଣ୍ଡି ଜିଲ୍ଲାର ଜଣେ ୬୫ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ରାୟଗଡା ଜିଲ୍ଲାର ୭୨ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଜଣେ ୬୩ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କେନ୍ଦ୍ରାପଡା ଜିଲ୍ଲାର ଜଣେ ୬୫ ବର୍ଷୀୟ କୋରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । କନ୍ଧମାଳ ଜିଲ୍ଲାରେ ଜଣେ ୬୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ମୟୁରଭଂଜ ଜିଲ୍ଲାର ଜଣେ ୨୫ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି। ପୁରୀ ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ସୁନ୍ଦରଗଡ ଜିଲ୍ଲାର ଜଣେ ୭୨ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ୪୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୬୪ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି। କଟକ ଜିଲ୍ଲାର ଜଣେ ୬୨ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କୋଭିଡ ମୁକାବିଲା ...

ଦୃଢ ପଦକ୍ଷେପ ନିଆଯିବ। ମୁଖ୍ୟଶାସନ ସଚିବ ଶ୍ରୀ ଅସିତ ତ୍ରିପଠୀ କହିଥିଲେ ଯେ ରାଜ୍ୟରେ ସଂକ୍ରମଣ ହ୍ରାସ ଘଟୁଛି । ତେଣୁ ବର୍ତମାନ ଡାକ୍ତରଖାନା ଉପରେ ଚାପ ମଧ ହ୍ରାସ ପାଇଛି । ଭାବିପିରାଭିର ଭଲ କାମ ଦେଉଛି ଓ ଏହାର ବ୍ୟବହାର ରୋଗୀଙ୍କ ଦ୍ୱାରା ଗ୍ରହଣୀୟ ହେଉଛି ବୋଲି ସେ କହିଥିଲେ। ସେହିପରି ଟେଷ୍ଟ ରିପୋର୍ଟ ଯେପରି ଶୀଘ୍ର ମିଳିପାରିବ, ସେ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ । ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର କହିଲେ ଯେ କଟକ, ଖୋର୍ଦ୍ଧା ଓ ପୁରୀରେ ସଂକ୍ରମଣ କମୁଛି । ରାଜ୍ୟରେ ଆରୋଗ୍ୟ ହାର ୯୧ ପ୍ରତିଶତରେ ପହଂଚିଛି ଏବଂ ଓଡିଶା ଏ କ୍ଷେତ୍ରରେ ଦେଶର ପ୍ରଥମ ୫ଟି ରାଜ୍ୟ ମଧ୍ୟରେ ରହିଛି । ରାଜ୍ୟରେ ବର୍ତମାନ ୨୫୪୨୮ ଆକ୍ଟିଭ କେସ୍ ଥିବାବେଳେ, ୧୯୧୩୧ ଜଣ ଗୃହ ସଂଗରୋଧରେ ରହିଛନ୍ତି। କୋଭିଡ ଡାକ୍ତରଖାନା ଶଯ୍ୟା, ଆଇସିୟୁ ଓ ଭେଂଟିଲେଟର ଆଦି ସବୁ କ୍ଷେତ୍ରରେ ରାଜ୍ୟ ବର୍ତମାନ ସନ୍ତୋଷଜନକ ସ୍ଥିତିରେ ରହିଛି । ବର୍ତମାନ ୨୦ ରୁ ୪୦ ପ୍ରତିଶତ ଆଇସିୟୁ ଖାଲି ରହୁଛି। ସେହିପରି ରାଜ୍ୟରେ ଅକ୍ସିଜେନ୍ ର ଅଭାବ ନାହିଁ ବୋଲି ପ୍ରକାଶ କରି ଭୁବନେଶ୍ୱରରେ ଆଜି ଠାରୁ ସେରୋ ସର୍ଭେ ଆରମ୍ଭ କରାଗଲା ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ । କୋଭିଡ ଗାଇଡଲାଇନ୍ ଅନୁପାଳନ ପାଇଁ ପୋଲିସ ନେଇଥିବା ପଦକ୍ଷେପ ସଂପର୍କରେ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ସୂଚନା ଦେଇଥିଲେ। ପୋଲିସ ଓ ଅଗ୍ନିଶମ ସେବା କର୍ମଚାରୀ ବର୍ତମାନ ସୁଦ୍ଧା ୪୦୦ ୟୁନିଟ୍ ପ୍ଲାଜମା ଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ବୈଠକରେ ଆର୍ଥିକ ପୁନରୁଦ୍ଧାର ସଂପର୍କରେ ହୋଇଥିବା ଆଲୋଚନାରୁ ଜଣାଯାଇଛି ଯେ ରାଜ୍ୟରେ ଖରିଫ ଫସଲ ଅବସ୍ଥା ବହୁତ ଭଲ ଅଛି ଏବଂ ବର୍ତମାନ ବର୍ଷା ଲାଗି ନ ରହିଲେ, ଚଳିତ ବର୍ଷ ରେକର୍ଡ ଖରିଫ ଉତ୍ପାଦନ ହେବ । ସେହିପରି ରୋଜଗାର ସୃଷ୍ଟିରେ ପଂଚାୟତିରାଜ ବିଭାଗ ଚଳିତବର୍ଷ ୨୦ କୋଟି ମାନବ ଦିବସ ସୃଷ୍ଟି ଲକ୍ଷ୍ୟରୁ ବର୍ତମାନ ସୁଦ୍ଧା ୧୦ କୋଟିରୁ ଅଧିକ ମାନବ ଦିବସ ସୃଷ୍ଟି କରିସାରିଛି। ସେହିପରି ରାଜ୍ୟର ସମସ୍ତ ବଡ ବଡ ଶିଳ୍ପ ସ୍ୱାଭାବିକ ଭାବେ କାର୍ଯ୍ୟ କରୁଥିବା ବେଳେ, ୮୫ ପ୍ରତିଶତ ଏମଏସଏମଇ କାମ ଆରମ୍ଭ କଲେଣି । ଉତ୍ପାଦନ ହାର ୮୦ ପ୍ରତିଶତ ରହିଛି । ଏହି ସମୟ ମଧ୍ୟରେ ରାଜ୍ୟରେ ୨୫ ହଜାର କୋଟି ଟଙ୍କାର ୩୬ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ଦିଆଯାଉଛି । ମୋ ସରକାର କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀ ମାନେ କୋଭିଡ ହସ୍‌ପିଟାଲ ଓ ଗୃହ ସଂଗରୋଧରେ ଥିବା ରୋଗୀ ମାନଙ୍କ ଠାରୁ ପାଇଥିବା ମତାମତ ଭିତିରେ ଭବିଷ୍ୟତ ପଦକ୍ଷେପ ପାଇଁ ବୈଠକରେ ସ୍ଥିର କରାଯାଇଥିଲା ।ବୈଠକରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

### ଆହୁରି ୨ ...

ମଧ୍ୟାହ୍ନ ସୁଦ୍ଧା ଉପକୂଳ ଓଡ଼ିଶା ଓ ଆଭ୍ୟନ୍ତରୀଣ ଓଡିଶାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ଅଧିକ ରହିଛି। ଏହି ସମୟ ମଧ୍ୟରେ ଉପକୂଳ ଜିଲ୍ଲା ଗୁଡିକ ସମେତ ବଲାଙ୍ଗୀର , ନୂଆପଡା, ବୌଦ୍ଧ , କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ ବର୍ଷା ସହ ବଜ୍ରପାତ ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### କଟକ ନାବାଳିକା...

ମହିଳାଙ୍କ ସୁରକ୍ଷାରେ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସହ ଏହି ଘଟଣାରେ ସଂପୃକ୍ତ ଅପରାଧୀଙ୍କୁ ଗିରଫ କରି ସେମାନଙ୍କ ବିରୁଦ୍ଧରେ ପୋକସୋ ଆକ୍ଟ ଲଗାଇ ଫାଶୀ ଦେବାର ବ୍ୟବସ୍ଥା କରନ୍ତୁ । ରାଜ୍ୟରେ ଦିନକୁ ଦିନ ଦୁଷ୍କର୍ମ ବଢୁଥିବାବେଳେ ମୁଖ୍ୟମନ୍ତ୍ରୀ ନୀରବ ନରହି କେବେ ମହିଳାଙ୍କ ପ୍ରତି ଜିରୋ ଟଲେରାନ୍ସ ଆଇନ ଆଣିବେ ତାହା ସ୍ପଷ୍ଟ କରନ୍ତୁ ବୋଲି ଡ. ସାମନ୍ତସିଂହାର ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ମହିଳା ମୋର୍ଚ୍ଚା ରାଜ୍ୟ ସଂପାଦିକା ରଶ୍ମିରେଖା ଦାସ ଓ କସ୍ତୁରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ବିଜେପି ପ୍ରାର୍ଥୀ ମାନସ ...

ସେଠରେ ଏକ ଭାବାବେଗମୟ ପରିସ୍ଥିତି ସୃଷ୍ଟି କରିଥିଲା । ଏମିତିକ ସେଠାରେ ଉପସ୍ଥିତ ବିଜେପି ନେତାଙ୍କଠାରୁ କର୍ମୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା। କୋଭିଡ୍ କଟକଣା ମଧ୍ୟରେ ସ୍ୱଳ୍ପ ସଂଖ୍ୟକ କର୍ମୀ ଓ ସହଯେଗୀଙ୍କୁ ନେଇ ମାନସ ପାର୍ଟି ଅଫିସରୁ ପଦଯାତ୍ରାରେ ବାହାରି ସହର ପରିକ୍ରମା ସହ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଏହି ପଦଯାତ୍ରାରେ ମନ୍ତ୍ରୀଙ୍କ ସମେତ ରାଜ୍ୟ ବିରୋଧୀ ଦଳନେତା ପ୍ରଦୀପ୍ତ କୁମାର ନାୟକ, ଉପନେତା ବିଷ୍ଣୁ ସେଠୀ, ବିରୋଧୀଦଳ ମୁଖ୍ୟ ସଚେତନକ ମୋହନ ମାଝୀ, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ, ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକ, ବିଜେପି ବାଲେଶ୍ୱର ଜିଲ୍ଲା ପ୍ରଭାରୀ ଗୋଲକ ନାରାୟଣ ମହାପାତ୍ର, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ଠାକୁର ରଂଜିତ୍ ଦାସ, ପ୍ରଚାର କମିଟି ଅଧ୍ୟକ୍ଷ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଶୋଭନା ମହାନ୍ତି ଓ ପର୍ଶୁରାମ ବେହେରା, ଜୋନାଲ କ୍ଷେତ୍ରିୟ ମିଡିଆ ସଂଯୋଜକ ସତ୍ୟଜିତ୍ ମିଶ୍ର, ରାଜ୍ୟ ନେତ୍ରୀ ସୁଷମା ରାଣୀ ବିଶ୍ୱାଳ, ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ମହିଳା ମୋର୍ଚ୍ଚା ଜିଲ୍ଲା ସଭାପତି କମଳା ବିନ୍ଧାଣୀଙ୍କ ସମେତ ଜିଲ୍ଲା ବିଜେପିର ବହୁ କର୍ମକର୍ତ୍ତା ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ସରକାରୀ ନିୟମ ଅନୁସାରେ କେବଳ କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ଓ ତାଙ୍କ ମାଆଙ୍କ ସହ ମାନସ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଆଜିର ଏହି ପ୍ରାର୍ଥୀପତ୍ର ଦାଖଲ ବେଳେ ବିଜେପି କର୍ମୀଙ୍କ ମହଲରେ ବେଶ୍ ଖୁସୀର ଲହରି ଖେଳିଯାଉଥିବା ଲକ୍ଷ୍ୟ କରାଯାଇଥିଲା।

### ରାମକୃଷ୍ଣପୁର ସେବା...

ହୋଇ ସ୍ୱଳ୍ପ ମୂଲ୍ୟରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏହି ଘଟଣା ସମ୍ପର୍କରେ ୭ ମାସ ଧରି ବାରମ୍ବାର ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରାଯାଉଥିଲେ ମଧ୍ୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏପରିକି ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ ଏ ନେଇ ଗ୍ରାମାଞ୍ଚଳ ଥାନାରେ ଗତ ୨୧.୩.୨୦୨୦ ତାରିଖରେ ଏକ ଅଭିଯୋଗ ମଧ୍ୟ କରାଯାଇଥିଲା। ଯାହା ସେହି ଫାଇଲ ଭିତରେ ରହି ଯାଇଛି। ଫଳରେ ଆଜି ଶ୍ରୀ ଧଳଙ୍କ ନେତୃତ୍ୱରେ ଚାଷୀ ନବକିଶୋର ବଳ, ପୂର୍ବତନ ସରପଞ୍ଚ ମନୋଜ ବିଶ୍ୱାଳ, ରତ୍ନାକର ବିଶ୍ୱାଳ, ତପନ ବାରିକ, କୃଷ୍ଣଚନ୍ଦ୍ର ଦାସ, ସୁରେନ୍ଦ୍ର ଜେନା, ଲୋଚନ ଦାସ ପ୍ରମୁଖ ଦାବୀ ଜଣାଇବା ସହ ଉପଯୁକ୍ତ ତଦନ୍ତ କରି ପ୍ରତାରିତ ଚାଷୀମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ନ କଲେ ଏକ ସପ୍ତାହ ପରେ ଚାଷୀଙ୍କ ସହ ଶ୍ରୀ ଧଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଜଗତସିଂହପୁର ଜିଲ୍ଲାରେ ଖସୁଛି କରୋନା ଗ୍ରାଫ

ପାରାଦ୍ୱୀପ ,୧୪।୧୦ (ନି.ପ୍ର): ସାରା ଦେଶ ତଥା ଓଡିଶାରେ ଆତଙ୍କ ସୃଷ୍ଟି କରିଥିବା କରୋନା ସଂକ୍ରମଣ ବହୁ ଆକ୍ରାନ୍ତ ଓ ମୃତ୍ୟୁ ବରଣ କରିଥିବା ବେଳେ, ଏବେ ଏହାର ପ୍ରକୋପ ଧିରେ ଧିରେ କମିବାର ଲକ୍ଷ୍ୟ କରାଯାଇଛି । ତେବେ ବିଶେଷଜ୍ଞ ମାନେ ଆଗାମୀ ଶୀତ ଋତୁରେ ଅଧିକ ସତର୍କ ରହିବା ପାଇଁ ପରାମର୍ଶ ଦେଇଛନ୍ତି । ସେହିପରି ଜଗତସିଂହପୁର ଜିଲ୍ଲାରେ କରୋନା ଗ୍ରାଫ ନିମ୍ନଗାମୀ ହେଉଥିବା ପରିଲକ୍ଷିତ ହେଉଛି । ତେବେ ଜିଲ୍ଲାରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବନ୍ଦର ସହର ପାରାଦ୍ୱୀପ ରେ ଏହି କରୋନା ର ପ୍ରଭାବ କମୁଥିବାର ପ୍ରତୀୟମାନ ହେଉଛି । ରାଜ୍ୟ, ଜିଲ୍ଲା, ପୋଲିସ ଓ ପାରାଦ୍ୱୀପ ବନ୍ଦର ପ୍ରଶାସନ ର କଠୋର ଓ ସତର୍କତା ମୂଳକ ପଦକ୍ଷେପ ଯୋଗୁଁ ଏହି ସଂକ୍ରମଣ ନିୟନ୍ତ୍ରଣରେ ଥିବା ଜଣାଯାଏ । ତେବେ ଅକ୍ଟୋବର ୧୩ ତାରିଖ ସୁଦ୍ଧା ଜଗତସିଂହପୁର ଜିଲ୍ଲାରେ ସର୍ବମୋଟ ୬୩୦୭ ଜଣ କରୋନା ସଂକ୍ରମଣରେ ଆକ୍ରାନ୍ତ ହୋଇଥିବା ବେଳେ, ୫୫୭୪ଜଣ ସୁସ୍ଥ, ୭୧୭ ଜଣ ଚିକିତ୍ସିତ ଏବଂ ୧୬ଜଣଙ୍କର ମୃତ୍ୟୁ ହୋଇଛି । ଏହି ପରିପ୍ରେକ୍ଷୀରେ ଜନସାଧାରଣ ସାମାଜିକ ଦୂରତ୍ୱ ସମେତ ସମସ୍ତ କୋଭିଡ୍-୧୯ ନିୟମକୁ କଡାକଡି ଭାବେ ପାଳନ କରି ନିଜକୁ ସୁସ୍ଥ ଓ ସୁରକ୍ଷିତ ରଖିବାକୁ ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ଡ. କାହ୍ନୁ ଚରଣ ଧିର ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି ।

## ଗୁଣୁପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଫାଇବାର ଅପଟିକ୍ସ ସମ୍ବନ୍ଧୀୟ ଏକ ସପ୍ତାହବ୍ୟାପୀ କର୍ମଶାଳା

ଗୁଣୁପୁର,୧୪।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଠାରେ ଥିବା ଜିଆଇଇଟି ବିଶ୍ୱବିଦ୍ୟାଳୟର ବେସିକ ସାଇନ୍ସ ଏଣ୍ଡ ହ୍ୟୁମାନିଟିସ ବିଭାଗ ପକ୍ଷରୁ ରିସେଣ୍ଟ ଏଡଭାନ୍ସମେଣ୍ଟ ଇନ ଫାଇବେର ଅପଟିକ୍ସ ସମ୍ବନ୍ଧରେ ଏକ ସପ୍ତାହବ୍ୟାପି ସ୍ୱଳ୍ପ କାଳୀନ ଅନଲାଇନ ତାଲିମ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏହି କର୍ମଶାଳାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନର ମୁଖ୍ୟ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଯୋଗଦେଇ ଫାଇବାର ଅପଟିକ୍ସ ଏବଂ ଏହାର ଅତ୍ୟାଧୁନିକ ବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଏନ.ଭି.ଜେ. ରାଓ ଯୋଗ ଦେଇ କର୍ମଶାଳାର ଉପକାରୀତା ବିଷୟରେ କହିଥିଲେ। ବେସିକ ସାଇନ୍ସ ଏଣ୍ଡ ହ୍ୟୁମାନିଟିସ ବିଭାଗର ମୁଖ୍ୟ ପ୍ରଫେସର ଡ଼ ଦିଲ୍ଲୀପ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ଦେବାଶିଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରଫେସର ବିଶ୍ୱଜିତ ଦଳାଇ, ପ୍ରଫେସର ପ୍ରତିଭା କର,ପ୍ରଫେସର ଜିତେନ୍ଦ୍ର କୁମାର ସାହୁ, ପ୍ରଫେସର ତପନ ପଟ୍ଟନାୟକ ଏବଂ ପ୍ରଫେସର ମିନାକ୍ଷୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏହି ତାଲିମ ଶିବିରରେ ଶତାଧିକ ଛାତ୍ର ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ଗବେଷକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୧୪।୧୦ (ନି.ପ୍ର): ଆଜି ଖୋର୍ଧା ଜିଲ୍ଲାରେ ୩୮୫ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୪୪,୬୭୩ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୬୨୩୦, ବାଲେଶ୍ୱର ଜିଲ୍ଲାରେ ୯୦୦୧, ବରଗଡ ଜିଲ୍ଲାରେ ୭୬୯୭, ଭଦ୍ରକ ଜିଲ୍ଲାରେ ୬୦୯୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୫୫୪୬. ବୌଦ୍ଧ ଜିଲ୍ଲାରେ ୨୨୩୩, କଟକ ଜିଲ୍ଲାରେ ୨୩,୬୧୫, ଦେବଗଡ ଜିଲ୍ଲାରେ ୮୬୯, ଢେଙ୍କାନାଳ ଜିଲ୍ଲାରେ ୪୪୬୯. ଗଜପତି ଜିଲ୍ଲାରେ ୩୭୩୫, ଗଂଜାମ ଜିଲ୍ଲାରେ ୨୦୭୨୫ , ଜଗତସିଂହପୁର ଜିଲ୍ଲାରେ ୬୩୦୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ୯୮୧୩, ଝାରସୁଗୁଡା ଜିଲ୍ଲାରେ ୫୫୫୦, କଳାହାଣ୍ଡି ଜିଲ୍ଲାରେ ୪୨୬୧, କନ୍ଧମାଳ ୫୨୨୩, କେନ୍ଦ୍ରାପଡା ଜିଲ୍ଲାରେ ୬୪୪୬, କେନ୍ଦୁଝର ଜିଲ୍ଲାରେ ୫୩୨୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୬୭୭୦ , ମାଲକାନଗିରି ଜିଲ୍ଲାରେ ୪୩୧୦, ମୟୁରଭଂଜ ଜିଲ୍ଲାରେ ୯୭୬୯. ନବରଙ୍ଗପୁର ଜିଲ୍ଲାରେ ୪୫୪୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୫୯୪୦, ନୂଆପଡା ଜିଲ୍ଲାରେ ୪୪୪୧ , ପୁରୀ ଜିଲ୍ଲାରେ ୧୧,୫୦୪, ରାୟଗଡା ଜିଲ୍ଲାରେ ୭୮୨୧. ସମ୍ବଲପୁର ଜିଲ୍ଲାରେ ୭୩୨୫ . ସୁବର୍ଣପୁର ଜିଲ୍ଲାରେ ୩୮୧୯ ଓ ସୁନ୍ଦରଗଡ ଜିଲ୍ଲାରେ ୯୨୦୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟପୁଲରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୬୭୨୪ ହୋଇଛି ।

## ବିଦ୍ୟୁତ କରେଣ୍ଟ ଲାଗି ଯୁବକ ମୃତ

ଭୁବନ,୧୪।୧୦ (ନି.ପ୍ର): ଭୁବନ ଅଂଚଳରେ ଦୁର୍ଘଟଣା ବିଦ୍ୟୁତ ବିଭାଗର ପିଛା ଛାଡୁନି । ସେସୁ,ଏନଜେନ୍ ପରେ ଟାଟା ପାୱାର ବିଦ୍ୟୁତ ବିତରଣ ଦାୟିତ୍ୱ ନେଇଥିଲେହେଁ ସମସ୍ୟା ସୁଧୁରୁନାହିଁ। ବାରମ୍ବାର ଦୁର୍ଘଟଣା ଘଟି ଚାଲିଛି । ଭୁବନ ବ୍ଲକ ଅନ୍ତର୍ଗତ ସୁରପ୍ରତାପପୁର ଗ୍ରାମ ମଉଳାଭଞ୍ଜ ସାହିରେ ଆଜି ବିଦ୍ୟୁତ କରେଣ୍ଟ ଲାଗି ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ପ୍ରାପ୍ତ ଖବରରୁ ପ୍ରକାଶ ଯେ,କୈଳାସ ସାମଲ ଙ୍କ ପୁଅ ମୁନା ସାମଲ (୩୫) ଆଜି ସକାଳ ୮ ଘଟିକା ସମୟରେ ଜିଆଇ ତାରରେ ଲୁଗା ଶୁଖାଉଥିବା ବେଳେ ବିଦ୍ୟୁତ ଚାର୍ଜ ହୋଇଯାଇଥିବା କାରଣରୁ ତାଙ୍କୁ କରେଣ୍ଟ ଲାଗିଥିଲା । ସେ ଛଟପଟ ହେଉଥିବା ଦେଖି ତାଙ୍କ ମା ଦୌଡିଆସି ଉଦ୍ଧାର କରିବାକୁ ଚେଷ୍ଟା କରିବାକୁ ସେ ମଧ ବିଦ୍ୟୁତ ଆଘାତ ରେ ଗୁରୁତର ହୋଇପଡିଥିଲେ । ତେବେ ଡାକ୍ତର ପୁଅ ମୁନାକୁ ମୃତ ଘୋଷଣା କରିଥିଲେ ଓ ତାଙ୍କ ମା ଚିକିତ୍ସିତ ହେଉଛନ୍ତି । ଏ ସଂପର୍କରେ ଖବର ପାଇ ସୁରପ୍ରତାପପୁର ଫାଣ୍ଡି ଅଧିକାରୀ ମୁରଲୀଧର ନାୟକ ପ୍ରଥମେ ଆହତ ବ୍ୟକ୍ତିଙ୍କ ଘରକୁ ଯାଇ ତଦନ୍ତ କରି ପରେ ଡାକ୍ତରଖାନାରେ ପହଁଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ । ଭୁବନ ଥାନାରେ ଅପମୃତ୍ୟୁ କେଶ ନଂ- ୨୦/୨୦୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ବିଦ୍ୟୁତ ଆଘାତରେ ମୃତଙ୍କ ପରିବାର ବର୍ଗଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ଅର୍ଥ ପାଇଁ ରେମୁଣା ଥାନାରେ ୪ଦିନ ଧରି ଅଟକ ଅଭିଯୁକ୍ତ

## ପୁଲିସ ନିର୍ଯାତନା ପ୍ରତିବାଦରେ ଥାନା ଘେରିଲେ ଗ୍ରାମବାସୀ



ବାଲେଶ୍ୱର,୧୪।୧୦ (ନି.ପ୍ର): ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ ପରିବର୍ତ୍ତେ ୪ ଦିନ ଧରି ଥାନାରେ ଅଟକ ରଖି ନିର୍ଯାତନା ଦିଆଯାଉଥିବାକୁ ବିରୋଧ କରି ଗ୍ରାମବାସୀମାନେ ଆଜି ରେମୁଣା ଥାନା ସମ୍ମୁଖରେ ବିକ୍ଷୋଭ କରିଥିଲେ। ରେମୁଣା ଥାନା ଅନ୍ତର୍ଗତ ତେନ୍ତୁଳିଦା ପୂରୁଖି ଗ୍ରାମର ଯୁବକ ଦିଲ୍ଲୀପ ବିନ୍ଧାଣୀ (୨୭) ଗତ କିଛିଦିନ ପୂର୍ବରୁ ନୀଳଗିରି ରାଧାକିଶୋରପୁର ଅଞ୍ଚଳର ଜନୈକ ବିବାହିତା ମହିଳା (୨ଟି ପିଲାର ମାଆ) ସହ କୁଆଡ଼େ ପଳାଇ ଯାଇଥିଲେ। ପ୍ରେମ ସମ୍ପର୍କରୁ ସେମାନେ ପଳାଇ ଯାଇଥିବା ନେଇ ସେତେବେଳେ ଆଲୋଚନା ହେଉଥିଲା। ତେବେ ମହିଳାଙ୍କ ଶ୍ୱଶୁରଘର ଲୋକଙ୍କ ଅଭିଯାଗ କ୍ରମେ ରେମୁଣା ଥାନା ପୁଲିସ ବହୁ ଖୋଜାଖୋଜି ପରେ ଗତ ରବିବାର ଦିନ ପାରାଦୀପ ଅଞ୍ଚଳରୁ ଏହି ପ୍ରେମୀ ଯୁଗଳଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ମହିଳାଙ୍କୁ ପୁଲିସ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିବା ବେଳେ ଦିଲ୍ଲୀପକୁ ଥାନାକୁ ନେଇ ଆସିଥିଲେ। ତେବେ ଗତ ରବିବାରଠାରୁ ଗିରଫ ହୋଇଥିବା ଦିଲ୍ଲୀପକୁ କୋର୍ଟ ଚାଲାଣ କରିବା ପରିବର୍ତ୍ତେ ପୁଲିସ ଥାନାରେ ଅଟକ ରଖି ନିର୍ଯାତନା ଦେଇ ଚାଲିଥିବା ନେଇ ଜଣାପଡ଼ିବା ପରେ ତାଙ୍କ ପରିବାର ଲୋକେ ଥାନା ଅଧିକାରୀଙ୍କୁ ଗୁହାରୀ କରିଥିଲେ। ମାତ୍ର ଅଧିକାରୀ ଜଣକ କିଛି ଶୁଣିବା ପରିବର୍ତ୍ତେ ସେମାନଙ୍କୁ ଗାଳିଗୁଲଜ କରି ଫେରାଇ ଦେଇଥିଲା। ମାତ୍ର ଥାନାଧିକାରୀଙ୍କୁ ୫୦ ହଜାର ଟଙ୍କା ଦେବା ପାଇଁ ଥାନାର ଜଣେ କନଷ୍ଟେବଳ ଦିଲ୍ଲୀପଙ୍କ ପରିବାର ଲୋକଙ୍କୁ ପରାମର୍ଶ ଦେଇଥିଲେ। ବିନା ଟଙ୍କାରେ ଥାନାଧିକାରୀ ଦିଲ୍ଲୀପକୁ ଛାଡ଼ିବେ ନାହିଁ କିମ୍ବା କୋର୍ଟକୁ ବି ପଠାଇବେ ନାହିଁ ବୋଲି କନଷ୍ଟେବଳ ଜଣକ ତାଙ୍କ ପରିବାରକୁ ଜଣାଇ ଦେଇଥିଲେ। ତେବେ ସେମାନେ ୫ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲେ ବି କନଷ୍ଟେବଳ ସେମାନଙ୍କୁ ଫେରାଇ ଦେଇଥିଲା। ଏହାକୁ ନେଇ ଆଜି ଗ୍ରାମବାସୀମାନେ ଥାନା ଘେରାଓ କରିଥିବା ଲକ୍ଷ୍ୟ କରାଯାଇଥିଲା। ବେଆଇନ୍ ଭାବେ ଜଣେ ଅଭିଯୁକ୍ତକୁ ୪ ଦିନ ଧରି କେଉଁ ନିୟମ ବଳରେ ଥାନାରେ ଅଟକ ରଖି ପୁଲିସ ନିର୍ଯାତନା ଦେଉଛି ବୋଲି ସେମାନେ ପ୍ରଶ୍ନ କରିଥିଲେ। ଉତ୍ତେଜିତ ଗ୍ରାମବାସୀଙ୍କୁ ବିକ୍ଷୋଭ ବାବଦରେ ଖବର ପାଇ ଥାନାଧିକାରୀ ଅପରାହ୍ନ ପର୍ଯ୍ୟନ୍ତ ଥାନାକୁ ଆସି ନଥିଲେ। ଶେଷରେ ଗ୍ରାମବାସୀମାନେ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇ ସେଠାରୁ ଫେରିଥିଲେ। ମିଳିଥିବା ସୂଚନା ଅନୁସାରେ ବିନା ଏଫଆଇଆର ରେଜିଷ୍ଟ୍ରେସନରେ ପୁଲିସ ପ୍ରେମୀ ଯୁଗଳଙ୍କୁ ଉଦ୍ଧାର କରିଥିବା କାରଣରୁ ଦିଲ୍ଲୀପକୁ ଛାଡ଼ିପାରୁ ନାହାନ୍ତି। ଉଦ୍ଧାର ମହିଳାଙ୍କ ସ୍ୱାମୀଙ୍କ ସହ ଥାନାଧିକାରୀ କଥା ହୋଇ ତୁରନ୍ତ ଏକ ଲିଖିତ ଅଭିଯୋଗ ପଇଠ ପାଇଁ ପରାମର୍ଶ ଦେଇଛନ୍ତି। ଅଭିଯୋଗ ପହଞ୍ଚିବା ପରେ ମାମଲା ରୁଜୁ ସହ ଅଭିଯୁକ୍ତ ଦିଲ୍ଲୀପକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାର ଜନୈକ ପୁଲିସ କର୍ମଚାରୀ ପରୋକ୍ଷ ଭାବେ ସୂଚନା ଦେଇଛନ୍ତି। ତେବେ ଅଭିଯୁକ୍ତକୁ ଥାନାରେ ୪ ଦିନ ଅଟକ ରଖିବା ନେଇ ଥାନାଧିକାରୀ ଶ୍ରୀବଲ୍ଲଭ ସାହୁଙ୍କ ଫୋନ କରାଯାଇଥିଲେ ବି ସେ କଲ ରିସିଭ୍ କରିନଥିଲେ।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

# ଦିନକରେ ୧୬୪ ପଜିଟିଭ୍ ଚିହ୍ନଟ : ୯ ହଜାର ଟପିଲା ଜିଲ୍ଲାର କରୋନା ସଂକ୍ରମିତ ସଂଖ୍ୟା

ବାଲେଶ୍ୱର,୧୪।୧୦ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ସମଗ୍ର ବିଶ୍ୱ ପାଇଁ ବିପଦମୟ ସ୍ଥିତି ସୃଷ୍ଟି କରିଛି। ଭାରତ ଭଳି ଜନବହୁଳ ରାଷ୍ଟ୍ରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୨ଲକ୍ଷ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ବି ୧ଲକ୍ଷ ୧୦ ହଜାର ଟପିଛି। ସେହିଭଳି ଓଡ଼ିଶାରେ ଆଜି ଗୋଟିଏ ଦିନରେ ୨୬୦୪ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୨ଲକ୍ଷ ୫୯ହଜାର ୫୪୧ ଛୁଇଁଛି। ଅନ୍ୟପକ୍ଷରେ ଆଜି ୧୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୦୭୨ରେ ପହଞ୍ଚିଛି। ତେବେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର କରୋନା ସଂକ୍ରମଣ ଉଦବେଗ ଜନକ ସ୍ଥିତିକୁ ଯାଉଥିବା ଲକ୍ଷ୍ୟ କରାଯାଇଛି। ଆଜି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୋଟ ୧୬୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୯୦୦୧ରେ ପହଞ୍ଚିଛି। ଏବେ ସୁଦ୍ଧା ଜିଲ୍ଲାରେ ୮୦୪୮ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ହୋଇଥିବା ବେଳେ ଏକ୍ଟିଭ୍ ଥିବା ୮୮୮ ଜଣ କରୋନା ଆକ୍ରାନ୍ତ କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ସହ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଗତକାଲି ଭଳି ଆଜି ବାଲେଶ୍ୱର ଜିଲ୍ଲାର ଜଣେ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥାଇ କରୋନା ଆକ୍ରାନ୍ତ ହୋଇଥିବା ବାଲେଶ୍ୱର ଜିଲ୍ଲାର ୫୬ବର୍ଷର ଜଣେ ପୁରୁଷଙ୍କର ଆଜି ମୃତ୍ୟୁ ହୋଇଥିବା ସରକାରୀ ସୂତ୍ରରୁ ପ୍ରକାଶ। ଅଦ୍ୟାବଧି ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୬୦ରେ ପହଞ୍ଚିଛି। ତେବେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସତର୍କତା ଅବଲମ୍ବନ ପାଇଁ ଜିଲ୍ଲାବାସୀଙ୍କୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

### ବିଜେପି ପ୍ରଚାର କମିଟି ବୈଠକ

# ଉପ-ନିର୍ବାଚନ ରଣନୀତି ଉପରେ ଗୁରୁତ୍ୱ




ବାଲେଶ୍ୱର,୧୪।୧୦ (ନି.ପ୍ର): ବାଲେଶ୍ୱର ଉପ-ନିର୍ବାଚନ ପରିପ୍ରେକ୍ଷୀରେ ବିଜେପି ପ୍ରଚାର କମିଟିର ଏକ ବୈଠକ ସ୍ଥାନୀୟ ସୂରଜ ହୋଟେଲ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିବା ସହିତ ଚଳିତ ଉପ-ନିର୍ବାଚନର ରଣନୀତି ଓ ପ୍ରଚାର ଧାର ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ନିର୍ବାଚନରେ ବିଜେପି ଅତ୍ୟନ୍ତ ଭଲ ସ୍ଥିତିରେ ରହିଥିବା ବେଳେ ବିଜୟ ଆମର ନିଶ୍ଚିତ ବୋଲି ସେ କହିଥିଲେ। କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଭୋଟରମାନଙ୍କୁ ଅବଗତ କରିବା ସାଙ୍ଗକୁ ରାଜ୍ୟ ଶାସକ ଦଳର ପାତରଅନ୍ତର ନୀତି ଉପରେ ଗୁରୁତ୍ୱ ଆରୋପ ପାଇଁ ଅଧ୍ୟକ୍ଷ ଶ୍ରୀ ମହାନ୍ତି ଉପସ୍ଥିତ କମିଟି ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ବିରୋଧୀ ଦଳନେତା ପ୍ରଦୀପ୍ତ କୁମାର ନାୟକ, ଉପନେତା ବିଷ୍ଣୁ ସେଠୀ, ବିରୋଧୀଦଳ ମୁଖ୍ୟ ସଚେତକ ମୋହନ ମାଝୀ, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ, ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକ, ବିଜେପି ବାଲେଶ୍ୱର ଜିଲ୍ଲା ପ୍ରଭାରୀ ଗୋଲକ ନାରାୟଣ ମହାପାତ୍ର, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପ୍ରାର୍ଥୀ ମାନସ କୁମାର ଦତ୍ତ ପ୍ରମୁଖ ଏଥିରେ ଯୋଗଦେଇ ଚଳିତ ଉପ-ନିର୍ବାଚନର ବିଭିନ୍ନ ରଣ କୌଶଳ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟାନ୍ୟ ରାଜନୈତିକ ଦଳଙ୍କ ଅପେକ୍ଷା ବିଜେପି ଭଲ ସ୍ଥିତିରେ ରହିଥିବା ବେଳେ ତୃଣମୂଳସ୍ତରରୁ ସାମୂହିକ ଭାବେ ଚେଷ୍ଟା କରାଗଲେ ଆମେ ନିଶ୍ଚିତ ବିଜୟ ଲାଭ କରିବା ବୋଲି ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟମାନେ ହୃଦବୋଧ କରିଥିଲେ। ତଦନୁଯାୟୀ ସମସ୍ତେ କାର୍ଯ୍ୟ ଜାରି ରଖିବା ପାଇଁ କେନ୍ଦ୍ରମନ୍ତ୍ରୀ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

# ରାମକୃଷ୍ଣପୁର ସେବା ସମବାୟ ସମିତିରେ ବ୍ୟାପକ ଦୁର୍ନୀତି

## ଅଭିଯୋଗର ୭ ମାସ ପରେ ମଧ କାର୍ଯ୍ୟାନୁଷ୍ଠାନ ଶୂନ୍
## କ୍ଷତିଗ୍ରସ୍ତଙ୍କ ଆମରଣ ଅନଶନ ଚେତାବନୀ



ଭଦ୍ରକ,୧୪।୧୦ (ନି.ପ୍ର): ବନ୍ତ ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର ସେବା ସମବାୟ ସମିତିରେ ଧାନ ବିକ୍ରି ପାଇଁ ଚାଷ ଜମି ଅନ୍‌ଲାଇନ୍ ପଞ୍ଜିକରଣରେ ବ୍ୟାପକ ଅନିୟମିତତା ହୋଇଥିବାର ଅଭିଯୋଗ ହୋଇଥିଲା। ଦୀର୍ଘ ୭ ମାସ ପୂର୍ବରୁ ତା।୧୬.୩.୨୦୨୦ରିଖରେ ଦୁର୍ନୀତିର ଶିକାର ହୋଇଥିବା ସଂପୃକ୍ତ ଚାଷୀମାନେ ଏ ସଂକ୍ରାନ୍ତରେ ତଥ୍ୟ ପ୍ରମାଣ ସହ ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ସମବାୟ ସମିତି ଆସିଷ୍ଟାଣ୍ଟ ରେଜଷ୍ଟାର୍‌ଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ, ଅଭିଯୋଗର ୭ ମାସ ଅତିକ୍ରାନ୍ତ ପରେ ମଧ କୋଭିଡ୍ ଆଳ ଦେଖାଇ ପ୍ରଶାସନ ଏହି ଅଭିଯୋଗକୁ ଟାଳି ଦେଉଥିବା ଯୋଗୁ ଆଜି ପୁନର୍ବାର ଚାଷୀମାନେ ଭଣ୍ଡାରିପୋଖରୀ ବିଧାନସଭା ବିଜେପି ନେତା ବଦ୍ରୀ ଧଳଙ୍କ ନେତୃତ୍ୱରେ ଚାଷୀମାନଙ୍କର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଓ ସେବା ସମବାୟ ସମିତିର ଆସିଷ୍ଟାଣ୍ଟ ରେଜିଷ୍ଟାରଙ୍କୁ ଭେଟି ଏ ଘଟଣାର ପୁନଃ ତଦନ୍ତ ସହ ସଂପୃକ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀ କରିଥିଲେ। ପ୍ରକାଶ ଯେ ରାମକୃଷ୍ଣପୁର ସେବା ସମବାୟ ସମିତି ଅଧିନରେ ଥିବା ରାମକୃଷ୍ଣପୁର ଓ ରାମପୁର ଗ୍ରାମର ଶତାଧିକ ଚାଷୀଙ୍କ ଚାଷ ଜମିଗୁଡ଼ିକୁ ଉକ୍ତ ସମବାୟ ସମିତିର ସମ୍ପାଦକ, ଡାଟା ଏଣ୍ଟ୍ରି ଅପରେଟର ଏବଂ କିଛି ଅସାଧୁ ମୁନାଫାଖୋର ବ୍ୟକ୍ତି ରାଜନୈତିକ ଆକ୍ରୋଶ ମନୋଭାବ ରଖି ଚଞ୍ଚକତା ପୂର୍ବକ ପ୍ରକୃତ ଚାଷୀଙ୍କ ନାମ ବଦଳରେ ନକଲି ଚାଷୀମାନଙ୍କ ନାମରେ ଅନଲାଇନ ପଞ୍ଜିକରଣ କରାଇଛନ୍ତି। ଏହାବାଦ୍ ଆହୁରି ଅନେକ ଚାଷୀ ଅନଲାଇନ୍ ପଞ୍ଜିକରଣ ପାଇଁ ଆବଶ୍ୟକୀୟ କାଗଜ ପତ୍ର ସଂପୃକ୍ତ ସମିତିରେ ଧାର୍ଯ୍ୟ ତାରିଖ ସୁଧା ଦାଖଲ କରିଥିଲେ ମଧ ସେମାନଙ୍କୁ ମନ୍ଦ ଉଦ୍ଦେଶ୍ୟ ରଖି ପଞ୍ଜିକରଣରୁ ବାଦ୍ ଦିଆଯାଇଛି। ଯାହାଫଳରେ ସଂପୃକ୍ତ ଚାଷୀମାନେ ପରୋକ୍ଷରେ ସରକାରଙ୍କ ଦ୍ୱାରା ପ୍ରତାରିତ ହୋଇ ନିଜର ଉତ୍ପାଦିତ ଧାନକୁ ସରକାରୀ ମୂଲ୍ୟରେ ବିକ୍ରୟ କରି ନପାରି ବାହାର ରାଜ୍ୟର ଦଲାଲ ମାନଙ୍କ ଦ୍ୱାରା ଶିକାର ▶▶ପୃଷ୍ଠା ୭

### ଶ୍ରୀମନ୍ଦିର ଖୋଲିବା ପ୍ରସଙ୍ଗ

## ୮ଟି ନିଯୋଗର ମତାମତ ଲୋଡ଼ିଲେ ମୁଖ୍ୟପ୍ରଶାସକ

ପୁରୀ,୧୪।୧୦ (ନି.ପ୍ର): ସର୍ବସାଧାରଣଙ୍କ ଲାଗି ଶ୍ରୀମନ୍ଦିର ଖୋଲାଯିବା ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ କ୍ରିଷନ୍ କୁମାର ଆଜି ୮ଟି ନିଯୋଗର କର୍ମକର୍ତ୍ତା ଓ ମୁକ୍ତିମଣ୍ଡପ ପଣ୍ଡିତସଭାର କାର୍ଯ୍ୟକାରୀ ସଭାପତିଙ୍କ ସହିତ ଆଲୋଚନା କରିଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ଦିନ ଗୋଟାଏରେ ମୁଖ୍ୟପ୍ରଶାସକ ଦଇତାପତି ନିଯୋଗ, ସୁଦ୍ଧ ସୁଆର ନିଯୋଗ, ମୁଦୁଲି ନିଯୋଗ, ଘଟୁଆରୀ ନିଯୋଗ, ମହା ସୁଆର ନିଯୋଗ, ଚୁନରା ନିଯୋଗ, ପାଣିଆପଟ ନିଯୋଗ, ଅଖଣ୍ଡ ମେକାପ ନିଯୋଗ କର୍ମକର୍ତ୍ତା ମାନଙ୍କ ସହିତ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରି ଶ୍ରୀମନ୍ଦିର ଖୋଲାଯିବା ସମ୍ପର୍କରେ ସେମାନଙ୍କର ମତାମତ ଲୋଡ଼ିଥିଲେ। ଆଲୋଚନା ସମୟରେ ଶ୍ରୀମନ୍ଦିର ପରିଚାଳନା କମିଟିରେ ଥିବା ସେବାୟତ ପ୍ରତିନିଧିମାନେ ମଧ ଉପସ୍ଥିତ ରହି ସେମାନଙ୍କ ମତାମତ ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ଶ୍ରୀମନ୍ଦିର ପ୍ରଶାସକ (ନୀତି) ଓ ଶ୍ରୀମନ୍ଦିର ପ୍ରଶାସକ (ଉନ୍ନୟନ) ମଧ ଆଲୋଚନା ସମୟରେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟଯେ, ମହାମାରୀ କରୋନା ସଂକ୍ରମଣ ଯୋଗୁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବେଶ ବାରଣ କରାଯାଇଛି। ଶ୍ରୀମନ୍ଦିର ଖୋଲାଯିବା ସମ୍ପର୍କିତ ମତାମତ ସଂଗ୍ରହ ପ୍ରକ୍ରିୟା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ।

# ବେହାଲ୍ ଗୁଣୁପୁର : ଗୁଣୁପୁରରେ କୃତ୍ରିମ ବନ୍ୟା





ଗୁଣୁପୁର,୧୪।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ସହରରେ ଲଘୁଚାପଜନିତ ବର୍ଷା ଚାରି ଦିନ ହେବ ଅହରହ ଚାଲିଥିବା ବେଳେ ବୁଧବାର ଅପରାହ୍ନରେ ପ୍ରବଳରୁ ପ୍ରବଳ ବର୍ଷା ହୋଇଛି। ଯାହାଫଳରେ ସହରର ଉପଜିଲ୍ଲାପାଳଙ୍କ ଅଫିସ୍, ସ୍ଥାନୀୟ ମଙ୍ଗଳା ମନ୍ଦିର, ନୂଆ ବସ୍ ଷ୍ଟାଣ୍ଡ, ବାଇପାସ୍ ଛକ, ଏସ୍‌ପି ଗୁଡା ଛକ ଓ ସହରର ସବୁ ଗଳି କନ୍ଦିରେ ବର୍ଷା ପାଣି ପୁରା ଲୋକଙ୍କୁ ପାଗଳ କରିଛି। ସବୁଠି ପାଣି ହିଁ ପାଣି ଓ ରାଜ ରାସ୍ତାରେ ଦେଢ଼ ଫୁଟ ପାଣି ଚାଲିବା ବହୁତ୍ ଦିନ ପରେ ସହର ପାଇଁ ପ୍ରଥମଥର ହୋଇଥିବା ଦେଖିବାକୁ ମିଳିଛି। ସହରରେ ମୁନିସ୍ପାଲଟିର ବେଖାତିର୍ କାମ ଯୋଗୁଁ ଆଜି ଏହି ପରିସ୍ଥିତି ହୋଇଥିବା ଜଣାପଡୁଛି। ଯଦି ସହରରେ ଡ୍ରେଇନେଜ୍ ର ସୁବ୍ୟବସ୍ଥା ହୋଇଥିଲେ ଆଜି ଏହି ପରିସ୍ଥିତି ହୋଇନଥାନ୍ତା ବୋଲି ସାଧାରଣରେ ପ୍ରକାଶ ପାଇଛି। ସୋସିଆଲ ମିଡ଼ିଆ ରେ ଆଜି ପୁରା ବର୍ଷା ପାଣିର ଫୋଟୋରେ ଭରପୁର ହେବା ଦେଖିବାକୁ ମିଳିଛି। ଅପରାହ୍ନରୁ ବିଜୁଳି ସରବାହ ବି ପୁରା ବନ୍ଦ ହୋଇଯାଇଛି। ହେଲେ ଲୋକେ ଚାହିଁ ବସିଛନ୍ତି କେତେବେଳେ ବିଜୁଳି ଆସିବ। ପ୍ରଶାସନ ତରଫରୁ ଲୋକଙ୍କୁ ରହିବା ଓ ଖାଇବା ବ୍ୟବସ୍ଥା ବି ସ୍ଥାନୀୟ ଟାଉନ୍ ହଲ୍ ଠାରେ ଥିବା ଦେଖିବାକୁ ମିଳିଛି ।

# କଂଗ୍ରେସର ପ୍ରାର୍ଥୀ ଚୟନକୁ ବିରୋଧ

ବାଲେଶ୍ୱର,୧୪।୧୦ (ନି.ପ୍ର): ସଦର ଉପ-ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଚୟନକୁ ନେଇ ଅସନ୍ତୋଷ କ୍ରମଶଃ ଦାନା ବାନ୍ଧୁଥିବା ଲକ୍ଷ୍ୟ କରାଯାଇଛି। ଜିଲ୍ଲା କଂଗ୍ରେସ କମିଟି କର୍ମକର୍ତ୍ତାଙ୍କ ସମେତ ସଦର ନିର୍ବାଚନମଣ୍ଡଳୀରେ ବହୁ ଯୋଗ୍ୟ ପ୍ରାର୍ଥୀ ଥିବା ବେଳେ ଜନୈକ ଅନାମଧେୟ ମହିଳାଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ କଂଗ୍ରେସର ସଦସ୍ୟତା ପ୍ରଦାନ ସହ ପ୍ରାର୍ଥୀଭାବେ ମନୋନୀତ କରାଯିବା ପଛର କାରଣକୁ ନେଇ ଆଇନଜୀବୀ ଶେଖ୍ ଅବଦୁଲ ରଫିକ୍ ପ୍ରଶ୍ନ କରିଛନ୍ତି। ଦୀର୍ଘଦିନ ଧରି କଂଗ୍ରେସ ସଂଗଠନକୁ ଚଳାଇ ରଖିଥିବା ଟାଣୁଆ ନେତାଙ୍କୁ ଅଣଦେଖା କରି ପଦସ୍ଥ ଦଳୀୟ କର୍ମକର୍ତ୍ତାମାନେ ଏଭଳି ନିଷ୍ପତି ଗ୍ରହଣ ଆଗାମୀ ଦିନରେ ଦଳ ପାଇଁ କ୍ଷତିକାରକ ହେବ ବୋଲି ସେ କହିଛନ୍ତି। ବିଜେପିର ଉଚ୍ଚସ୍ତରୀୟ ନେତାଙ୍କ ସହ ଆଲୋଚନା କରି କଂଗ୍ରେସ ଏଭଳି ନିଷ୍ପତି ନେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଶେଖ୍ ରଫିକ୍ ଆରୋପ ଉଠାଇଛନ୍ତି। ମମତା କୁଣ୍ଡୁଙ୍କର ପ୍ରାର୍ଥିତ୍ୱକୁ ବିରୋଧ ସହ ଖୁବଶୀଘ୍ର ୧୦ ହଜାର ଦସ୍ତଖତ ସମ୍ବଳିତ ପ୍ରତିବାଦ ପତ୍ର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପଠାଯିବ ବୋଲି ସେ ସୂଚନା ଦେଇଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo